# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17


Vol. 32 | ISSUE 235 | ଭାଗ ୩୨ | ସଂଖ୍ୟା ୨୩୫ | Bhubaneswar | Tuesday 19 November 2024 | Page 8 Rs. 4.00 | ଭୁବନେଶ୍ୱର | ମଙ୍ଗଳବାର ୧୯ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ଆଇପିଏଲ ନିଲାମରେ ଆୟରଙ୍କୁ କିଣିବ ଦିଲ୍ଲୀ କ୍ୟାପିଟାଲ୍ସ ପୃଷ୍ଠା ୬

### ୨୦୩୬ ସୁଦ୍ଧା ମାଛ ଉତ୍ପାଦନରେ ଓଡ଼ିଶା ହେବ ୧ ନମ୍ବର

## ରୋଜଗାରର ନୂଆ ସୁଯୋଗ ‘ପିଏମ୍ ମତ୍ସ୍ୟ ସମ୍ପଦ ଯୋଜନା’




- ସମ୍ବଲପୁର, ଦେବଗଡ଼, ବରଗଡ ଜିଲ୍ଲାରେ ମାଛ ଚାଷ ଦ୍ୱିଗୁଣିତ ହେବ
- ସମ୍ବଲପୁରରେ ମତ୍ସ୍ୟ ସମ୍ପଦ ବିଭାଗର ନୂତନ ଗୃହ ଉଦ୍‌ଘାଟିତ
- କେନ୍ଦ୍ର ସହଯୋଗରେ ସମ୍ବଲପୁରରେ ୧୦୦ କୋଟିର ମତ୍ସ୍ୟ ପାର୍କ କରାଯିବ
- ପୂର୍ବ ସରକାର ନାମକୁମାତ୍ର ବିଭାଗ ପରିଚାଳନା କରୁଥିଲେ

ସମ୍ବଲପୁର,୧୮।୧୧(ସଂଚାର ବ୍ୟୁରୋ): ମତ୍ସ୍ୟ ପାଳନକୁ ଅଗ୍ରାଧିକାର ଦେବା ସହ ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ‘ପିଏମ ମତ୍ସ୍ୟ ସମ୍ପଦ ଯୋଜନା’ ଆରମ୍ଭ କରିଛନ୍ତି। ଆଗାମୀ ବର୍ଷମାନଙ୍କରେ ମତ୍ସ୍ୟ ଉତ୍ପାଦନ ସହ ମାଛ ରପ୍ତାନୀକୁ ଦୁଇଗୁଣା କରିବା ଏବଂ ମତ୍ସ୍ୟ ବିଭାଗ କ୍ଷେତ୍ରରେ ରୋଜଗାରର ଲକ୍ଷ-ଲକ୍ଷ ନୂତନ ସୁଯୋଗ ସୃଷ୍ଟି କରିବା ପାଇଁ ସରକାର ବିହିତ ପଦକ୍ଷେପ ନେଇଛନ୍ତି ବୋଲି ସୋମବାର ସମ୍ବଲପୁର ଜିଲ୍ଲାର ବହିଦାର ନୂଆପାଲି ଠାରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ସମ୍ପଦ ବିଭାଗର ଏକ ନୂତନ ଗୃହ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ମାଛ ଉତ୍ପାଦନ ବୃଦ୍ଧି କରିବା ଦିଗରେ ପରୀକ୍ଷାନିରୀକ୍ଷା କରିବା ପାଇଁ ଏହି ନୂତନ ଭବନରେ ମତ୍ସ୍ୟ ବିଭାଗର ଜିଲ୍ଲା ଓ ଜୋନାଲ କାର୍ଯ୍ୟାଳୟ ସହିତ ଆକ୍ୱାଲ୍ୟାବ୍ ଭବନ ମଧ୍ୟ ରହିଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ମାଛର ସ୍ଥାନ ସ୍ୱତନ୍ତ୍ର। ଅପାର ପୃଷ୍ଠା-୬

## ବାଲିଯାତ୍ରା ମହାବିଭ୍ରାଟ
# ସନ୍ୟାସୀଙ୍କୁ ବିଜୟର ସ୍ୱାଦ ଚଖାଇଲେ ସିନ୍ଦେ

- ଭାଇଚାରା ସହରରେ ସରକାର ବଦନାମ
- ଥାଇଲାଣ୍ଡ ନାଚ ପାଇଁ ଷ୍ଟେଜକୁ ଯାଇପାରିଲେନି ଅସୀମା !
- ସାହି ମୁରବିଙ୍କୁ ଉଦ୍ଦେଶ୍ୟମୂଳକ ଭାବେ କରାଯାଉଛି ଅସମ୍ମାନ



ଭୁବନେଶ୍ୱର,୧୮।୧୧ (ସଂଚାର ବ୍ୟୁରୋ): ବିଜେପି ସରକାରକୁ ବଦନାମ କରିବାକୁ ସନ୍ୟାସୀଙ୍କ ସ୍ୱାଇପର ସେଲ ମୁଖ୍ୟ ତଥା କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଚଳାଇଥିବା ଅଭିଯାନରେ ମିଳୁଛି ଗୋଟିଏ ପରେ ଗୋଟିଏ ସଫଳତା। ଆଉ ଏ ବିଜୟର ଶ୍ରେୟ ଯାଉଛି ସିନ୍ଦେଙ୍କ ଗଡ଼ଫାଦର ସନ୍ୟାସୀଙ୍କୁ। ଦୀର୍ଘ ବର୍ଷ ଧରି ତୃତୀୟ ମହଲାର ନିକଟତର ଥିବା ସନ୍ଦେଙ୍କ ବିରୋଧରେ ଯେତେ ଅଭିଯୋଗ ଆସିଲେ ବି ତାଙ୍କୁ ମିଳୁଥିଲା ପ୍ରାଇଜ ପୋଷ୍ଟିଂ। ସେତେବେଳେ ସନ୍ୟାସୀ କରିଥିବା ସାହାଯ୍ୟର ଋଣ ଏବେ ସୁଝାଉଛନ୍ତି ସନ୍ଦେ ସାହେବ।

କଟକର ଐତିହାସିକ ବାଲିଯାତ୍ରାରେ ଏବର୍ଷ ଦେଖିବାକୁ ମିଳୁଛି ମହାବିଭ୍ରାଟ। ଆରମ୍ଭରୁ ଲଗାତାର ତିନି ଦିନ ଧରି ଗୋଟିଏ ପରେ ଗୋଟିଏ ଏମିତି ଘଟଣା ଘଟୁଛି ଯାହା ସରକାରଙ୍କୁ ଅଠାକାଠିରେ ପକାଉଛି। ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଜିଲ୍ଲାପାଳ ଅଧଘଣ୍ଟା ବିଳମ୍ବ କରାଇଲେ। ପରେ ବ୍ୟାଟେରୀ ଗାଡି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ରାଗିଗଲେ। ସେହିଭଳି ଦ୍ୱିତୀୟ ସନ୍ଧ୍ୟାରେ ମଂଚରୁ ବିଶିଷ୍ଟ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କୁ ପୋଲିସ ବଳପୂର୍ବକ ଓହ୍ଲାଇଦେଲା। ତୃତୀୟ ସନ୍ଧ୍ୟାରେ ଲିଚୁ ଲାଇଟ କରେଣ୍ଟରୁ ଜଣେ ଛାତ୍ରଙ୍କ ମୃତ୍ୟୁ ହେଲା। ବାଲିଯାତ୍ରାରେ ଏମିତି ବିଭ୍ରାଟ ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ଆଉ ଏସବୁ ପାଇଁ ଦାୟୀ ଜିଲ୍ଲା ପ୍ରଶାସନ ଓ ଏହାର ମୁଖିଆ ଜିଲ୍ଲାପାଳ।

ବାଲିଯାତ୍ରାରେ ଭାଇଚାରର ସହର କଟକକୁ ଦେଶ ବିଦେଶରୁ ବହୁ ଲୋକ ଆସିଥାନ୍ତି। ସମସ୍ତଙ୍କୁ ଏହି ଅବସରରେ ସମ୍ମାନର ସହ ଆସିବା, ବୁଲିବା ଓ ରହିବାର ସୁବିଧା କରିଥାନ୍ତି ପ୍ରଶାସନ। ଏଥର କିନ୍ତୁ ଏଥିରେ ମହାବ୍ୟତିକ୍ରମ ଦେଖିବାକୁ ମିଳୁଛି। ଦୀର୍ଘ ସମୟ ଧରି ଥାଇଲାଣ୍ଡ ନାଚ ଚାଲୁଥିବାରୁ ଅସୀମା ପଣ୍ଡା ଷ୍ଟେଜକୁ ଚଢ଼ିବାକୁ ବିଳମ୍ବ ହେଲା। ସେପଟେ ପୋଲିସ ମଧ୍ୟ ପୃଷ୍ଠା-୬

### ନିମନ୍ତ୍ରଣପତ୍ରରେ ନାହିଁ ମୁଖ୍ୟମନ୍ତ୍ରୀଙ୍କ ନାମ



ନଭେମ୍ବର ୧୫ ତାରିଖ ସନ୍ଧ୍ୟାରେ କଟକ ବାଲିଯାତ୍ରାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଉଦଘାଟନ କଲେ। ସାଙ୍ଗରେ ଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟି କଟକ ବିଧାୟକ ସୋଫିଆ ଫିର୍ଦ୍ଦୌଶ ଓ ଅନ୍ୟ ଅତିଥିମାନେ। ହେଲେ ଆଶ୍ଚର୍ଯ୍ୟର କଥା ହେଉଛି ଜିଲ୍ଲା ପୃଷ୍ଠା-୬

### ନିବେଶକଙ୍କ ସହ ‘ଟିମ ମୋହନଙ୍କ’ ମାରାଥନ ବୈଠକ
## ବିକଶିତ ଓଡ଼ିଶା ଗଠନରେ ସହଭାଗୀ ହେବ ସିଙ୍ଗାପୁର



ଭୁବନେଶ୍ୱର,୧୮।୧୧ (ସଂଚାର ବ୍ୟୁରୋ): ସିଙ୍ଗାପୁର ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ମିଳୁଛି ଗୋଟିଏ ପରେ ଗୋଟିଏ ସଫଳତା। ଆଜି ସେ ସିଙ୍ଗାପୁରର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସିମ୍ ଆନଙ୍କୁ ଭେଟିଛନ୍ତି। ସିଙ୍ଗାପୁର ଓ ଓଡ଼ିଶା ମଧ୍ୟରେ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କ ବୃଦ୍ଧି ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏଥିସହ ପର୍ଯ୍ୟଟନ ଓ ଐତିହ୍ୟର ସୁରକ୍ଷା ନେଇ ଦୁଇ ରାଷ୍ଟ୍ର ଭବିଷ୍ୟତରେ ସହଭାଗୀ ହେବା ନେଇ ମଧ୍ୟ ସହମତି ପ୍ରକାଶ ପାଇଛି। ରାଜ୍ୟରେ ଶିଳ୍ପ, ସବୁଜ ଶକ୍ତି ଓ ଟେକ୍ନୋଲୋଜିର ବିକାଶ ପାଇଁ ସିଙ୍ଗାପୁର ସହ ଯୌଥ ଉଦ୍ୟମ ପାଇଁ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ବୈଦେଶିକ ବ୍ୟାପର ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ସିଙ୍ଗାପୁରର ସ୍ମାର୍ଟ ସିଟି ସଲ୍ୟୁସନକୁ ଓଡ଼ିଶା ଆପଣେଇବା ଦିଗରେ ମଧ୍ୟ ମୁଖ୍ୟମନ୍ତ୍ରୀ ଆଗ୍ରହ ପ୍ରକାଶ କରିଛନ୍ତି। ଜଳବାୟୁ, ଡିଜିଟାଲ ବିକାଶ ଓ ଦୀର୍ଘସ୍ଥାୟୀ ଭବିଷ୍ୟତ ଗଠନରେ ସହଭାଗୀ ହେବାକୁ ପୃଷ୍ଠା-୬



### କାନ ଡେରିଆ

ଗୃହ ପ୍ରବେଶରେ ସୁରଜ
ଘରେ ତ
ହୋଇଛି ଅନେକ ଭିଡ଼
ମନ୍ତ୍ରୀମଣ୍ଡଳରେ
ନୂଆଟୋକା ହୋଇ
ବଢ଼ୁଛି ତାହାର କାଢ଼

## ବାବୁଙ୍କ ସମ୍ପତ୍ତି ଦେଖି ଭିଜିଲାନ୍ସ ଟେରା

- ସୁବାସଙ୍କ ଘରୁ ମିଳିଲା କିଲେ ସୁନା
- ପଡ଼ୋଶୀଙ୍କ ଟେରାସ୍‌କୁ ଫୋପାଡ଼ିଦେଲେ ୧୦ଲକ୍ଷ ଟଙ୍କା

ଭୁବନେଶ୍ୱର,୧୮।୧୧ (ସଂଚାର ବ୍ୟୁରୋ):୧୦୦ କି ୨୦୦ ଗ୍ରାମ ନୁହେଁ ସରକାରୀ ବାବୁଙ୍କ ଘରୁ ବାହାରିଛି କେଜିଏ ସୁନା। କେବଳ ଏତିକି ନୁହେଁ ବାବୁ ଏତେ ସମ୍ପତ୍ତି କମେଇଛନ୍ତି ଯେ, ଯାହାକୁ ଦେଖି ଭିଜିଲାନସ୍‌ର ଆଖି ଟେରା ହୋଇଛି। ସରକାରୀ କାମ କରିବା ଭିତରେ ନିଜର ବେନାମୀ ସମ୍ପତ୍ତି ବଢ଼ାଇବାରେ ବ୍ୟସ୍ତ ଥିଲେ ବାବୁ। ଓଡ଼ିଶା ପୋଲିସ୍ ହାଉସିଂ ଓ୍ୱେଲଫେୟାର୍ କର୍ପୋରେସନ୍‌ର ବ୍ରହ୍ମପୁର ଡିଭିଜନର ଡିଜିଏମ୍‌ଙ୍କ ଘରେ ଭିଜିଲାନସ୍ ଚଢ଼ାଉବେଳେ ତାଙ୍କ ବିପୁଳ ବେଆଇନ ସଂପତ୍ତି ପଦାକୁ ଆସିଛି।

ଡିଜିଏମ୍ ସୁବାଷ ଚନ୍ଦ୍ର ପଣ୍ଡା ଘରେ ସୋମବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସୁବାଷଙ୍କ


ନାରାୟଣ ଚନ୍ଦ୍ର ନାୟକ


ସୁବାଷ ଚନ୍ଦ୍ର ପଣ୍ଡା

ଭୁବନେଶ୍ୱର ଓ ବ୍ରହ୍ମପୁର ସମେତ ଏକକାଳୀନ ୪ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ୫ ଜଣ ଡିଏସପି, ୭ ଜଣ ଇନ୍ସପେକ୍ଟର ଓ ଅନ୍ୟ ଭିଜିଲାନ୍ସ କର୍ମଚାରୀ ସାମିଲ ହୋଇଛନ୍ତି। ବାବୁଙ୍କ ସମ୍ପତ୍ତି ଭିଜିଲାନସର ହୋସ୍ ଉଡ଼ାଇଦେଇଛି। କେଜିଏ ସୁନା, ଭୁବନେଶ୍ୱର ବରିମୁଣ୍ଡରେ ୨ ମହଲା କୋଠା, ଭୁବନେଶ୍ୱରରେ ୪ଟି ବହୁମୂଲ୍ୟ ପ୍ଲଟ ରହିଛି। ଏହାସହିତ ଘରୁ ୧୩ ଲକ୍ଷ ଟଙ୍କା, ଗୋଟିଏ କ୍ରେଟା ଓ ଆଉ ଗୋଟିଏ ବେନାମୀ କାର୍ ବି ଠାବ ହୋଇଛି। ସେହିପରି ପୃଷ୍ଠା-୬

## ଜାନୁଆରିରେ ସରିବ ରତ୍ନଭଣ୍ଡାର ଗଣତି

ଭୁବନେଶ୍ୱର,୧୮।୧୧ (ସଂଚାର ବ୍ୟୁରୋ): କାର୍ତ୍ତିକ ମାସରେ ଭକ୍ତଙ୍କ ପ୍ରବଳ ଭିଡ଼ ହେତୁ ଏଏସଆଇ ରତ୍ନଭଣ୍ଡାରର ମରାମତି କାମ କରିପାରି ନ ଥିଲା। ଏବେ ମରାମତି ଆରମ୍ଭ କରିବା ଲାଗି ପ୍ରସ୍ତୁତି ସରିଛି। ଜାନୁଆରି ଶେଷ ସୁଦ୍ଧା ରତ୍ନଭଣ୍ଡାର ଗଣତିମଣତି ଶେଷ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସୂଚନାଯୋଗ୍ୟ, ରତ୍ନଭଣ୍ଡାର ଗଣତିମଣତି ପାଇଁ ଏସଓପି ପ୍ରସ୍ତୁତ ସରିଥିଲା। ଏଏସଆଇ ମରାମତି କରି ସାର୍ଟିଫିକେଟ୍ ଦେବା ପରେ ଗଣତିମଣତି ହେବ। ମରାମତି ଏମିତି ହେବା ଦରକାର, ଯେମିତି ୧୦୦ ବର୍ଷ ପାଇଁ ଆବଶ୍ୟକ ପଡ଼ିବନି। ମରାମତିରେ ପୃଷ୍ଠା-୬

## ଶୁଣିଲାନି ଭରତପୁର ପୋଲିସ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି



ଭୁବନେଶ୍ୱର,୧୮।୧୧ (ସଂଚାର ବ୍ୟୁରୋ): ନୂଆ ସରକାର ଆସିବା ପରେ ଆଶା କରାଯାଇଥିଲା ସବୁଠାରୁ ବିଶୃଙ୍ଖଳିତ ବିଭାଗ ଭାବେ ଜଣାଶୁଣା ପୋଲିସ ବିଭାଗରେ ଅନ୍ତତଃ ପକ୍ଷେ ସୁଧାର ଆସିବ। ପବ୍ଲିକ ଫ୍ରେଣ୍ଡଲି ହେବ ପୋଲିସ। ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଏ ନେଇ ଗୁରୁତ୍ୱାରୋପ କରିବା ସହ ସେ ବିଧାୟକ ଥିବା ସମୟରେ କେନ୍ଦୁଝର ସଦର ଥାନାରେ ତାଙ୍କ ପ୍ରତି ପୋଲିସର ଅଶୋଭନୀୟ ଆଚରଣ ବିଷୟ ସର୍ବସମ୍ମୁଖକୁ ଆଣିଥିଲେ। ଆଇପିଏସ ମାନଙ୍କୁ ଗୁରୁମନ୍ତ୍ର ଦେବା ବେଳେ ସାଧାରଣ ଲୋକଙ୍କ ପ୍ରତି ପୋଲିସର ଆଚରଣ ଓ ଉଚାରଣ ନେଇ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। କିଛିଦିନ ତଳେ ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ଦୁର୍ବ୍ୟବହାର ଘଟଣା ସାରା ଦେଶରେ ଚର୍ଚ୍ଚା ପରେ ଆଶା କରାଯାଉଥିଲା ଏଥର ଚେତିବେ। କିନ୍ତୁ ଏବେ ଅବସ୍ଥା ଯାହାକୁ ସେୟା। ଏକଥା ଆମେ କହୁନୁ ବରଂ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପାଖୁ ଭରତପୁର ଥାନା ବିରୋଧରେ ଆସିଥିବା ଅଭିଯୋଗ ହିଁ ଏହା ବୟାନ କରୁଛି। ଥାନାରେ ନ୍ୟାୟ ପାଇବା ପାଇଁ ନିରାଶ ହେବାପରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗୁହାରି କରିଛନ୍ତି ଆଇଆରସି ଭିଲେଜ ରେଣ୍ଟାଲ କଲୋନୀରେ ରହୁଥିବା ଶିଶିର ମିଶ୍ର। ତାଙ୍କର ଅଭିଯୋଗ ମୁତାବକ ତାଙ୍କ ପୁଅ ସାଗର ମିଶ୍ର ସମ ହସ୍ପିଟାଲ ନିକଟରେ ବସି ଖାଉଥିବା ବେଳେ ୧୦ ରୁ ୧୫ ଦୁର୍ବୃତ୍ତ ତାଙ୍କ ନିକଟକୁ ଆସି ବିୟର ବୋତଲରେ ଅତର୍କିତ ମାଡ଼ ମାରିଥିଲେ। ସାଗର ସେମାନଙ୍କୁ ଚିହ୍ନିନଥିବା ଉପରିକି କେବେ ଦେଖିନଥିବା ପୋଲିସ ଆଗରେ କହିଛନ୍ତି। ସେମାନଙ୍କୁ ଚିହ୍ନଟ କରି ପୋଲିସ ଆଗରେ ପରିଚୟ ଦେବା ପରେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ବୁବୁନ ରାଉତଙ୍କୁ ପୋଲିସ ଧରିନାହିଁ। ବୁବୁନ ଜଣେ ପେଶାଦାର ଅପରାଧୀ ଓ ତାଙ୍କ ବିରୋଧରେ ଅନେକ କେସ ରହିଛି। ବାରମ୍ବାର ଏ ନେଇ ଆଇଆଇସିଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ ନ୍ୟାୟ ନମିଳିବାରୁ ଶେଷରେ ମୁଖ୍ୟମନ୍ତ୍ରୀଙ୍କୁ ନିଜ ଦୁଃଖ ଜଣାଇଛନ୍ତି ଶିଶିର ମିଶ୍ର। ଏହା ଗୋଟିଏ ଘଟଣା ନୁହେଁ, ଏଭଳି ଅନେକ ଘଟଣା ଭରତପୁର ଥାନାରେ ଘଟୁଛି। ପ୍ରଶ୍ନ ଉଠୁଛି ଯେତେବେଳେ ନିଜେ ମୁଖ୍ୟମନ୍ତ୍ରୀ ଲୋକଙ୍କ ପ୍ରତି ନମ୍ର ହେବାକୁ ବାରମ୍ବାର ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି, ଏହା ସତ୍ତ୍ୱେ ତାଙ୍କ ନିର୍ଦ୍ଦେଶକୁ କାହିଁକି ମାନୁନାହାନ୍ତି ଖାକି ବାବୁ ? ନା ଏବେ ବି ପୂର୍ବ ସରକାରର ଅଫିସର ରାଜ ଭୂତ ସେମାନଙ୍କ ଦେହରେ ରହିଛି ? ସେହି ହ୍ୟାଙ୍ଗଓଭର ନ ଛାଡିଲେ ଓଡ଼ିଶା ପୋଲିସ ପୂର୍ବଭଳି ଜାତୀୟ ସ୍ତରରେ ନିନ୍ଦିତ ହେଉଥିବ, ଏଥିରେ କୌଣସି ସନ୍ଦେହ ନାହିଁ।

### ଟ୍ରେଣ୍ଡିଂ ନ୍ୟୁଜ୍

- ତ୍ରିରାଷ୍ଟ୍ରୀୟ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରିଜିଲରେ ପହଞ୍ଚିଲେ। ସେଠାରେ ୧୯ତମ ଜି-୨୦ ରାଷ୍ଟ୍ରଙ୍କ ଶୀଖର ବୈଠକରେ ଯୋଗଦେଇଛନ୍ତି। ଉକ୍ତ ବୈଠକ ଆଜି ଓ ଆସନ୍ତା କାଲି ଦୁଇଦିନ ବସୁଛି।
- ରାଜସ୍ଥାନର ଦୌସା ଜିଲ୍ଲାରେ ବାହାଘର ବେଳେ ବାଣ ଫୁଟାଇବାକୁ କେନ୍ଦ୍ରକରି ହୋଇଥିବା ଯୁକ୍ତିତର୍କ କାରଣରୁ ରବିବାର ରାତିରେ ଜଣେ ବ୍ୟକ୍ତି ୯ଜଣଙ୍କ ଉପରେ କାର୍ ମଡ଼ାଇ ଦେଲେ। ସେମାନଙ୍କ ମଧ୍ୟରୁ ୭ ଗୁରୁତର ହୋଇଛନ୍ତି। ଲାଡପୁରା ଗାଁରେ ଏହି ଅଘଟଣ ଘଟିଛି।
- ସ୍କୁଲ୍ ସଭାକୁ ବିଳମ୍ବରେ ଆସିବାରୁ ଆନ୍ଧ୍ରର ଆଲୁରି ସୀତାରାମରାଜୁ ସ୍ଥିତ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟର ଗୁରୁମା ସାଇ ପ୍ରସନ୍ନା ୧୮ ଛାତ୍ରୀଙ୍କ କେଶ କାଟି ଦେଲେ।
- କୈଳାଶ ଗେହଲତ ମନ୍ତ୍ରୀ ପଦ ସହ ଆପ୍ ଛାଡ଼ିବାର ୨୪ ଘଣ୍ଟା ନ ପୁରୁଣୁ ଦିଲ୍ଲୀର କ୍ଷମତାସୀନ ଆପ୍ ସରକାର ସୋମବାର ଜାଟ୍ ନେତା ରଘୁଭିନ୍ଦରୀ ଶୋକୀନଙ୍କୁ ମନ୍ତ୍ରୀ କରିଛି।
- ପଞ୍ଜାବୀ ଗାୟକ ତଥା ଅଭିନେତା ଦିଲଜିତ ଦୋସାଞ୍ଜ ସବୁ ରାଜ୍ୟରେ ମଦ ନିଷେଧ କରିବାକୁ ଆହ୍ୱାନ କରିବା ସହିତ ନିଜେ କେବେ ବି ମାଦକଦ୍ରବ୍ୟକୁ ପ୍ରୋତ୍ସାହିତ କରିବା ଭଳି ଗୀତ ଗାଇବେନି ବୋଲି କହିଛନ୍ତି।
- ଲେବାନନ ଉପରେ ଇସ୍ରାଏଲ୍ ତୁହାକୁତୁହା ରକେଟ୍ ମାଡ଼ କରିବାରୁ ଅନ୍ୟୁନ ୧୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୮ ଜଣ ଆହତ ହୋଇଛନ୍ତି। ଲେବନାନର ଟାୟର ଅଞ୍ଚଳରେ ଏହି ଆକ୍ରମଣ ହୋଇଛି।
- ଉତ୍ତରାଧିକାରୀ ଚୟନ କରିଛନ୍ତି ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲ୍ଲି ଖାମେନି। ସାନପୁଅ ମୋଜତାବା ଖାମେନିଙ୍କୁ ଉତ୍ତରାଧିକାରୀ କରିଥିବା କୁହାଯାଇଛି। ଖାମେନିଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବା ଗୁପ୍ତ ସୂଚନାରୁ ପ୍ରକାଶ।

## ଆରପାରିରେ ସମୀର

- ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ
- ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଶୋକ
- ଉପକୂଳରେ ବିଜେପି ଅଭ୍ୟୁଦୟର କେନ୍ଦ୍ରବିନ୍ଦୁ ଥିଲେ ଦାଦା



କଟକ, ୧୮।୧୧(ସଂଚାର ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କର କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି।

କଟକର ଟାଣୁଆ ନେତା ତଥା ପୂର୍ବତନ ନଗର ଉନ୍ନୟନ ଓ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସମୀର ଦେ’ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ନିମୋନିଆ, କିଡ୍‌ନୀ, ରକ୍ତଚାପରେ ଆକ୍ରାନ୍ତ ହୋଇଥିଲେ। ଡାକ୍ତରଙ୍କ ଆପ୍ରାଣ ଉଦ୍ୟମ ସତ୍ତ୍ୱେ ସୋମବାର ଆଖି ବୁଜିଛନ୍ତି ବିଜେପିର ଏହି ଭେଟ୍‌ରାନ୍ ନେତା। ହସ୍ପିଟାଲରୁ ସିଡିଏ ସ୍ଥିତ ବାସ ଭବନରେ ତାଙ୍କର ମର ଶରୀର ରଖାଯାଇଛି। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଛନ୍ତି। ଆଜି ରାତିରେ ଖାନ୍‌ନଗର ମଶାଣିରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମୀର ଦେ’ଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ସମୀର ଦେ’ଙ୍କ ବିୟୋଗରେ ସାରା ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, ପୃଷ୍ଠା-୬

## ଓପିଜିସିର ଓଲଟା ଗତି

- ବାନପ୍ରସ୍ଥଙ୍କୁ ସଂସାର ଦାୟିତ୍ୱ
- ଯୁବ ପ୍ରତିଭାଙ୍କୁ ହତାଦର

ଭୁବନେଶ୍ୱର,୧୮।୧୧ (ସଂଚାର ବ୍ୟୁରୋ): ଓଡ଼ିଶା ତାପଜ ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ରେ ଏବେ ବାନପ୍ରସ୍ଥଙ୍କୁ ସଂସାର ଦାୟିତ୍ୱ ଦେବାଭଳି ଅବସ୍ଥା। ଅର୍ଥାତ୍ ଯେଉଁମାନେ ଅବସର ପରେ ଘରେ ବିଶ୍ରାମ ନେବାକଥା ସେମାନଙ୍କୁ ମୋଟା ଅଙ୍କର ବେତନରେ ରଖାଯାଉଛି। କାହାର ବାର୍ଷିକ ଦରମା ୫୦ଲକ୍ଷ ତ ଆଉ କାହାର ୭୭ଲକ୍ଷ। ବର୍ତ୍ତମାନ ଏହି ବାନପ୍ରସ୍ଥଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇଁ ଯୋଜନା ହେଉଥିବା ବି ସୂଚନା ମିଳୁଛି।

ଓପିଜିସିର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ସମ୍ଭାଳିଥିବା ଅଧିକାରୀଙ୍କ ବୟସ ୭୦ ଟପିଗଲାଣି। ପ୍ରାୟ ଦୁଇ ବର୍ଷ ଧରି ସିଏ ଠିକାରେ ଓପିଜିସି ଦାୟିତ୍ୱ ତୁଲାଉଛନ୍ତି। ତାଙ୍କର ବାର୍ଷିକ ଦରମା ହେଉଛି ୭୭ଲକ୍ଷ ଟଙ୍କା। ନିକଟରେ ପରିଚାଳନା ନିର୍ଦ୍ଦେଶକ ପାଇଁ ନିକଟରେ ହୋଇଥିବା ଚୟନ ପରୀକ୍ଷାରେ ଏ ବାବୁ ମଧ୍ୟ ଜଣେ ପରୀକ୍ଷାର୍ଥୀ ଥିବା ଜଣାଯାଇଛି।

ସେହିଭଳି ଓପିଜିସିରେ ଯାନ୍ତ୍ରିକ ମୁଖ୍ୟ ଥିବା ଅଧିକାରୀଙ୍କ ବୟସ ୬୫ ଛୁଇଁଲାଣି। ସିଏ ମଧ୍ୟ ଏଠାରେ ମାସିକ ୫୦ଲକ୍ଷ ଟଙ୍କା ବେତନରେ ନିଯୁକ୍ତ ହୋଇଛନ୍ତି। ସିଭିଲ ଓ ମାନବ ସମ୍ବଳ ମୁଖ୍ୟ ଅଧିକାରୀ ମଧ୍ୟ ବୟସ୍କ। ଏମାନେ ଅବସର ନେବାପରେ ଏଠାରେ ନିଯୁକ୍ତ ହୋଇଛନ୍ତି। ଏମାନଙ୍କ ବାର୍ଷିକ ପାଉଣା ୩୬ ରୁ ୫୦ଲକ୍ଷ ଟଙ୍କା। କିଏ ଠିକାରେ ତ କିଏ କନସଲଟାଣ୍ଟ। ଏବେ ଆଉ ୪ଜଣ ଅବସରପ୍ରାପ୍ତ ବୃଦ୍ଧଙ୍କୁ ଆଣି ଏଠାରେ ମୋଟା ଦରମାରେ ନିଯୁକ୍ତ ଦେବାପାଇଁ ଯୋଜନା ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ତେବେ ଓପିଜିସି ଭଳି ଗୋଟିଏ ଲାଭଜନକ ରାଷ୍ଟ୍ରାୟତ ସଂସ୍ଥାରେ ଉଚ୍ଚଶିକ୍ଷିତ ଦକ୍ଷ ଯୁବକ ପ୍ରତିଭାଙ୍କ ନିଯୁକ୍ତି ପାଇଁ ବାଟ ଖୋଲିବା ବଦଳରେ ସେମାନଙ୍କ ପାଇଁ ବାଟ ବନ୍ଦ କରାଯାଉଛି। ଅବସରପ୍ରାପ୍ତ ବୟସ୍କମାନଙ୍କୁ ଆଣି ଏଠାରେ ନିଯୁକ୍ତ ଦିଆଯିବା ଫଳରେ ରାଜ୍ୟର ଦକ୍ଷ ପ୍ରତିଭାମାନେ ବାହାରକୁ ଚାଲିଯାଉଛି। ଓପିଜିସିର ପରିଚାଳନାମଣ୍ଡଳୀ କିଭଳି ଏହାକୁ ନଦର ଅନ୍ଦାଜ କରୁଛନ୍ତି ତାହା ବଡ ପ୍ରଶ୍ନ ହୋଇଛି।

ରାଜ୍ୟରେ ନୂଆ ସରକାର ଆସିବାପରେ ଅବସରପ୍ରାପ୍ତ ବୟସ୍କ ଲୋକଙ୍କୁ ଆଉ ଠିକା ନିଯୁକ୍ତି ନଦେବାପାଇଁ କହିଥିଲେ। ଏହାକୁ ମଧ୍ୟ ସବୁ ସ୍ତରରେ ସ୍ୱାଗତ କରାଯାଇଥିଲା। ପ୍ରତିଭାବନ ଯୁବକ ଯୁବତୀ ନିଯୁକ୍ତ ପାଇବାର ସ୍ୱପ୍ନ ଦେଖିଥିଲେ। ତେବେ ଘୋଷଣାକୁ ମାସ କେଇଟା ପୂରି ନଥିବାବେଳେ ଶକ୍ତି ବିଭାଗର ବାବୁମାନେ ସରକାରଙ୍କର ଏଭଳି କଥାକୁ ଶକ୍ତିହୀନ କରିଦେବାରେ ଲାଗିଛନ୍ତି। ଲାଭଜନକ ସଂସ୍ଥାରେ ମୋଟା ଅଙ୍କର ଦରମାରେ ବୟସ୍କମାନଙ୍କୁ ନିଯୁକ୍ତି ଦେବାରେ ଲାଗିଛନ୍ତି। ତେବେ ଏଭଳି ନିଯୁକ୍ତି ପରସ୍ପର ବୁଝାମଣା ସହିତ ମୁହଁ ଚାହିଁରେ ହେଉଥିବା ନେଇ ଓପିଜିସିର କର୍ମଚାରୀମାନେ ଆଲୋଚନା କରୁଥିବାବେଳେ ଖୋଦ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ ପାଇଁ ଦାବି ଉଠିଲାଣି।

### ‘କଲ୍‌କୀ’ଙ୍କ କଳା କାରନାମା
## ସରକାରୀ ଜମି ମାଡ଼ିବସିଛି ବୈକୁଣ୍ଠ ଆଶ୍ରମ

ଭୁବନେଶ୍ୱର,୧୮।୧୧ (ସଂଚାର ବ୍ୟୁରୋ): ରାଜଧାନୀର ବୈକୁଣ୍ଠଧାମ ବାବା ‘କଲକୀ ମାଧବ’ଙ୍କ ପିଛା ଛାଡୁନି ବିବାଦ। ବାବା କେଟିଏମ୍ ବାଇକ୍‌ରେ ଗର୍ଲଫ୍ରେଣ୍ଡକୁ ଧରି ବୁଲନ୍ତି, କାଫେ ଓ କ୍ଲବ୍ ଯାଆନ୍ତି। ଏପରି ଅଭିଯୋଗ ଆଣିଛନ୍ତି ବୈକୁଣ୍ଠଧାମ ଆଶ୍ରମକୁ ଯାଉଥିବା ଜଣେ ଭକ୍ତ। କୋଲଥିଆ ଅଞ୍ଚଳରେ ରହୁଥିବା ଜଣେ ଇଞ୍ଜିନିୟରିଂ ଛାତ୍ରୀ ଆଶ୍ରମର ଭିତିରି କଥା କହିଛନ୍ତି। ଘରୋଇ ସମସ୍ୟା ନେଇ ଦୁଇ ମାସ ତଳେ ସେ ବାପା-ମାଆଙ୍କ ସହିତ ଆଶ୍ରମ ଆସିଥିଲେ। ସେତେବେଳେ ବାବାଙ୍କୁ ଅତି ପାଖରୁ ଦେଖିବାକୁ ପାଇଥିଲେ। ବାବାଙ୍କ ବୟସ ୧୮ରୁ ୧୯ ହେବ। ପାଦରେ ତୁଳସୀ, ବେକରେ ଫୁଲ ମାଳ ଓ ଧୋତି ପିନ୍ଧି ବସିଥିଲେ ଏବଂ ଲୋକଙ୍କ ସମସ୍ୟା ଶୁଣୁଥିଲେ। ଆଉ ତାଙ୍କ ପାଖରେ କିଛି ଲୋକ ବସି ଭଜନ କୀର୍ତ୍ତନ କରୁଥିବା ଦେଖିବାକୁ ପାଇଥିଲି ବୋଲି ଯୁବତୀ କହିଛନ୍ତି। ସେ କହିଛନ୍ତି, ବିଜ୍ଞାନ ଯୁଗରେ ଲୋକମାନେ ନାନା ସମସ୍ୟା ପୃଷ୍ଠା-୬

**ତର୍କ ପ୍ରତିଯୋଗିତା**

## ବରିଷ୍ଠରେ ଶୁଭାଶିଷ, କନିଷ୍ଠରେ ପ୍ରିୟରଞ୍ଜନ ପ୍ରଥମ



**ନୟାଗଡ଼, ୧୮।୧୧ (ସଂଚାର ବ୍ୟୁରୋ):** ଦୈନିକ ଖବରକାଗଜ 'ସକାଳ'ର ୪ର୍ଥ ସ୍ୱର୍ଣ୍ଣକ୍ଷତ୍ର ଦିବସ ଉପଲକ୍ଷେ ନୟାଗଡ଼ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ବ୍ଲକ ସଭାଗୃହରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ଅନେକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । କନିଷ୍ଠ ବର୍ଗରେ ବିଚାରକ ଭାବେ ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ମହମ୍ମଦ ଓମାର ମଲ୍ଲିକ, ସାମ୍ବାଦିକ ରାମକୃଷ୍ଣ ରଥ, ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଶୁଭ୍ରାଂଶୁ ବିଶ୍ୱାଳ ଦାୟିତ୍ୱ ନିର୍ବାହ କରିଥିଲେ । ନୟାଗଡ଼ ଏନ୍‌ଏସି ଉଚ୍ଚ ବିଦ୍ୟାଳୟ ଛାତ୍ର ପ୍ରିୟରଞ୍ଜନ ସାହୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଭାପୁର ବ୍ଲକ କଇଁଫୁଲିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ର ପ୍ରଦ୍ୟୁମ୍ନ କୁମାର ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ଓଡ଼ଗାଁ ଛାତ୍ରୀ ଶର୍ମିଷ୍ଠା ପୃଷ୍ଟି ତୃତୀୟ ସ୍ଥାନ ଅଧିକାର କରିଥିଲେ । ବରିଷ୍ଠ ବର୍ଗରେ କବି ଓ ଅନୁବାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସାମ୍ବାଦିକ ବୈଦ୍ୟ ଭୂଷଣ ମହାପାତ୍ର, ସାମ୍ବାଦିକ ଜୟେନ୍ଦ୍ର ବେହେରା ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ । ବରିଷ୍ଠ ବର୍ଗରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ର ଶୁଭାଶିଷ ଦାଶ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ରାଜସୁନାଖଳା ଡିଆଇଇଟି ଛାତ୍ର ସାଗର ବେହେରା ଦ୍ୱିତୀୟ, ପଠାଣି ସାମନ୍ତ ମହାବିଦ୍ୟାଳୟ ଛାତ୍ରୀ ସ୍ୱର୍ଣ୍ଣପ୍ରଭା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଦୈନିକ 'ସକାଳ' ନୟାଗଡ଼ ଜିଲ୍ଲା ପ୍ରତିନିଧି ଅନୀଲ କୁମାର ପଣ୍ଡାଙ୍କ ତତ୍ୱାବଧାନରେ ଆୟୋଜିତ ବିତର୍କ ପ୍ରତିଯୋଗିତା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ । ସମସ୍ତ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

## ଚଉମୁଖରେ ବୋଇତ ବନ୍ଦାଣ ଉତ୍ସବ




**ବାଲିଆପାଳ, ୧୮।୧୧ (ସଂଚାର ବ୍ୟୁରୋ):** ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ଐତିହ୍ୟକୁ ପାଳନ କରିବା ପାଇଁ ସୁବର୍ଣ୍ଣରେଖା ବନ୍ଦର ପ୍ରାଇଭେଟ୍ ଲିମିଟେଡ୍ (ଏସ୍ପିପିଏଲ୍) ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ ବାସନ୍ତୀ ମାତା ପୂଜା କମିଟି ସହଯୋଗରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଅଧୀନସ୍ଥ ଚଉମୁଖଠାରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବାଲିଆପାଳ ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁ, ବାସନ୍ତୀ ମାତା ପୂଜା କମିଟି ସଭାପତି ମାନଗୋବିନ୍ଦ ଜେନା, ସମ୍ପାଦକ ମାନଗୋବିନ୍ଦ ଖିଲାର ଏବଂ ଏସ୍ପିପିଏଲ୍ ଓ ଟିଏସ୍‌ଏଫ୍ ଅଧିକାରୀମାନେ ଯୋଗ ଦେଇଥିଲେ। ବୋଇତ ବନ୍ଦାଣ ଉତ୍ସବରେ ଚଉମୁଖ ଓ ଡାଗରା ପିଏମ୍ଶ୍ରୀ ସ୍କୁଲର ୧୦୦ ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ଏସ୍‌ଏଚ୍‌ଜି ସଦସ୍ୟା ଓ ଲର୍ଣ୍ଣିଂ ସେଣ୍ଟରର ସଦସ୍ୟମାନଙ୍କ ମଧ୍ୟରେ ଏକ ରଙ୍ଗୋଲି ପ୍ରତିଯୋଗିତା ଏବଂ ଗୀତ ଓ ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଉତ୍ସବର ଅନ୍ୟତମ ଆକର୍ଷଣ ଥିଲା "ଶ୍ରେଷ୍ଠ ସାଧବ' ଓ "ଶ୍ରେଷ୍ଠ ସାଧବାଣୀ' ପ୍ରତିଯୋଗିତା। ଯେଉଁଥିରେ ଅଂଶଗ୍ରହଣକାରୀମାନେ ପାରମ୍ପରିକ ପୋଷାକ ପିନ୍ଧି ଭାଗ ନେଇଥିଲେ ଯାହା ଗୋଷ୍ଠୀର ସାଂସ୍କୃତିକ ଐତିହ୍ୟକୁ ଦର୍ଶାଇ ଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଟିଏସ୍‌ଏଫ୍ ସହଯୋଗରେ ପ୍ରସ୍ତୁତ ସବାଇ ଘାଷ କଳାକୃତି, ଦୁଗ୍ଧ ଉତ୍ପାଦ, ଝୋଟ ଓ ଚାନ୍ଦୁଆ ଆଦିକୁ ପ୍ରଦର୍ଶନ କରିଥିଲେ। ସାଙ୍କେତିକ ବୋଇତ ବନ୍ଦାଣ ଉତ୍ସବ ସହ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା ଏବଂ ଏହା ପରେ ଚିତ୍ରାଙ୍କନ, ରଙ୍ଗୋଲି, ଗୀତ ଓ ନୃତ୍ୟ ଭଳି ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ସେମାନଙ୍କ କଳା, ପ୍ରତିଭା ଓ ଐତିହ୍ୟ ଗୌରବ ପାଇଁ ପୁରସ୍କୃତ କରାଯାଇଥିଲା।

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

**କେନ୍ଦ୍ରାପଡା, ୧୮।୧୧ (ସଂଚାର ବ୍ୟୁରୋ):** ସୋମବାର ମଧ୍ୟାନ ୧୨ଘଟିକା ସମୟରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ରାଜ୍ୟ ସରକାରଙ୍କ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି। ବିଶେଷକରି ଧାନ ସଂଗ୍ରହ ପରିଚାଳନା, ମଣ୍ଡି ବ୍ୟବସ୍ଥା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ, ଡିଜିଟାଲ କ୍ରପ କଟିଙ୍ଗ, କୃଷି ଆଦି ସମ୍ପର୍କରେ ସମୀକ୍ଷା କରିବା ସହ ଚଳିତ ବର୍ଷ ଧାନ ସଂଗ୍ରହ କିପରି ସ୍ୱଚ୍ଛତା ଓ ପାରଦର୍ଶିତା ସହ ସମ୍ପାଦିତ ହୋଇପାରିବ ଏବଂ କୃଷକମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଅର୍ଥ ପ୍ରେରଣ, ଧାନ ସଂଗ୍ରହ ପୂର୍ବରୁ ମଣ୍ଡି ଅବସ୍ଥା ସମ୍ପର୍କରେ ତଦନ୍ତ କରିବା, ମଣ୍ଡିରେ କୃଷକମାନଙ୍କ ପାଇଁ ପାନୀୟ ଜଳ ଓ ବସିବାର ବ୍ୟବସ୍ଥା କରିବା, ଧାନ ବିକ୍ରି ସମୟରେ ମଧ୍ୟସ୍ଥିଙ୍କ କର୍ତ୍ତୃତ୍ୱକୁ ଶୂନ୍ୟ କରିବା ଏବଂ ଏଫଏକ୍ୟୁମାନର ଧାନ ସଂଗ୍ରହ କରିବା, କଟନୀ ଛଟନୀ ବନ୍ଦ କରିବା ଉପରେ ଗୁରୁତ୍ୱ ଦେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



ଏହି ସମୀକ୍ଷା ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ଡେପୁଟି ଡାରେକ୍ଟର ପ୍ଲାନିଂ ଆରତୀ ନାୟକ, ସିଡିଭିଓ ଦୀପ୍ତି ମହାପାତ୍ର, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ପ୍ରଫୁଲ କୁମାର ଦାସ, ବିଭିନ୍ନ ବ୍ଲକର ଏମଆଇ ପ୍ରମୁଖ ଯୋଗ ଦେଇଥିଲେ।

ସୂଚନା ଯୋଗ୍ୟ ଯେ, ବର୍ତ୍ତମାନ ଜିଲ୍ଲାରେ ୪ଗୋଟି ଚାଉଳ ସଂଗ୍ରହ କେନ୍ଦ୍ରରେ ମୋଟ ୧୫,୫୦୦ ମେଟ୍ରିକ ଟନ ଚାଉଳ ଗଚ୍ଛିତ ରଖିପାରିବା ବ୍ୟବସ୍ଥା ରହିଛି । ଚାଉଳ ସଂଗ୍ରହ କେନ୍ଦ୍ରରୁ ଫେୟାର ପ୍ରାଇସ ସପ ପର୍ଯ୍ୟନ୍ତ ଚାଉଳ ପରିବହନ ନିମନ୍ତେ ଜିଲ୍ଲାରେ ୧୧ଗୋଟି ଲେବୁଲ ୨ ଟ୍ରାଂସପୋର୍ଟ କଣ୍ଟ୍ରାକଟର ଥିବା ସ୍ଥଳେ ଏଫସିଆଇ ଡିପୋ ରୁ ଚାଉଳ ସଂଗ୍ରହ କେନ୍ଦ୍ରକୁ ଗହମ ପରିବହନ ନିମନ୍ତେ ଜଣେ ଏଲ୍ ୧ କଣ୍ଟ୍ରାକ୍ଟର କାର୍ଯ୍ୟରତ ଅଛନ୍ତି। ଜିଲ୍ଲାରେ ଫେୟାର୍ ପ୍ରାଇସ୍ ସପ୍ ୫୬୦ଗୋଟି ମାଧ୍ୟମରେ ବଣ୍ଟନ ବ୍ୟବସ୍ଥା କରାଯାଉଛି। ଜିଲ୍ଲାରେ ଥିବା ୩ଜଣ କିରୋସିନ ହୋଲସେଲର ସିଧାସଳଖ ଭାବେ କମ୍ପାନୀ ଠାରୁ କିରୋସିନ ଆଣି ଫେୟାର୍ ପ୍ରାଇସ୍ ସପ୍‌କୁ ବଣ୍ଟନ କରନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ସ୍କିମ ଅଧୀନରେ ୩,୨୨,୮୧୫ କାର୍ଡ ମାଧ୍ୟମରେ ୧୨,୦୬,୯୮୭ ସଦସ୍ୟ ଉପକୃତ ହେଉଛନ୍ତି । ନୂତନ ରାଶନ କାର୍ଡ ପ୍ରଦାନ ପାଇଁ ଇ-କେୱାଇସି ଭେରିଫିକେଶନ କାର୍ଯ୍ୟ ୮୧.୭୨% ସରିଯାଇଛି । ଫଳରେ ୧୨,୦୬,୯୮୭ ଜଣଙ୍କ ମଧ୍ୟରୁ ୟୁଆଇଡିଏଆଇ ସର୍ଭର ମାଧ୍ୟମରେ ୯,୮୬,୪୮୩ଜଣଙ୍କ ଇ-କେୱାଇସି ଭେରିଫିକେଶନ ସରିଯାଇଛି । ୨୦୨୪-୨୫ ଖରିଫ ଧାନ ସଂଗ୍ରହ ପାଇଁ ୧୧୮ ଗୋଟି ପ୍ୟାକସ ଅଂଶ ଗ୍ରହଣ କରିବେ। ଏବର୍ଷ ପ୍ରଥମ ପର୍ଯ୍ୟୟରେ ୫୮,୦୦୯ ମେଟ୍ରିକ ଟନ ଧାନ ସଂଗ୍ରହ କରିବାର ଲକ୍ଷ ଧାର୍ଯ୍ୟ କରାଯାଇଛି। ମଣ୍ଡିରେ ଧାନ ସଂଗ୍ରହକୁ ସହଜ ଓ ସୁବିଧା କରିବା ପାଇଁ ୧୧୮ଜଣ ମଣ୍ଡି ନୋଡଲ ଅଫିସର, ୩୮ଜଣ ମଣ୍ଡି ସୁପରଭାଇଜିଙ୍ଗ ଅଫିସର ନିଯୁକ୍ତି ଦିଆଯାଇଛି। ଏହି ମାସ ୨୦ ତାରିଖ ଠାରୁ ଏମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ସହ କୃଷକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ସହ ସ୍ଥାନୀୟ ବିଧାୟକ ମାନଙ୍କର ପରାମର୍ଶ ନେବାକୁ ମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ । ଶେଷରେ ଜିଲ୍ଲାପାଳ ମନ୍ତ୍ରୀ ଓ ସମସ୍ତ ବିଧାୟକଙ୍କୁ ଧନ୍ୟବାଦ ଦେଇଥିଲେ ।

## ସଫେଇ କର୍ମଚାରୀଙ୍କୁ କଣ୍ଟ୍ରୋଲ ଚାଉଳ ନ ମିଳିବାରୁ ମନ୍ତ୍ରୀଙ୍କୁ ଦାବିପତ୍ର

**କେନ୍ଦ୍ରାପଡା, ୧୮।୧୧ (ସଂଚାର ବ୍ୟୁରୋ):** ଛ ଦଫା ଦାବି ନେଇ କଣ୍ଟ୍ରୋଲ ଚାଉଳ ନ ମିଳିବାରୁ ଆଜି କେନ୍ଦ୍ରାପଡା ଜିଲ୍ଲା ମା ମଙ୍ଗଳା ସଫେଇ କର୍ମଚାରୀ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।



ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟକୁ ଏକ ସମୀକ୍ଷା ବୈଠକରେ ଯୋଗ ଦେବାକୁ ଅସିଥିବା ବେଳେ ସଫେଇ କର୍ମଚାରୀ ସଂଘ ପକ୍ଷରୁ ଖାଦ୍ୟ ସୁରକ୍ଷା ଆଇନରେ ସମସ୍ତଙ୍କୁ ରାସନ କାର୍ଡର୍ ମିଳୁଥିବା ବେଳେ ସଫେଇ କର୍ମଚାରୀଙ୍କୁ ଏଥିରୁ ବଂଚିତ କରାଯାଇଛି। ସଫେଇ କର୍ମଚାରୀ ମାନଙ୍କର ପ୍ରତ୍ୟେକ ପରିବାରରେ ୫/୬ ଜଣ ସଦସ୍ୟ ଥିବାବେଳେ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଭାବରେ ଆବେଦନ କଲେ ସରକାରଙ୍କର ଚାକିରିଆ ବୋଲି କହି ଆବେଦନକୁ ଗ୍ରହଣ କରାଯାଉ ନାହିଁ । ଏହି କର୍ମଚାରୀମାନେ ଦିନ ମଜୁରିଆ ଭାବେ କାମ କରୁଥିବା ସତ୍ୱେ ଏମାନଙ୍କୁ ରାସନ କାର୍ଡ ଦିଆଯାଉ ନଥିବା ଅଭିଯୋଗ ଗୁଡିକୁ ନେଇ ମାନ୍ୟବର ଖାଦ୍ୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରି ଖାଦ୍ୟ ସୁରକ୍ଷା ଆଇନ ବଳରେ ଏମାନଙ୍କୁ ରାସନ କାର୍ଡ ଦେବାପାଇଁ ଦାବି କରିଛନ୍ତି।

ଏହି ଦାବିପତ୍ର ପ୍ରଦାନ ସମୟରେ ଉପଦେଷ୍ଟା ଅମର ନାୟକ, ସଭାପତି ମନିନ୍ଦ୍ର କୁମାର ରାଉତଙ୍କ ସମେତ ଗଜି ନାୟକ, ପ୍ରକାଶ ନାୟକ, ରଂଜିତା ଦେଇ, ପ୍ରଭାକର ନାୟକ, ସନ୍ତୁ ନାୟକ, ମୁନା ନାୟକ, ସଂଜୁ ଦେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ସମ୍ବିଧାନର ହୀରକ ଜୟନ୍ତୀ ପାଇଁ ବୁଲିଲା ସଚେତନତା ରଥ

**କେନ୍ଦ୍ରାପଡ଼ା, ୧୮।୧୧ (ସଂଚାର ବ୍ୟୁରୋ):** ସମ୍ବିଧାନ ହୀରକ ଜୟନ୍ତୀ ପାଇଁ କେନ୍ଦ୍ରାପଡ଼ାର ଜିଲ୍ଲାରେ ବୁଲିଲା ୟୁନାଇଟେଡ଼ ଫୋରମର ସଚେତନତା ରଥ । ଜିଲ୍ଲାର ପ୍ରତେକ ବ୍ଲକ ରେ ଆଇନି ପ୍ରଣୟତା ଡ଼ ବି ଆର ଆମ୍ବେଦକରଙ୍କୁ ସମ୍ମାନ ଜଣାଇବା ସହିତ ରଥକୁ ବନ୍ଦାପନା କରିବାର ଦେଖିବାକୁ ମିଳିଛି। ମୂଳ ନିବାସୀ ୟନାଇଟେଡ଼ ଫୋରମ ସଂଘଠନ ତରଫରୁ ସୁପ୍ରଭା ମଲ୍ଲିକ ଙ୍କ ନେତୃତ୍ୱରେ ଏ ସଚେତନତା କାଯ୍ୟକ୍ରମ ସଫଳ ହୋଇଛି । ମୂଳନୀବାସୀ ୟନାଇଟେଡ଼ ଫୋରମର କାର୍ଯ୍ୟକାରି ଅଧ୍ୟକ୍ଷ ମନୋରଞ୍ଜନ ଜେନା, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ସୁପ୍ରଭା ମଲ୍ଲିକ, ଟିଟୁ ମଲ୍ଲିକ, ସୁରେଶ ମଲ୍ଲିକ, ଧନେଶ୍ୱର ମଲ୍ଲିକ, ନକୁଳ ମଲ୍ଲିକ, ସୁବଳ ମଲ୍ଲିକ, ମାନସ ମଲ୍ଲିକ, ଦିଲିପି ମଲ୍ଲିକ, ସନ୍ତୋଷ ସେଠି,ବିଦ୍ୟାଧର ସେଠି, ଭଞ୍ଜ ଜେନାଙ୍କ ସମେତ ଅନେକ ବେକ୍ତି ଏହି ସଚେତନତା ସଭାରେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।



## ରାଜନୈତିକ ବୟାନବାଜି ବନ୍ଦ କରନ୍ତୁ ଜିଲ୍ଲାପାଳ: ବିଜେଡି

**କେନ୍ଦ୍ରାପଡା, ୧୮।୧୧ (ସଂଚାର ବ୍ୟୁରୋ):** ଗତ ଶନିବାର ଦିନ ପାଳନ ହୋଇଯାଇଥିବା ଜାତୀୟ ପ୍ରେସ ଦିବସରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଜିଲ୍ଲାର ସାମଗ୍ରିକ ବିକାଶ ହୋଇପାରି ନ ଥିବା କହିବା ସହିତ ନିଜର ବୟାନରେ ଜିଲ୍ଲାର ବଡ଼ ବଡ଼ ନେତାଙ୍କ ପୋଲ ଖୋଲିଥିଲେ । ଯାହାକୁ ନେଇ ଆଜି ବିଜେଡି ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏହାର ଜବାବ ରଖିଛି । ବିଜେଡି ଜିଲ୍ଲା ଯୁବ ସଭାପତି ରାଜେଶ ଦାସ ପ୍ରେସ୍ ଦିବସରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ବୟାନ ପରେ ତାଙ୍କୁ କଟାକ୍ଷ କରିଛନ୍ତି । ଉଲ୍ଲେଖ କରିଥିବା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଦର୍ଶାଇଛନ୍ତିଯେ ଜିଲ୍ଲାପାଳ ଜିଲ୍ଲାର ବିକାଶ ଦିଗରେ ମନୋନିବେଶ କରିବା ଉଚିତ । କାରଣ ଜିଲ୍ଲାର ବିକାଶ ଦିଗରେ ଜିଲ୍ଲାପାଳଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବର୍ତ୍ତମାନର କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଜିଲ୍ଲାର ବିକାଶ ଦିଗରେ ମନୋନିବେଶ କରିବା ଅପେକ୍ଷା ରାଜନୈତିକ ବୟାନବାଜୀରେ ଲିପ୍ତ ରହିଛନ୍ତି । ତେଣୁ ସେ ଏହି ରାଜନୈତିକ ବୟାନବାଜି ବନ୍ଦ କରନ୍ତୁ ବୋଲି ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ପ୍ରଦାନ କରାଯାଇଛି । ପ୍ରେସ ବିବୃତ୍ତିରେ ଉଲ୍ଲେଖ କରିଛନ୍ତି କେନ୍ଦ୍ରାପଡାର ଜିଲ୍ଲା ହେଉଛି ବହୁ ବିଶିଷ୍ଟ ରାଜନେତାଙ୍କ କର୍ମଭୂମି । ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ରାଜନୈତିକ କର୍ମସ୍ଥଳ ଥୁଲା କେନ୍ଦ୍ରାପଡା । ଅନୁରୂପ ଭାବେ ଏହି ମାଟି ସୁରେନ୍ଦ୍ର ଦ୍ୱିବେଦୀ, ପୂର୍ବତନ ଲୋକସଭା ବାଚସ୍ପତି ରବି ରାୟ, ପ୍ରହଲ୍ଲାଦ ମଲ୍ଲିକ, ଭାଗବତ ପ୍ରସାଦ ମହାନ୍ତି, ବେଦ ପ୍ରକାଶ ଅଗ୍ରୱାଲ, ନଳିନୀ ମହାନ୍ତି, ଶ୍ରୀକାନ୍ତ ଜେନା, ବିଜୟ ମହାପାତ୍ର, ଡା.ସରୋଜକାନ୍ତ କାନୁନଗୋ, ବିଧାୟକ ଗଣେଶ୍ୱର ବେହେରା, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ଧ୍ରୁବ ଚରଣ ସାହୁ ପ୍ରମୁଖ ରାଜ୍ୟ ରାଜନୀତିରେ ଦବ୍‌ଦବା ରଖୁଥୁବା ଅନେକ ରାଜନେତା ରାଜ୍ୟ ଓ ଜାତୀୟ ରାଜନୀତିରେ କେନ୍ଦ୍ରାପଡା ଜିଲ୍ଲାରୁ ପ୍ରତିନିଧିତ୍ୱ କରି ରାଜ୍ୟ ଓ ଦେଶର ବିକାଶରେ ଭାଗିଦାରୀ ହୋଇଛନ୍ତି । ଗତ ୨୪ ବର୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଅନେକ ବିକାଶ ମୂଳକ କାର୍ଯ୍ୟ କେନ୍ଦ୍ରାପଡା ଜିଲ୍ଲାରେ ହୋଇଛି । ବିକାଶ ଏକ ନିରନ୍ତର ପ୍ରକ୍ରୀୟା । ପ୍ରତ୍ୟେକ ରାଜନୈତିକ ଦଳ ନିଜ ସାମର୍ଥ୍ୟ ଅନୁସାରେ କେନ୍ଦ୍ରାପଡାର ବିକାଶରେ ଯୋଗଦାନ ଦେଇଛନ୍ତି । ଜିଲ୍ଲାପାଳ ଜାଣିରଖିବା ଉଚିତ ଏବେ ଯେଉଁ ଗେରୁଆ ରଙ୍ଗର ସାଇନବୋର୍ଡ ସାରା କେନ୍ଦ୍ରାପଡା ଜିଲ୍ଲାରେ ଲଗାଉଛନ୍ତି ସେଥିରେ ଏବେକା ସରକାରଙ୍କର ସାମାନ୍ୟ ତମ ଭୂମିକା ନାହିଁ। ପୂର୍ବ ସରକାର ଅମଳରେ ହୋଇଥିବା ବିକାଶମୂଳକ କାମକୁ ରଙ୍ଗ ପରିବର୍ତ୍ତନକରି ଏବଂ ବିଭିନ୍ନ ଯୋଜନାର ନାମ ପରିବର୍ତ୍ତନକରି ବିକାଶକୁ ମାପୁଥିବା ସରକାରଙ୍କ ନିକଟତର ହେବା ପାଇଁ ଚେଷ୍ଟାକରି ଜିଲ୍ଲାପାଳ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ। ସେ ପ୍ରତ୍ୟେକ ରାଜନୈତିକ ଦଳ ଏବଂ ପ୍ରତ୍ୟେକ କେନ୍ଦ୍ରାପଡିଆ ନେତାଙ୍କର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ଯାହା ଆଦୌ କ୍ଷମଣୀୟ ନୁହେଁ । ଏଥିପାଇଁ ସେ ଦୁଃଖ ପ୍ରକାଶ କରି କ୍ଷମା ପ୍ରାର୍ଥନା କରିବା ଉଚିତ । ବିଜୁ ଜନତା ଦଳ ଏହାର ଦୃଢ ନିନ୍ଦା କରିବା ସହିତ ପ୍ରତିବାଦ କରିଥିବା ଶ୍ରୀ ଦାସ କହିଛନ୍ତି ।

# ଡିଏଫ୍‌ଓ ଅଫିସ ଆଗରେ ସାମ୍ବାଦିକଙ୍କ ଧାରଣା

**ରାଜନଗର, ୧୮।୧୧ (ସଂଚାର ବ୍ୟୁରୋ):** ବଂଗୋପସାଗର କୂଳରେ ଥିବା ପୁରୁଣା ସାତଭାୟା ଜନବସତି ଅଞ୍ଚଳକୁ ସାମ୍ବାଦିକମାନଙ୍କ ପ୍ରବେଶ ଉପରେ ବନବିଭାଗ ଅଘୋଷିତ କଟକଣା ଜାରି କରିଥିଲା। ସାତଭାୟା ଅଞ୍ଚଳରେ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ଲୋକ ଲୋଚନକୁ ଆସିବା ଦ୍ୱାରା ବନବିଭାଗ ବଦନାମ ହେଉଥିବାରୁ କୌଣସି ନିର୍ଦ୍ଦେଶନାମା ନଥାଇ ମଧ୍ୟ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିଲା। ବାତ୍ୟା ଦାନା ସମୟରେ ବିପନ୍ନ ଲୋକଙ୍କୁ ସ୍ଥାନାନ୍ତରଣ ଓ ବାତ୍ୟା ପରେ ବିପନ୍ନ ଲୋକ କେଉଁପରି ଅଛନ୍ତି ଓ ସାତଭାୟାରେ ବାତ୍ୟା ଦାନା କେତେ ପ୍ରଭାବ ପକାଇଛି, ତାର ରିପୋର୍ଟ ଦେଖାଇବାକୁ ବନବିଭାଗ ଛାଡିନଥିଲା। ବାତ୍ୟା ୧୪ଦିନ ପରେ ସ୍ଥାନୀୟ ଲୋକଙ୍କ ସୂଚନା ଆଧାରରେ ସାତଭାୟାରେ ୫୦ରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ଓ ଶହ ଶହ ଗୋରୁ ଅନାହାରରେ ଖବର ପ୍ରକାଶ ପାଇବା ପରେ ସବୁ ମହଲରେ ଆଲୋଡନ ସୃଷ୍ଟି ହୋଇଥିଲା। ଏପରିକି ଅନାହାର ଗୋରୁଙ୍କୁ ଖାଦ୍ୟ ଦେବାକୁ ଆସିଥିବା ବରିଷ୍ଠ ବିଜେପି ନେତା ଭୁବନମୋହନ ଜେନା ଓ ତାଙ୍କ ସହ ଆସିଥିବା ନେତୃମଣ୍ଡଳୀଙ୍କୁ ବାଉଁଶଗଡ଼ ଘାଟରୁ ଫେରାଇ ଦିଆଯାଇଥିଲା।



ଯଦି ସାତଭାୟା ନିଷିଦ୍ଧାଞ୍ଚଳ ତେବେ ବାତ୍ୟା ପରେ ଅନାହାରରେ ମରିଥିବା ଗୋରୁଙ୍କ ପାଇଁ ବନବିଭାଗ ଦାୟୀ ବୋଲି ସବୁ ମହଲରେ ଦାବୀ ହୋଇଥିଲା। କେବଳ ସେତିକି ନୁହେଁ, ସେପ୍ଟେମ୍ବର ୨ ରେ ସାତଭାୟାରେ ଲାଗିଥିବା ୨ଟି କଂଟେନରରେ ପ୍ରାୟ ୧ କୋଟି ଟଙ୍କାର ସାମଗ୍ରୀକୁ ବନବିଭାଗ ଘାଟରେ ପାର କରାଯାଇଥିଲା। କିଛି ବନକର୍ମଚାରୀ ଏହି ଲୁଟ ସାମଗ୍ରୀ ନେଇଥିବା ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ବନବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଗୋଟିଏ ପଟେ କଂଟେନରରୁ ସାମଗ୍ରୀ ଲୁଟ ପାଇଁ ଶହ ଶହ ଲୋକଙ୍କୁ ଛଡାଯାଉଛି, ମାତ୍ର ଅନାହାରରେ ଥିବା ଗୋରୁଙ୍କ ନିକଟକୁ ବିଜେପି ନେତାଙ୍କୁ ଛଡା ଯାଉନି। ଏହାର ପ୍ରତିବାଦରେ ଆଜି ରାଜନଗରରେ କାର୍ଯ୍ୟରତ ପ୍ରିଣ୍ଟ ଓ ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକମାନେ ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।

ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ, ଏସିଏଫ ମାନସ କୁମାର ଦାସ ଧାରଣାରତ ସାମ୍ବାଦିକଙ୍କ ସହ ଆଲୋଚନା କରି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗରେ ପଞ୍ଜିକୃତ ହୋଇଥିବା ସାମ୍ବାଦିକମାନଙ୍କୁ ସାତଭାୟା ଅଞ୍ଚଳକୁ ଛଡାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଆଜି ସୁଦ୍ଧା ଏକ ଏସଓପି ପ୍ରକାଶ ପାଇବ। ସାତଭାୟାରେ କଂଟେନର ଲୁଟ ଓ ବାତ୍ୟା ପରେ ଗୋମୃତ୍ୟୁର ଖବରକୁ ଲୁଚାଇଥିବା ବନକର୍ମଚାରୀଙ୍କ ବିରୁଦ୍ଧରେ ତଦନ୍ତ ପାଇଁ ଏକ କମିଟି ଗଠନ ସହିତ ୭ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବ୍ଲକସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ରାଜନଗର, ୧୮।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସଦରମହକୁମାସ୍ଥିତ ଡିଜେ ଭାଇରସ କ୍ଲବ ଆନୁକୂଲ୍ୟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ୩ଦିନ ଧରି ବ୍ଲକସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜନଗର ବ୍ଲକର ବିଭିନ୍ନ ସ୍ଥାନରୁ ନୃତ୍ୟ ଶିଳ୍ପୀମାନେ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଶ୍ରୀ ସାହୁଙ୍କ ସହିତ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର କୁମାର ମହାପାତ୍ର, ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ନାରାୟଣ ଦାସ, ନାଏବ ସରପଞ୍ଚ ବାଇଧର ସେଠୀ, ଯୁବନେତା ରମଣୀ ରଞ୍ଜନ ମହାପାତ୍ର, ବାଇଧର ସେଠୀ ପ୍ରମୁଖ ଯୋଗଦେଇଥିଲେ।



ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଓଡ଼ିଶା ସିନେମା ଜଗତର ବରିଷ୍ଠ ଗୀତିକାର ବସନ୍ତରାଜ ସାମଲ, ଯୁବକବି ପବିତ୍ର ବ୍ରହ୍ମପୁତ୍ର ନାୟକ, ଅଧ୍ୟାପକ ସଞ୍ଜୟ କୁମାର ବାଗ, ରାଜନଗର ଗ୍ରାମ ପଞ୍ଚାୟତର ସମିତିସଭ୍ୟା ସୁମିତ୍ରା ସେଠୀ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ଯୁବ ସମାଜସେବୀ ରମଣୀ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବରେ ବରିଷ୍ଠ କଳାକାର ରାମଚନ୍ଦ୍ର ବାରିକ, ରୀତା ସେଠୀ, ବିଶ୍ୱମୋହିନୀ ଦାସ, ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ, ଯୋଗଦେଇ ପ୍ରଥମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା କଳାକାରମାନଙ୍କୁ ଚୟନ କରିଥିଲେ। ପ୍ରାରମ୍ଭରେ ସଙ୍ଗୀତ ମୂର୍ଚ୍ଛନାର ଲିପି ମିଶ୍ର, ଆର୍ଯ୍ୟନ ବେହେରା, ଆଶୁତୋଷ ନାଥଶର୍ମା, ତବଲାବାଦକ ପ୍ରକାଶ ରାଉତ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

ଏହି ପ୍ରତିଯୋଗୀତାରେ ଜୁନିୟର ବିଭାଗରେ ସ୍ୱୟଂ ପ୍ରଭା ମହାପ୍ରଭା ପ୍ରଥମ, ପ୍ରିୟମ୍ବଦା ଜେନା ଦ୍ୱିତୀୟ, ବିଜୟାଲକ୍ଷ୍ମୀ ପ୍ରଧାନ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ସିନିୟର ବିଭାଗରେ ବୈଲୋଚନ ଜେନା ପ୍ରଥମ, ଅନୁଷ୍କା ସ୍ୱାଇଁ ୨ୟ, ଯାଜ୍ଞସେନୀ ସେଠୀ ୩ୟ ସ୍ଥାନ ଅଧିକାର କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଦେବଦତ୍ତ ସେଠୀ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ସେଠୀ, ଧିବର ସେଠୀ, ତ୍ରିନାଥ ସେଠୀ, ବଳରାମ ସେଠୀ, କାର୍ତ୍ତିକ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ମୃତ ଝିଅର ଆଖି ଦାନ କଲେ ବାପା ମାଆ

**କେନ୍ଦ୍ରାପଡ଼ା, ୧୮।୧୧ (ସଂଚାର ବ୍ୟୁରୋ):** ଦୁଇବର୍ଷ ୭ ମାସର ଶିଶୁକନ୍ୟାର ଅକାଳ ମୃତ୍ୟୁ ପରେ ତାର ଆଖି ଦାନ କରିଛନ୍ତି ପରିବାର ଲୋକେ । ଏଭଳି ଘଟଣା କେନ୍ଦ୍ରାପଡା ଜିଲ୍ଲା କପାଳେଶ୍ୱର ପଞ୍ଚାୟତର ଗରାପୁର ଗାଁରେ ଦେଖିବାକୁ ମିଳିଛି । ଏହି ଗାଁ ର କୃଷ୍ଣଚନ୍ଦ୍ର ନାୟକ ଓ ଝରଣା ସାହୁଙ୍କ ଦୁଇ ବର୍ଷ ୭ ମାସର ଝିଅ ପ୍ରତ୍ୟୁଷା ପ୍ରିୟଦର୍ଶିନୀ ନାୟକ ନିଜ ମା' ସହ ମହାକାଳପଡ଼ା କେୟାରବାଙ୍କ ସ୍ଥିତ ମାମୁଁଘରକୁ ବୁଲି ଯାଇଥିଲା । ରବିବାର ସନ୍ଧ୍ୟାରେ ଅନ୍ୟ ପିଲାମାନଙ୍କ ସହ ଖେଳୁଥିବା ବେଳେ ତାର ଆଈମା ତାକୁ ଘରକୁ ନେଇ ଆସିଥିଲେ । ସେ ଜିଦି କରି କାନ୍ଦି ଉଠିଥିଲା । କିଛି ସମୟ ପରେ ଝିଅର ରାହା ଫେରିନଥିଲା। ପରିବାର ଲୋକେ ପ୍ରଥମେ ମହାକାଳପଡା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । କିନ୍ତୁ ସେଠାରେ ଡ଼ାକ୍ତର ଝିଅକୁ ମୃତ ଘୋଷଣା କରିଥିଲେ।

ତେବେ କୃଷ୍ଣଚନ୍ଦ୍ର ନାୟକ ଓ ଝରଣା ମୃତ୍ୟୁ ପରେ ନିଜ ଝିଅର ଚକ୍ଷୁ ଦାନ କରିବା ପାଇଁ ଚାହିଁଥିଲେ ।



ସେମାନେ ମେଡିକାଲ କାଛରେ ଲାଗି ଥିବା ପୋଷ୍ଟରରୁ ଯୋଗାଯୋଗ କରି ଝିଅର ଚକ୍ଷୁ ଦାନ କରିଥିଲେ । ଏହାଦ୍ୱାରା ତାଙ୍କ ଝିଅ ପୁଣିଥରେ ଜୀଇଁ ଉଠିବ ବୋଲି କୋହଭରା କଣ୍ଠରେ କହିଛନ୍ତି କୃଷ୍ଣଚନ୍ଦ୍ର। ଝିଅର ଏହି ଅକାଳ ବିୟୋଗରେ ପରିବାର ଲୋକେ ଭାଙ୍ଗି ପଡିଥିବା ବେଳେ ପରିବାରର ଏହି ମହତ୍ କାର୍ଯ୍ୟକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଅଗ୍ନି ବିପନ୍ନ ପରିବାରକୁ ସହାୟତା ଦାବି



**ମହାକାଳପଡ଼ା, ୧୮।୧୧ (ସଂଚାର ବ୍ୟୁରୋ):** ଗତ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଦୁଇ ପରିବାରର ସବୁ କିଛି ଜଳି ପୋଡ଼ି ନଷ୍ଟ ହୋଇଯାଇଛି। ଏଭଳି ଅଭାବନୀୟ ଘଟଣା ମହାକାଳପଡ଼ା ବ୍ଲକ ବିଜୟନଗର ଗ୍ରାମପଞ୍ଚାୟତ ବିଜୟନଗର ଗ୍ରାମର କୈଳାସ ଚନ୍ଦ୍ର ବାରିକ ଓ ଭାରତୀ ବାରିକଙ୍କ ଘରେ ଦେଖିବାକୁ ମିଳିଛି । ମଧ୍ୟ ରାତ୍ରୀରେ ପରିବାର ଲୋକେ ଶୋଇଥିବା ବେଳେ ହଟାତ୍ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ନିଆଁ ସମଗ୍ର ଘରକୁ ବ୍ୟାପିଗଲା। ନିଆଁର କରାଳ ରୂପ ଏତେ ଭୟଙ୍କର ଥିଲା ଯେ, ଘରୁ କୌଣସି ଆସବାବପତ୍ର କାଢ଼ିବା କାହାରି ପକ୍ଷେ ସମ୍ଭବପର ନଥିଲା। ଜୀବନ ବିକଳରେ ସମସ୍ତେ ଚିତ୍କାର କରି ଘରୁ ବାହାରି ଆସିଥିଲେ। ପାଟି ଶୁଣି ସାହି ପଡିଶା ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ହେଲେ ନିଆଁ ବ୍ୟାପିବା ଏତେ ପ୍ରଖର ଥିଲା ଯେ ନିଆଁ ଆୟତ୍ତ କରିବା ସମ୍ଭବ ହୋଇନଥିଲା। କ୍ଷଣକ ମଧ୍ୟରେ ନିଆଁ ର ପ୍ରଖର ଶିଖାରେ ସବୁକିଛି ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ସବୁ କିଛି ଜଳି ପୋଡ଼ି ନଷ୍ଟ ହୋଇଯାଇଥିଲା। ଅଗ୍ନି ବିପନ୍ନ ପରିବାର ଏବେ ବେସାହାରା। ଅତ୍ୟାବଶ୍ୟକ ସାମଗ୍ରୀ ସବୁ କିଛି ନଷ୍ଟ ହୋଇଯିବା ପରେ ଅତି କଷ୍ଟରେ ଖୋଲା ଆକାଶ ତଳେ ରହୁଛନ୍ତି। ସକାଳୁ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ତଦନ୍ତ କରି ଅଗ୍ନି ବିପନ୍ନ ପରିବାରକୁ ପାଲ ଖଣ୍ଡିଏ ଲେଖାଏଁ ପ୍ରଦାନ କରିଛନ୍ତି। ସେହିପରି ସ୍ଥାନୀୟ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଘଟଣା ସମ୍ପର୍କରେ ଜାଣିବା ପରେ ଦୁଃଖ ପ୍ରକାଶ କରିବା ସହିତ ତାଙ୍କ ତରଫରୁ ବ୍ୟକ୍ତିଗତ ସହାୟତା କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ବିପନ୍ନଙ୍କ ପାଖରେ ପହଞ୍ଚାଇଛନ୍ତି। ତୁରନ୍ତ ଏହି ଅଗ୍ନି ବିପନ୍ନ ପରିବାରକୁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

## ଡ. ଦେବ ମହାନ୍ତି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

**କେନ୍ଦ୍ରାପଡ଼ା,୧୮।୧୧(ସଂଚାର ବ୍ୟୁରୋ):** କୁନିକୁନି ଛାତ୍ରଛାତ୍ରୀଙ୍କ ମାନସିକ, ଶାରୀରିକ ଓ ବୌଧିକ ବିକାଶ ହିଁ ବାସ୍ତବ ବିକାଶ । କ୍ରୀଡା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଜୀବନକୁ ଶୃଙ୍ଖଳିତ କରାଯାଇପାରେ। ଶାରୀରିକ ବିକାଶରେ କ୍ରୀଡ଼ା ସହାୟକ ହୋଇଥାଏ। ଶାରୀରିକ ବିକାଶ ହେଲେ ଫୁର୍ତ୍ତି ଆସେ । ଯାହାଦ୍ୱାରା ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇଥାଏ ବୋଲି କ୍ରୀଡ଼ା ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଡ. ଦେବ ମହାନ୍ତି ପବ୍ଲିକ ସ୍କୁଲର ବାର୍ଷିକ କ୍ରିଡ଼ା ଉତ୍ସବ ସ୍ଥାନୀୟ ଚଅଁପୂର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରିଡ଼ା ଉତ୍ସବରେ ଭାଗ ନେଇ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସରପଞ୍ଚ ସୁଧୀର ଚନ୍ଦ୍ର ସାମଲ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ହୃଦାନନ୍ଦ ବେହେରା, ମୁଖ୍ୟବକ୍ତା ଶିକ୍ଷକ ଫକିର ଚରଣ ନାୟକ ବିଦ୍ୟାଳୟ ଇନଚାର୍ଜ ବୀରବର ନାୟକଙ୍କ ସମେତ ବିଦ୍ୟାଳୟ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସିଟି ସ୍କାନ୍ ସେବା ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ



- ଗରିବ ଓ ମଧ୍ୟବିତ୍ତ ବର୍ଗର ଲୋକେ ଉପକୃତ ହେବେ
- ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଲେ

**ସମ୍ବଲପୁର,୧୮।୧୧(ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଏକ 'ନିଶୁଳ୍କ ସିଟି ସ୍କାନ୍ ସେବା'ର ଶୁଭାରମ୍ଭ ହୋଇଛି। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କାନ ସର୍ଭିସର ଲୋକାର୍ପଣ ହେବା ଅବସରରେ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ରାଜ୍ୟରେ ଚିକିତ୍ସା ସେବାର ସୁଦୃଢୀକରଣ କରିବା ଦିଗରେ ନୂଆ ସରକାର ବିହିତ ପଦକ୍ଷେପ ନେଉଛନ୍ତି । ଏହି ସରକାରୀ ହସ୍ପିଟାଲରେ ସିଟି ସ୍କାନ୍ ସେବା ପରିଚାଳନା ପାଇଁ କଟକ ସ୍ଥିତ ଆଡାନେକ୍ସ ହେଲ୍ଥ କେୟାର ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ୍ ଲିମିଟେଡ୍ (ଓଏସ୍ଏମସିଏଲ୍) ସହ ଚୁକ୍ତି ସ୍ୱାକ୍ଷର କରିଛି । ଏହି ଅତ୍ୟାଧୁନିକ ସିଟି ସ୍କାନ୍ ସେବା କାର୍ଯ୍ୟକାରୀ ହେବା ଦ୍ୱାରା ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଗରିବ ଓ ମଧ୍ୟବିତ୍ତ ବର୍ଗର ଲୋକମାନେ ମାଗଣାରେ ନିଜର ସିଟି ସ୍କାନ୍ କରାଇବା ସହ ବିଶେଷ ଉପକୃତ ହୋଇପାରିବେ । ଆଜିର ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଓଡ଼ିଶା ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ଓ ସ୍ଥାନୀୟ ବିଧାୟକ ଜୟ ନାରାୟଣ ମିଶ୍ର ଉପସ୍ଥିତ ଥିଲେ ।

## 'ବିକଶିତ ଭାରତ ଯୁବ ନେତା ବିତର୍କ' ମହୋତ୍ସବ



**ନୂଆଦିଲ୍ଲୀ,୧୮।୧୧:** କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡଭୀୟ ଜାତୀୟ ଯୁବ ମହୋତ୍ସବ (ଏନୱାଇଏଫ) ୨୦୨୫ର ଏକ ରୂପାନ୍ତରିତ ପୁନଃକଳ୍ପନା ସମ୍ପର୍କରେ ଘୋଷଣା କରିଛନ୍ତି। ଭାରତର ଭବିଷ୍ୟତ ଗଠନରେ ଯୁବବର୍ଗଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ସମର୍ଥନ କରି ଏହି ପୁନଃପରିକଳ୍ପିତ ମହୋତ୍ସବକୁ 'ବିକଶିତ ଭାରତ ଯୁବ ନେତା ବିତର୍କ' ନାମ ଦିଆଯାଇଛି। ଏହି ପ୍ରଭାବଶାଳୀ ମଞ୍ଚ ଯୁବ ଭାରତୀୟମାନଙ୍କୁ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ସେମାନଙ୍କର ବିଚାର ଏବଂ ଦୃଷ୍ଟିକୋଣକୁ ଯୋଗଦାନ କରିବାକୁ ସଶକ୍ତ କରିବ। ବିକଶିତ ଭାରତ ଯୁବ ନେତା ବିତର୍କର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ ଡ. ମନସୁଖ ମାଣ୍ଡଭୀୟ କହିଛନ୍ତି ଯେ ଏହି ଉତ୍ସବର ଉଦ୍ଦେଶ୍ୟ ଯୁବ ପ୍ରତିଭାଙ୍କୁ ଚିହ୍ନଟ କରିବା ଏବଂ ପ୍ରୋତ୍ସାହିତ କରିବା ତଥା ସେମାନଙ୍କୁ ବିକଶିତ ଭାରତ ପାଇଁ ସେମାନଙ୍କର ବିଚାର ବ୍ୟକ୍ତ କରିବା ନିମନ୍ତେ ଏକ ମଞ୍ଚ ପ୍ରଦାନ କରିବା। ପ୍ରଧାନମନ୍ତ୍ରୀଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବା ଏବଂ ଭାରତର ଭବିଷ୍ୟତ ପାଇଁ ସେମାନଙ୍କ ବିଚାର ଉପସ୍ଥାପନ କରିବାର ସୁଯୋଗ ଯୁବପିଢ଼ିଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ ହେବ, ଯାହା ଦ୍ୱାରା ରାଜନୀତି ଏବଂ ନାଗରିକ ଜୀବନରେ ଯୁବପିଢ଼ିଙ୍କ ସଂପୃକ୍ତି ବୃଦ୍ଧି ପାଇବ। କେନ୍ଦ୍ରମନ୍ତ୍ରୀ ଚଳିତ ବର୍ଷର ବିକଶିତ ଭାରତ ଯୁବ ନେତା ବିତର୍କର ମୂଳ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି କହିଥିଲେ ଯେ, ଚଳିତ ବର୍ଷର ମହୋତ୍ସବ ଦୁଇଟି ପ୍ରମୁଖ ଲକ୍ଷ୍ୟକୁ ନେଇ ଅନେକ ବିଚାରବିମର୍ଶ ପରେ ଗଠିତ ହୋଇଛି।

## ମକା ଚାଷ ଉପରେ ସଚେତନତା ଓ ତାଲିମ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ):** ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍ (ବ୍ରିକ୍-ଆଇଏଲଏସ୍), ଭୁବନେଶ୍ୱର ପକ୍ଷରୁ ଆଜି ନବରଙ୍ଗପୁରରେ ଜୈବ ପୁଷ୍ଟିଯୁକ୍ତ ମକା ଚାଷ ଉପରେ ଏକ ସଚେତନତା ଏବଂ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇସିଏଆର୍-ସିଆଇଏଫଏ, ଆଇସିଏଆର୍-ସିଟିସିଆରଆଇ ଏବଂ ଆଇସିଏଆର୍-ସିଇଏସ୍ ସହିତ ମିଶି ବ୍ରିକ୍-ଆଇଏଲଏସ୍ ଭାରତ ସରକାରଙ୍କ ଜୈବପ୍ରଯୁକ୍ତି ବିଭାଗ (ଡିବିଟି) ଦ୍ୱାରା ପ୍ରାୟୋଜିତ ବାୟୋଟେକ୍-କିଷାନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି। ପୂର୍ବ ଖରିଫ ଋତୁରେ, ବ୍ରିକ୍- ଆଇଏଲଏସ୍ ୩୦ ଏକର ଜମିରେ ଏଚକ୍ୟୁପିଏମ୍ ୫ ମକା ଚାଷ ଆରମ୍ଭ କରିଥିଲା, ଯେଉଁଥିରେ ପ୍ରୋଭିଟାମିନ୍ ଏ ଏବଂ ଅତ୍ୟାବଶ୍ୟକ ଆମିନୋ ଏସିଡ୍ ପ୍ରଚୁର ମାତ୍ରାରେ ରହିଛି। କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର କୃଷକମାନଙ୍କ ଠାରୁ ଅଧିକ ଚାହିଦା ଥିବାରୁ ଚଳିତ ରବି ଋତୁରେ ଏହି ଅଞ୍ଚଳକୁ ୧୦୦ ଏକରକୁ ସମ୍ପ୍ରସାରିତ କରାଯିବ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁରର ସାଂସଦ ଶ୍ରୀ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ଭତରା, କୋଟପାଡ଼ ବିଧାୟକ ରୂପୁ ଭତରା, ନବରଙ୍ଗପୁର ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କ ସମେତ ଆଇଏଲଏସର ବରିଷ୍ଠ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ।

## ପ୍ରତି ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

### କୃଷକଙ୍କ ପାଇଁ ଆଲୋକବର୍ତ୍ତିକା



**ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ):** ୨୦୨୩ ମସିହାରେ ରାଜ୍ୟରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଓଡିଶାର ପ୍ରାଣିପାଳକ ଏବଂ ମତ୍ସ୍ୟଚାଷୀଙ୍କ ପାଇଁ ଏକ ବହୁ ଚର୍ଚ୍ଚିତ ଘଟଣା ହୋଇପାରିଛି। ମାଛ ଓ ପ୍ରାଣୀଙ୍କ ଜୀବନ୍ତ ପ୍ରଦର୍ଶନ ସହିତ ଷ୍ଟଲ୍ ପ୍ରଦର୍ଶନୀ କୃଷକମାନଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି କରି ବର୍ତ୍ତମାନ ମତ୍ସ୍ୟଚାଷ ଏବଂ ପ୍ରାଣିପାଳନରେ ବୈଜ୍ଞାନିକ ପ୍ରଣାଳୀର ଉପଯୋଗ ପାଇଁ ପ୍ଲାଟଫର୍ମ ଭାବରେ ପରିଗଣିତ ହେଉଛି। ପ୍ରାଣିପାଳନ ଏବଂ ମତ୍ସ୍ୟଚାଷରୁ ଉନ୍ନତ ଲାଭ ପାଇଁ ଟେକ୍ନୋଲୋଜି ବ୍ୟବହାର କରିବାରେ କୃଷକ-ବୈଜ୍ଞାନିକ ମତ-ବିନିମୟ କାର୍ଯ୍ୟକ୍ରମ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାବେଳେ କୃଷକମାନେ ପ୍ରଶ୍ନ ପଚାରିବା ଏବଂ ବିଶେଷଜ୍ଞଙ୍କଠାରୁ ପରାମର୍ଶ ପାଇବାକୁ ଉତ୍ସାହିତ ହେଉଛନ୍ତି। ଚଳିତ ବର୍ଷ ନଭେମ୍ବର ଏବଂ ଡିସେମ୍ବର ମାସରେ ପ୍ରତ୍ୟେକ ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଆୟୋଜନ କରାଯାଉଛି। ଏଥିରେ ଜିଲ୍ଲାର ସମସ୍ତ ବ୍ଲକରୁ କୃଷକମାନେ ଯୋଗଦେବେ। ପ୍ରାଣିପାଳକ, ଗୋପାଳକ, ମତ୍ସ୍ୟଜୀବୀ ଏବଂ ମତ୍ସ୍ୟଚାଷୀ ମାନେ ସେମାନଙ୍କ ମନରେ ଥିବା ସନ୍ଦେହକୁ ଦୂର କରିବା ଏବଂ ମତ୍ସ୍ୟ ଓ ପ୍ରାଣିପାଳନକୁ ଉଦ୍ୟୋଗ ଭାବରେ ଗ୍ରହଣ କରିବା ପାଇଁ ଆତ୍ମବିଶ୍ୱାସ ଲାଭ କରିବେ। ଏହି ଉଦ୍ୟୋଗୀମାନେ ରାଜ୍ୟରେ ଗ୍ରାମୀଣ ଅର୍ଥନୈତିକ ବିକାଶର ପରିବର୍ତ୍ତନ ଏଜେଣ୍ଟ ଭାବରେ କାର୍ଯ୍ୟ କରିବେ। କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ଏବଂ ଆର୍ଥିକ ଲାଭ ମାଧ୍ୟମରେ ସେମାନଙ୍କ ଜୀବନକୁ ସମୃଦ୍ଧ କରିବାର ଲକ୍ଷ୍ୟ ନେଇ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାର ପରିକଳ୍ପନା କରାଯାଇଛି। ଏହି ବର୍ଷ, ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ୮ ନଭେମ୍ବରରୁ ୨୩ ଡିସେମ୍ବର ମଧ୍ୟରେ ଏକ ବ୍ୟାପକ ସମୟ ମଧ୍ୟରେ ଆୟୋଜିତ ହେଉଛି। ରାଜ୍ୟସ୍ତରରୁ ଏହି ମେଳାଗୁଡ଼ିକର ପରିକଳ୍ପନା ଏବଂ ତଦାରଖ କରାଯାଉଛି। ଅନୁଗୁଳ ଓ ଗଜପତି ଜିଲ୍ଲାରେ ମେଳାର ଆୟୋଜନ ଶେଷ ହୋଇଛି ଏବଂ ଆଗାମୀ ୧୯ ଓ ୨୦ ନଭେମ୍ବରରେ ମୟୂରଭଞ୍ଜ, ରାୟଗଡ଼ା ଓ ବୌଦ୍ଧରେ ଏହା ଆୟୋଜିତ ହେବ। ଯାଜପୁର, ଖୋର୍ଦ୍ଧା, ଢେଙ୍କାନାଳ, ନୟାଗଡ଼, ପୁରୀ, ବରଗଡ଼, ଜଗତସିଂହପୁର, ଝାରସୁଗୁଡା, ଭଦ୍ରକ, ନବରଙ୍ଗପୁର ଏବଂ କନ୍ଧମାଳ ଭଳି ଜିଲ୍ଲାରେ ଏହି ମେଳା ଚଳିତ ମାସରେ ଆୟୋଜନ କରାଯାଇ ଥିବାବେଳେ ଡିସେମ୍ବର ମାସରେ ଅନ୍ୟ ଜିଲ୍ଲାଗୁଡ଼ିକରେ ମେଳା ଅନୁଷ୍ଠିତ ହେବ।

## ଟ୍ୱିନ୍ ସିଟି କ୍ରାଇମ୍

### ଶିଶୁ ଶ୍ରମିକକୁ ଉଦ୍ଧାର କଲା ରୁଚିକା ଚାଇଲ୍ଡ ଲାଇନ୍

**ଭୁବନେଶ୍ୱର,୧୮।୧୧(ସଂଚର ବ୍ୟୁରୋ):** ହୋଟେଲରୁ ଜଣେ ୧୧ ବର୍ଷର ଶିଶୁ ଶ୍ରମିକକୁ ଚନ୍ଦ୍ରଶେଖରପୁର ଥାନା ପୁଲିସ ସହଯୋଗରେ ଉଦ୍ଧାର କରିଛି ରୁଚିକା ଚାଇଲ୍ଡ ଲାଇନ ଟିମ୍। ପରେ ଶିଶୁ କଲ୍ୟାଣ ସମିତି ନିକଟରେ ଉପସ୍ଥିତ କରାଯାଇଥିଲା। ଶିଶୁ କଲ୍ୟାଣ ସମିତିର ନିର୍ଦ୍ଦେଶ କ୍ରମେ ପିଲାଟିକୁ ରୁଚିକା ଓପନ ସେଲ୍ଟରକୁ ପଠାଇ ଦିଆଯାଇଛି। ସୂଚନା ଯୋଗ୍ୟଯେ, ଉଦ୍ଧାର ଶିଶୁଟିର ଘର ହେଉଛି ପୁରୀ ଜିଲ୍ଲା କାକଟପୁର ଅଞ୍ଚଳରେ। କିନ୍ତୁ ଗତ କିଛିମାସ ହେବ ଶିଶୁର ପରିବାର ଶୈଳଶ୍ରୀବିହାର ଅଞ୍ଚଳର ଏକ ବସ୍ତିରେ ରହିଆସୁଥିଲେ। କିଛିଦିନ ପୂର୍ବରୁ ଶିଶୁଟିର ବାପା ସମସ୍ତଙ୍କୁ ଛାଡି କୁଆଡେ ଚାଲିଯାଇଥିଲା। ଫଳରେ ପିଲାଟି ସେହି ଅଞ୍ଚଳର ଏକ ହାଲୋ ଷ୍ଟେ ନାମକ ହୋଟେଲରେ ପ୍ରାୟ ୩ ମାସ ହେବ କାମ କରିଆସୁଅଛି। ହୋଟେଲର ମ୍ୟାନେଜର ଦିପୁ ସାମନ୍ତ ପିଲାଟିକୁ ହୋଟେଲରେ ଝାଡୁ ପୋଛା, ପରିବା କଟା, ପାଣି ଦେବା ଇତ୍ୟାଦି କାମରେ ନିୟୋଜିତ କରି ତାକୁ ଶୋଷଣ କରୁଥିଲେ। ଏପଟେ ପିଲାଟିର ମାସିକ ମଜୁରୀ ବାବଦକୁ ପଇସା ତାର ଜେଜେ ମା' ନେଇଯାଏ ବୋଲି ପିଲାଟି କହିଛି। ଏହା ଏକ ଶିଶୁ ଚାଲାଣ ଓ ଶିଶୁ ଶ୍ରମିକ ତଥା ଶିଶୁ ନିର୍ଯ୍ୟାତନା ଘଟଣା। ପିଲାଟିକୁ ଉଦ୍ଧାର କରି ରୁଚିକାର କର୍ମକର୍ତ୍ତା ହରପ୍ରିୟା ପତି, ଘନଶ୍ୟାମ ଭୋଇ ଓ ଅଜୟ କୁମାର ମହାରଣା ଅତିରିକ୍ତ ଶିଶୁ କଲ୍ୟାଣ ସମିତି ନିକଟରେ ଉପସ୍ଥିତ କରାଇଥିଲେ। ପରେ ଶିଶୁ କଲ୍ୟାଣ ସମିତିର ନିର୍ଦ୍ଦେଶକ୍ରମେ ପିଲାଟିକୁ ରୁଚିକା ଓପନ ସେଲ୍ଟରକୁ ପଠାଇ ଦିଆଯାଇଛି। ରୁଚିକା ସମାଜ ମଙ୍ଗଳ ସଂଗଠନ ପକ୍ଷରୁ ଚନ୍ଦ୍ରଶେଖରପୁର ଥାନାରେ ଘଟଣା ସମ୍ପର୍କରେ ଏକ ଏତଲା ଦାୟର କରାଯିବ ବୋଲି ରୁଚିକା ମଙ୍ଗଳ ସଂଗଠନ ପକ୍ଷରୁ ସୂଚନା ଦେଇଛନ୍ତି।

### ଯୁବତୀଙ୍କ ଅଶ୍ଳୀଳ ଫଟୋ ଉଠାଇ ବ୍ଲାକମେଲିଂ ; ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୮।୧୧(ସଂଚର ବ୍ୟୁରୋ):** ଏକ ହୋଟେଲରେ କାର୍ଯ୍ୟ କରୁଥିବା ବେଳେ ଅଭିଯୋଗକାରିଣୀ ଓ ଅଭିଯୁକ୍ତଙ୍କ ମଧ୍ୟରେ ବନ୍ଧୁତା ତା ପରେ ବିବାହର ପ୍ରତିଶ୍ରୁତି। ଏହା ପରେ ଏକ ହୋଟେଲକୁ ଡାକି ଯୁବତୀଙ୍କ ଅନିଚ୍ଛା ସତ୍ୱେ ଯୋରିଜବରଜସ୍ତି ଶାରିରୀକ ସମ୍ପର୍କ ସ୍ଥାପନ କରିଥିଲେ। ଏହି ସମୟରେ ଯୁବତୀଙ୍କ ଅଜାଣତରେ ତାଙ୍କର କିଛି ଆପତ୍ତି ଜନକ ଫଟୋ ଉଠାଇ ଯୁବତୀଙ୍କୁ ଭାଇରାଲ ଧମକ ଦେଇ ବାରମ୍ବାର ସମ୍ପର୍କ ସହ ୭୦ ହଜାର ଟଙ୍କା ଚଳୁ। ପରେ ଜାତି ଭେଦକୁ ବାରଣ କରି ବିବାହ ପାଇଁ ମଧ୍ୟ ମନା କରିଥିଲା ଅଭିଯୁକ୍ତ। ଫଳରେ ଏନେଇ ଯୁବତୀ ଜଣଙ୍କ ମୈତ୍ରୀବିହାର ଥାନାକୁ ଯାଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ପରେ ଅଭିଯୁକ୍ତର ମୋବାଇଲକୁ ଜବତ କରି ଅଭିଯୋଗକାରିଣୀଙ୍କ ମୋବାଇଲରେ ସେଭ ଥିବା ଅଶ୍ଳୀଳ ଫୋଟ ଗୁଡ଼ିକୁ ଡିଲେଟ୍ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲା, ଜଗତସିଂହପୁର ଜିଲ୍ଲାର ସୋମନାଥ ମଲ୍ଲିକ୍। ସୂଚନା ଯୋଗ୍ୟଯେ, ଗତ ୨୦୨୩ ମସିହାରେ ଅଭିଯୋଗକାରିଣୀ ଓ ନିମ୍ନୋକ୍ତ ଅଭିଯୁକ୍ତ ଭୁବନେଶ୍ୱର ମୈତ୍ରୀବିହାର ଥାନା ଅନ୍ତର୍ଗତ ଏକ ହୋଟେଲରେ ଏକତ୍ର କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ସାକ୍ଷାତ ହୋଇଥିଲା।

### ମଦ ଭାଟିରେ ଚଢ଼ଉ: ୨ ଗିରଫ ୩୦୦ ଲିଟର ମଦ ଜବତ

**ଭୁବନେଶ୍ୱର,୧୮।୧୧(ସଂଚର ବ୍ୟୁରୋ):** ସାଲିଆସାହିର ଇଡ଼କୋ ବସ୍ତିରେ ଚାଲିଥିବା ଦେଶୀମଦ ଭାଟିରେ ମୈତ୍ରୀବିହାର ଥାନା ପୁଲିସର ଚଢ଼ଉ। ଚଢ଼ଉ ବେଳେ ୨ ବେପାରୀଙ୍କୁ ଗିରଫ କରାଯିବା ସହ ଘର ଭିତରୁ ୩୦୦ ଲିଟର ଦେଶୀମଦ ଓ ୨ ହଜାର ଟଙ୍କା ଜବତ କରାଯାଇଛି। ଗିରଫ ୨ ଅଭିଯୁକ୍ତ ହେଲେ, ଇଡ଼କୋ ବସ୍ତିର ଦୁର୍ଗା ମାରାଣ୍ଡି ଓ ଶଙ୍କର ହେମ୍ବ୍ରମ। ଆଜି ଦୁହିଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଗତ ୧୭ ତାରିଖ ଦିନ ଅବା ରବିବାର ଦିନ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ମୈତ୍ରୀବିହାର ଥାନାର ଏକ ଟିମ ସାଲିଆସାହି ଅନ୍ତର୍ଗତ ଇଡ଼କୋ ବସ୍ତିରେ ଅତର୍କିତ ଚଢ଼ଉ କରିଥିଲେ। ଏହି ଚଢ଼ଉ ବେଳେ ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ହେପାଜତରୁ ୩୦୦ ଲିଟର ଦେଶୀମଦ, ମଦ ତିଆରି ସାମଗ୍ରୀ ଓ ୨ ହଜାର ଟଙ୍କା ଜବତ କରିଥିଲେ।

## ମାଟ୍ରିକ ଫର୍ମ ପୂରଣ ଅବଧି ବୃଦ୍ଧି

**କଟକ,୧୮।୧୧ (ସଂଚାର ବ୍ୟୁରୋ):** ମାଟ୍ରିକ ପରୀକ୍ଷା ପାଇଁ ଫର୍ମ ପୂରଣ ଅବଧି ବୃଦ୍ଧି କରିଛି ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ)। ପ୍ରେସ୍ ବିଜ୍ଞପ୍ତିରେ ସୋମବାର ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି। ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ମାଟ୍ରିକ୍ ଫର୍ମ ପୂରଣ ଅବଧିକୁ ବଢ଼ାଇଛି ବୋର୍ଡ। ସେହିପରି ଏସ୍ଓଏସ୍ସି ପରୀକ୍ଷା ୨୦୨୫ (ପ୍ରଥମ) ପାଇଁ ମଧ୍ୟ ଫର୍ମ ପୂରଣ ଅବଧିକୁ ବୃଦ୍ଧି କରାଯାଇଛି। ଏହା ପରେ ଆଉ ଫର୍ମ ପୂରଣ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇଛି। ମାଟ୍ରିକ୍ ପରୀକ୍ଷା ପାଇଁ ନଭେମ୍ବର ୩ ତାରିଖରୁ ଆରମ୍ଭ ହୋଇଛି ଫର୍ମ ପୂରଣ। ନଭେମ୍ବର ୧୮ ଅର୍ଥାତ୍ ଆଜି ଫର୍ମ ପୂରଣର ଶେଷ ତାରିଖ ଥିଲା। ତେବେ ଏହାକୁ ବୋର୍ଡ ପକ୍ଷରୁ ବୃଦ୍ଧି କରାଯାଇଛି। ଫର୍ମ ପୂରଣ ସରିବା ପରେ ଚଳିତ ଥରର ମାଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା ସ୍ପଷ୍ଟ ହେବ। ଫେବୃଆରୀ ୨୧ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୬ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ସଂପୂର୍ଣ୍ଣ କାର୍ଯ୍ୟସୂଚୀ ପ୍ରକାଶ କରିସାରିଛି ବୋର୍ଡ। ୨୧ ତାରିଖରେ ପ୍ରଥମ ଭାଷା ଓଡ଼ିଆ ପରୀକ୍ଷା ହେବ। ୨୪ ତାରିଖରେ ଦ୍ୱିତୀୟ ଭାଷା ଇଂରାଜୀ ପରୀକ୍ଷା ହେବ। ୨୭ରେ ଗଣିତ ଓ ମାର୍ଚ୍ଚ ୧ରେ ବିଜ୍ଞାନ ପରୀକ୍ଷା ହେବ। ମାର୍ଚ୍ଚ ୩ରେ ସାମାଜିକ ବିଜ୍ଞାନ ଓ ୬ରେ ତୃତୀୟ ଭାଷା ହିନ୍ଦୀ/ସଂସ୍କୃତ ପରୀକ୍ଷା ହେବ। ପୂର୍ବାହ୍ନ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ ପରୀକ୍ଷା। ଗଣିତ ପରୀକ୍ଷା ପାଇଁ ଅଧିକ ୧୫ ମିନିଟ ସମୟ ଦିଆଯିବ। ସେହିଦିନ ପରୀକ୍ଷା ସରିବ ୧୧ଟା ୪୫ରେ।

## ଦିଲ୍ଲୀରେ ସମ୍ମାନୀତ ହେବେ ଓଡ଼ିଆ ସାମ୍ବାଦିକ



**ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ):** ରାଜ୍ୟ ଏବଂ ଦେଶରେ ଅନେକ ସଂଖ୍ୟରେ ସାମ୍ବାଦିକ ମାନେ ନିଜ ନିଜର କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେଇ କାମ କରୁଛନ୍ତି। କେତେ ବେଳେ ସାଧୁତା ମିଳୁଛି ତ କେତେବେଳେ ସରକାରୀ କଳ କବ୍ଜାର ଚାପ। ଅନେକ ସମୟରେ ବହୁ ବଡ଼ ବଡ଼ ସାମ୍ବାଦିକ ମାନଙ୍କୁ ମିଛ ମାମଲାରେ ଜେଲ ମଧ୍ୟ ଜିବାକୁ ପଡ଼ିଛି। କିନ୍ତୁ ସ୍ୱର ନା ଚପିଛି ନା କେହି ଚାପି ପାରିଛନ୍ତି। ଠିକ ଏହିଭଳି ସମୟରେ ଯଦି କେହି ଜଣେ ସାମ୍ବାଦିକକୁ ପ୍ରଶ୍ନ କରେ ଯେ ସାମ୍ବାଦିକତା କରି ଆପଣ କଣ ରୋଜଗାର କରିଛନ୍ତି, ସେ ସମୟରେ ସାମ୍ବାଦିକଟିଏ ଭାବିବାକୁ ବାଧ୍ୟ ହୁଏ ଏବଂ ଦିର୍ଘ ନିଶ୍ୱାସ ନେଇ କୁହେ ଆତ୍ମ ସନ୍ତୋଷ ଓ ଲୋକଙ୍କ ଭରଷା। ଠିକ୍ ସେହି ଭଳି ଆଜି ଆମେ ଆପଣଙ୍କୁ ଜଣେ ସାମ୍ବାଦିକଙ୍କ କଥା ହିଁ କହୁଛୁ ଯିଏ ନିଜର ଅନେକ ବର୍ଷର କ୍ୟରିଅରକୁ ଚାକିରୀ ଜୀବନ ଠାରୁ ଆରମ୍ଭ କରି ଲୋକଙ୍କ ପାଇଁ କିଛି କରିବାର ଆଶା ନେଇ ଆଗକୁ ବଢିଚାଲିଛନ୍ତି। ଏବଂ ଆମ ରାଜ୍ୟ ଓଡ଼ିଶାରେ ଦିର୍ଘ ବର୍ଷ ହେଲା ସାମ୍ବାଦିକତା ମାଧ୍ୟମରେ ସେବା ଯୋଗାଇ ଆସୁଛନ୍ତି। ସାମ୍ବାଦିକତା ପ୍ରତି ନିଜର ଅବଦାନ ପାଇଁ ସମ୍ମାନୀତ ହେବେ ରିପୋର୍ଟରସ ଟୁଡେ ର ସମ୍ପାଦକ ସୁର୍ଜିତ ଧଳ ଭୁବନେଶ୍ୱର ; ସେ ହେଲେ ରିପୋର୍ଟରସ ଟୁଡେର ମୁଖ୍ୟ ସମ୍ପାଦକ ସୁରଜିତ କୁମାର ଧଳ, ଆମ ଓଡିଆ ପୁଅ। ଜଣେ ନିର୍ଭିକ ଓ ସାହାସୀ ବ୍ୟକ୍ତିତ୍ୱ। ନିଜ ଚିନ୍ତାଧାରା ଓ ସମାଲୋଚନା ର ପ୍ରୟାସ ରେ ଯାହାଙ୍କୁ ଦିନେ ଜେଲ ଯିବାକୁ ପଡ଼ିଥିଲା ଓ ସରକାରୀ କଳର ଚାପରେ ଚାପଗ୍ରସ୍ତ ମଧ୍ୟ କରାଯାଇଥିଲା।

## ୧୧ ଏଏନ୍ଏମ୍ ଛାତ୍ରୀ ଅସୁସ୍ଥ

**ଦେବଗଡ଼,୧୮।୧୧ (ସଂଚାର ବ୍ୟୁରୋ):** ଦେବଗଡ଼ ଜିଲ୍ଲା ମୁଖ୍ୟ ହସ୍ପିଟାଲ ପରିସରସ୍ଥ ଏଏନ୍ଏମ୍ ଟ୍ରେନିଂ ସେଣ୍ଟରରେ ସୋମବାର ଏକ ଅଘଟଣ ଘଟିଛି। ୧୧ଜଣ ଏଏନ୍ଏମ୍ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟପକ୍ଷେ ଏଏନ୍ଏମ୍ ଟ୍ରେନିଂ ସେଣ୍ଟରର ଛାତ୍ରୀମାନଙ୍କୁ ବାସି ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ଏନେଇ ଟ୍ରେନିଂ ସେଣ୍ଟରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟ ଛାତ୍ରୀମାନେ ପ୍ରିନ୍ସପାଲଙ୍କ ବଦଳି ଦାବିରେ ସିଡିଏମ୍ଓ ଅଫିସ ଘେରାଉ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାଶୁଝା କରୁଛି।

## ସୁରକ୍ଷା ଖୋଜୁଛି ନାଲି କଙ୍କଡ଼ା



**ବାଲେଶ୍ୱର,୧୮।୧୧ (ସଂଚାର ବ୍ୟୁରୋ):** ସମୁଦ୍ର ବେଳାଭୂମୀରୁ ଲୋପ ପାଇବାକୁ ବସିଲାଣି ନାଲି କଙ୍କଡା। ବେଳାଭୂମୀରେ ଅବାଧରେ ଯାନ ବାହାନ ଚଳାଚଳ, ସମୁଦ୍ର ପାଣିରେ ବର୍ଯ୍ୟବସ୍ତୁ ମିଶ୍ରଣ ଏବଂ ପାଣି ପାଗ ପରିବର୍ତ୍ତନ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି । ବେଳଭୂମୀର ସୌନ୍ଦର୍ଯ୍ୟକୁ ଦୁଇ ଗୁଣିତ କରିଥାଏ ନାଲି କଙ୍କଡାଙ୍କ ଲୁଚକାଳି ଖେଳ। ହେଲେ ଏବେ ଆଉ ଏତେ ମାତ୍ରାରେ ଦେଖିବାକୁ ମିଳୁନାହିଁ । ବାଲେଶ୍ୱର ଭୋଗରାଇ ବ୍ଲକର ୨ଟି ମୋନରମ ବେଳାଭୂମୀ ଉଦୟପୁର ଓ ତାଳସାରୀ। ୩ କିଲୋମିଟର ବ୍ୟାପି ବେଳାଭୂମିର ସୌନ୍ଦର୍ଯ୍ୟ ପର୍ଯ୍ୟଟନକୁ ଆକୃଷ୍ଟ କରେ । ବେଳାଭୂମୀର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ଘନ ଝାଉଁବଣ ଏବଂ ନାଲି କଙ୍କଡାଙ୍କ ଲୁଚକାଳି ଖେଳ। ଏବେ ଏହି ଜଳଚର ଜୀବଙ୍କ ସଂଖ୍ୟା କମି ଯାଉଥିବା ଦେଖିବାକୁ ମିଳୁଛି ।

## ବାଣିଜ୍ୟ ମେଳାରେ ମିଶନ ଶକ୍ତି ମହିଳାଙ୍କ ଚମକ




**ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ):** ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଚାଲିଛି ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪। ଏହି ମେଳାରେ ଓଡ଼ିଶାର ମିଶନ ଶକ୍ତି ମହିଳାମାନଙ୍କ ହାତ ତିଆରି ବିଭିନ୍ନ ଉତ୍ପାଦର ବିଶେଷ ଚାହିଦା ରହିଛି। କନ୍ଧମାଳ ହଳଦୀ ସହିତ ମାଣ୍ଡିଆ ଓ ବିଭିନ୍ନ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ କିଣିବା ପାଇଁ 'ଓଡ଼ିଶା ମଣ୍ଡପ'ରେ ଲୋକଙ୍କର ଭିଡ଼ ଜମୁଛି। ନଭେମ୍ବର ୧୪ରୁ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆରମ୍ଭ ହୋଇଛି। ସୋମବାର ଦିନ ସଂସଦୀୟ କମିଟିର (ବାଣିଜ୍ୟ) ପ୍ରତିନିଧିମାନେ 'ଓଡ଼ିଶା ମଣ୍ଡପ' ପରିଦର୍ଶନ କରିଥିଲେ। ଓଡ଼ିଶାର କାରୁକାର୍ଯ୍ୟ, କଳା କାରିଗରିକୁ ଦେଖି ସେମାନେ ପ୍ରଶଂସା କରିଥିଲେ। 'ଓଡ଼ିଶା ମଣ୍ଡପ'ରେ ଏଥର ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ମୋଟ ୨୫ଟି ଷ୍ଟଲ ସ୍ଥାନ ପାଇଛି। ତା'ଭିତରେ ମିଶନ ଶକ୍ତି ବିଭାଗ ପକ୍ଷରୁ ୫ଟି ଷ୍ଟଲ ରହିଛି। ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର (ଏସଏଚଜି) ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ଆକର୍ଷଣ ସାଜିଛି। ଯାଜପୁର ଜିଲ୍ଲାର ଜୟ ମା' ମଙ୍ଗଳା ଏସଏଚଜି, କେନ୍ଦ୍ରାପଡ଼ା ଜିଲ୍ଲାର ସତ୍ୟସାଇ ଉତ୍ପାଦକ ଗୋଷ୍ଠୀ, ବାଲେଶ୍ୱରର ମା' ସୁଭଦ୍ରା ଏସଏଚଜି, କନ୍ଧମାଳର ଶ୍ରୀୟା ଏସଏଚଜି ଏବଂ ଖୋର୍ଦ୍ଧାର ରାଧାରାଣୀ ଏସଏଚଜି ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ଓଡ଼ିଶା ମଣ୍ଡପରେ ପ୍ରଦର୍ଶନ ଓ ବିକ୍ରି କରାଯାଉଛି। ''ପ୍ରଥମ ଥର ପାଇଁ ଆମେ ଦିଲ୍ଲୀରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାକୁ ଆସିଛୁ। ଆମ ଷ୍ଟଲରେ ଜଉ କଣ୍ଢେଇ ଓ ଲାଖ ଚୁଡ଼ି ଭଲ ବିକ୍ରି ହେଉଛି। ଲୋକମାନେ ଆସି ଏହାକୁ ଆଗ୍ରହର ସହିତ କିଣିବା ସହ ଏସବୁ କେମିତି ତିଆରି ହେଉଛି ତାହା ପଚାରି ବୁଝୁଛନ୍ତି'', କହିଛନ୍ତି ଏସଏଚଜି ସଦସ୍ୟା ଫୁଲମଣି ସୋରେନ୍। ''ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ନେଇ ଆମେ ଦିଲ୍ଲୀ ଆସିଛୁ। ମାଣ୍ଡିଆ ଛତୁଆ, କୁରୁମା, ବିସ୍କୁଟ ଆଦି କିଣିବାକୁ ଲୋକେ ପସନ୍ଦ କରୁଛନ୍ତି। ଆମେ ଭଲ ଦି' ପଇସା ବ୍ୟବସାୟ ମଧ୍ୟ କରିପାରୁଛୁ,'' କହିଛନ୍ତି ଏସଏଚଜି ସଦସ୍ୟା ପୂର୍ଣ୍ଣିମା ବେହେରା। 'ଓଡ଼ିଶା ମଣ୍ଡପ'ରେ ଥିବା ମିଶନ ଶକ୍ତି ଷ୍ଟଲରେ କନ୍ଧମାଳ ହଳଦୀ ସହିତ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ନୁଡୁଲ୍ସ, ମିକ୍ସଚର, କୁରୁମା, ନିମିକି, ସେଉ ଏବଂ ଲଡୁ ଆଦି ରହିଛି।

## ନିୟମିତ ଯାଞ୍ଚ ହେଉନି ସ୍କୁଲ ବସ୍



**ଭୁବନେଶ୍ୱର,୧୮।୧୧(ତଥ୍ୟ):** ରାଜ୍ୟରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ପରିବହନ କରୁଥିବା ଯାନଗୁଡିକର ନିୟମିତ ଯାଞ୍ଚ ହେଉନଥିବାରୁ ଅନେକ ପୁରୁଣା ଯାନ ବିପଦଜନକ ଭାବେ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା କରୁଥିବାବେଳେ ସେଗୁଡିକର ନିୟମିତ ଭାବେ ବୀମା ଓ ଅନ୍ୟାନ୍ୟ ପୂରଣ କରାଯାଉ ନାହିଁ। ମଝିରେ ମଝିରେ ପରିବହନ ଓ ପୁଲିସ୍ ବିଭାଗ ପକ୍ଷରୁ ଚଢ଼ାଉ କରି କାମ ସାରିଦିଆଯାଉଥିବାବେଳେ ବର୍ଷ ତମାମ ଏଭଳି ଯାନଗୁଡିକୁ ଯାଞ୍ଚ ପାଇଁ ମତପ୍ରକାଶ ପାଉଛି।

ସ୍କୁଲ ପିଲାଙ୍କ ବିପଦଜନକ ପରିବହନ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା ପରେ ପରିବହନ ଓ ପୁଲିସ୍ ବିଭାଗ ଆକ୍ସନମୁଡ୍‌କୁ ଆସିବା ସହିତ ରାଜ୍ୟ ସାରା ଯାଞ୍ଚ କରିଥାନ୍ତି। କେତେ ଗାଡିମୋଟର ଯାଞ୍ଚ ହେଲା ତାହାର ସୂଚନା ଦିଆଯାଇଥାଏ। ହେଲେ ଗୋଟିଏ ଦିନର ଯାଞ୍ଚ ପରେ କାଗଜପତ୍ର ସଠିକ୍ ନଥିବା ଏବଂ ବୋଝ ଭଳି ପିଲାଙ୍କୁ ପରିବହନ କରୁଥିବା ଗାଡିଗୁଡିକ ରାସ୍ତାକୁ ଅର୍ନ୍ତଧ୍ୟାନ ହୋଇଥାନ୍ତି। ଯାଞ୍ଚ ସରିବାର ଖବର ପାଇଲା ପରେ ସେମାନେ ପୁଣି ନିଜର ବ୍ୟବସାୟ ଆରମ୍ଭ କରିଥାନ୍ତି।

ସ୍କୁଲ ପିଲାଙ୍କୁ ନେବା ଆଣିବା କରୁଥିବା ବସ୍, ଭ୍ୟାନ, ଅଟୋଗୁଡିକର ପରମିଟ୍, ଫିଟ୍‌ନେସ୍ ଓ ବୀମା ସହିତ ଚାଳକମାନଙ୍କର ଲାଇସେନ୍ସ ଯାଞ୍ଚ ହୋଇଥାଏ। ସୂଚନା ଅନୁଯାୟୀ ୨୦୨୨-୨୩ ରେ ୧୩୦୬ ଟି ଗାଡି ଯାଞ୍ଚ ସମୟରେ ଧରାପଡ଼ିଥିଲେ। ୨୦୨୩-୨୪ରେ ଏହି ସଂଖ୍ୟା ୨୬୬ ଏବଞ୍ଚଳିତ ଆର୍ଥିକ ବର୍ଷର ଜୁଲାଇ ଶେଷ ସୁଦ୍ଧା ଯାଞ୍ଚ ସମୟରେ ଧରାପଡ଼ିଥିବା ୩୮ଟି ଗାଡି ମାଲିକଙ୍କ ବିରୁଦ୍ଧରେ ମୋଟରଯାନ ଆଇନ୍, ୧୯୮୮ ବଳରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି।

ତେବେ ସ୍କୁଲ ପରିବହନରେ ଲିପ୍ତ ଥିବା କିଛି ଘରୋଇ ଗାଡି ଉପରେ ଏହି ଯାଞ୍ଚର ସେଭଳି ପ୍ରଭାବ ପଡୁନଥିବା ଲକ୍ଷ୍ୟ କରାଯାଉଛି। ସେମାନେ ଅତ୍ୟନ୍ତ ପୁରୁଣା ଓ ଦଦରା ଯାନରେ ପିଲାଙ୍କୁ ନେବା ଆଣିବା କରୁଛନ୍ତି। ଯେଉଁ ଯାନରେ ୮/୧୦ ଜଣ ପିଲା ଯିବାର କ୍ଷମତା ରହିଛି ସେମାନେ ଲାଭ ପାଇଁ ୧୫/୧୮ ଜଣ ପିଲାଙ୍କୁ ସେଥିରେ ଖୁନ୍ଦାଖୁନ୍ଦି କରି ନେଇଥାନ୍ତି। ଅଭିଭାବକମାନେ ଅଭିଯୋଗ କଲେ କମ୍ ପିଲା ନେଲେ ସେମାନଙ୍କୁ ଅଧିକ ଦେୟ ଦେବାକୁ ପଡ଼ିବ ବୋଲି ବୁଝାଇ ଦିଆଯାଇଥାଏ।

ତେବେ ରାଜ୍ୟ ସରକାର ସମସ୍ତ ପ୍ରକାର ଯାନ ପାଇଁ ପରିବହନ ଦର ଧାର୍ଯ୍ୟ କରୁଥିବାବେଳେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଉଥିବା ଯାନ ପାଇଁ ଦର ଧାର୍ଯ୍ୟ କରିନାହାନ୍ତି। ଏହାର ଫାଇଦା ନେଇ ବିଦ୍ୟାଳୟଗୁଡିକ ଅଭିଭାବକମାନଙ୍କ ଠାରୁ ମୋଟା ଅଙ୍କର ଭଡା ଆଦାୟ କରୁଥିବାବେଳେ ଘରୋଇ ଯାନଗୁଡିକ ବି ମନଇଚ୍ଛା ଅର୍ଥ ଆଦାୟ କରୁଛନ୍ତି। କେତେକ ବିଦ୍ୟାଳୟର ନିଜସ୍ୱ ସ୍କୁଲ୍ ଯାନ ଥିବାବେଳେ ଆଉ କେତେକ ବିଦ୍ୟାଳୟ ଏହି ବ୍ୟବସାୟରୁ ଏକ ପ୍ରକାର ଦୂରେଇ ରହିଛନ୍ତି। ବିଶେଷକରି ସରକାରୀ ବିଦ୍ୟାଳୟଗୁଡିକର ନିଜସ୍ୱ ପରିବହନ ବ୍ୟବସ୍ଥା ନାହିଁ। ତେଣୁ ପିଲାମାନେ କିଭଳି କେଉଁ ସ୍ଥିତିରେ ଆସୁଛନ୍ତି ତାହା ସେମାନେ ଯାଞ୍ଚ କରିନଥାନ୍ତି।

ପିଲାଙ୍କ ସୁରକ୍ଷା କଥା କହି ମଝିରେ ମଝିରେ ସ୍କୁଲଯାନକୁ ଯାଞ୍ଚ କରାଯାଉଥିବାରୁ ବିନା କାଗଜପତ୍ର ଓ ଫିଟ୍‌ସେନ୍‌ରେ ଚଳାଉଥିବା ଗାଡି ମାଲିକଙ୍କ ଉପରେ ଏହାର ସେଭଳି ପ୍ରଭାବ ପଡୁନାହି। ତେଣୁ ବିଦ୍ୟାଳୟ ଆଖପାଖରେ ନିୟମିତ ଭାବେ ପରିବହନ ବିଭାଗ ଏହିସବୁ ଯାନଗୁଡିକୁ ଯାଞ୍ଚ କରିବାପାଇଁ ମତପ୍ରକାଶ ପାଉଛି।

ସ୍ଥିତପ୍ରଜ୍ଞ ପୁରୁଷ-ଜୀବନର ପ୍ରତ୍ୟେକ ଉତ୍ଥାନ ଓ ପତନର ମୁହୂର୍ତ୍ତକୁ ଯିଏ ସମଭାବରେ ଗ୍ରହଣ କରିଛି, ସେ ସ୍ଥିତ ପ୍ରଜ୍ଞ। ସେ ହିଁ ଈଶ୍ୱରଙ୍କ ଅନୁଭବ କରିବା ପାଇଁ ଯୋଗ୍ୟ ବିବେଚିତ।

SANCHAR
ସଞ୍ଚାର



# ବିଦେଶରୁ ପୁଞ୍ଜିସଂଗ୍ରହ

ଶିଳ୍ପ ବିକାଶ ନିମନ୍ତେ ପୁଞ୍ଜି ନିବେଶ ଜରୁରୀ। ସ୍ୱାଧୀନତା ପରେ ଭାରତରେ ଅନେକ ବୃହତ ଶିଳ୍ପ ପ୍ରତିଷ୍ଠା ହୋଇଛି। କିଛି ଘରୋଇ ଉଦ୍ୟମରେ ଏବଂ ଆଉ କିଛି ସରକାରୀ ଉଦ୍ୟୋଗ ପ୍ରତିଷ୍ଠା ହୋଇଛି। ସେତେବେଳେ କିନ୍ତୁ ଏଥିଲାଗି ବିଦେଶରୁ ପୁଞ୍ଜି ସଂଗ୍ରହର ଆବଶ୍ୟକତା ପଡ଼ିନଥିଲା। କିନ୍ତୁ ଏବେ ଶିଳ୍ପ ବିକାଶ ନିମନ୍ତେ ବିଦେଶୀ ପୁଞ୍ଜି ଅପରିହାର୍ଯ୍ୟ ବୋଲି ଅନୁଭବ କରାଯାଉଛି। ନବେ ଦଶକର ଆଦ୍ୟଭାଗରେ ଭାରତରେ ଉଦାର ଅର୍ଥନୀତି ପ୍ରବେଶ କରିବା ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଆଉ ସରକାର ନିଜେ ପୁଞ୍ଜିନିବେଶ କରି ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ ହେଉ ନାହାନ୍ତି। ବରଂ ଯାହା ସରକାରୀ ଉଦ୍ୟୋଗ ରହିଛି ତାହାର କିପରି ଘରୋଇ କରଣ କରାଯିବ ଏବଂ ସରକାର କିପରି ପୁଞ୍ଜି ପ୍ରତ୍ୟାହାର କରିବେ ସେଥିଲାଗି ସର୍ବଦା ଉଦ୍ୟମ ହେଉଛି। ସରକାର ବ୍ୟବସାୟ କରିବେନି, କେବଳ ଆଇନ ପ୍ରଣୟନ କରିବେ ଏବଂ ଟିକସ ସଂଗ୍ରହ କରିବେ। ଏହା ହେଉଛି ବର୍ତ୍ତମାନର ନୀତି। ଘରୋଇ ପୁଞ୍ଜିନିବେଶରେ ଶିଳ୍ପ ପ୍ରତିଷ୍ଠା ହେବ। ସରକାର କେବଳ ଭିତ୍ତିଭୂମି ସୁବିଧା ଯୋଗାଇ ଦେବେ। ଏଥିଲାଗି ସବୁ ରାଜ୍ୟ ବିଦେଶରୁ ପୁଞ୍ଜିସଂଗ୍ରହ ନିମନ୍ତେ ପରସ୍ପର ସହ ପ୍ରତିଯୋଗିତା କରୁଛନ୍ତି। ଏହିନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଙ୍ଗାପୁର ଗସ୍ତରେ ଯାଉଛନ୍ତି। ସେଠାରେ ସେ ବହୁ ନିବେଶକାରୀଙ୍କ ସହ ଆଲୋଚନା କରିବେ ଏବଂ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ନିବେଶ କରିବାକୁ ପ୍ରବର୍ତ୍ତାଇବେ। ଏହା ସହିତ ମୁଖ୍ୟମନ୍ତ୍ରୀ ଏକ ରୋଡ ଶୋରେ ମଧ୍ୟ ଭାଗ ନେବେ। ଏହା ପୂର୍ବରୁ ମୁମ୍ବାଇରେ ମଧ୍ୟ ମୁଖ୍ୟମନ୍ତ୍ରୀ ଅନେକ ଶିଳ୍ପ ଗୋଷ୍ଠୀ ସହ ଆଲୋଚନା କରିଥିଲେ। ଅନେକ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ରାଜ୍ୟର ରାଜସ୍ୱ ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଶିଳ୍ପ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଓଡ଼ିଶାରେ ଶିଳ୍ପ ପାଇଁ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ରହିଛି। ବିଶେଷ କରି ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଏଠାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଇସ୍ପାତ, ଆଲୁମିନିୟମ ଉତ୍ପାଦନ ନିମନ୍ତେ କଞ୍ଚାମାଲର ଅଭାବ ନାହିଁ। ପାଣି ଏବଂ ବିଦ୍ୟୁତ ଶକ୍ତି ମଧ୍ୟ ଉପଲବ୍ଧ। ଏହା ବ୍ୟତିତ ଆଇଟି ଏବଂ କୃଷି ଭିତ୍ତିକ ଶିଳ୍ପ ନିମନ୍ତେ ମଧ୍ୟ ସୁଯୋଗ ରହିଛି। ସମସ୍ୟା ହେଉଛି ଜମି। ଯେ କୌଣସି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଜମି ହେଉଛି ପ୍ରଥମ ଆବଶ୍ୟକତା। ଓଡ଼ିଶାର ଅଧିକାଂଶ ଜମି ହେଉଛି ଚାଷଜମି ନଚେତ ଜଙ୍ଗଲ ଜମି। ତେଣୁ ଜମି ଅଧିଗ୍ରହଣ ଏପରିକି ସରକାରୀ ଜମି ମଧ୍ୟ ଅଧିଗ୍ରହଣ କରିବା କଷ୍ଟକର ହେଉଛି। ଲୋକେ ଶିଳ୍ପ ପାଇଁ ଜମି ଛାଡ଼ିବାକୁ ନାରାଜ। ଏହାର ଯଥାର୍ଥତା ମଧ୍ୟ ରହିଛି। ଜଙ୍ଗଲ ଜମି ଅଧିଗ୍ରହଣ ନିମନ୍ତେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ। ଏହା ବେଶ ସମୟସାପେକ୍ଷ। ଏହି କାରଣରୁ ପୋସ୍କୋ ପ୍ରକଳ୍ପ ଓଡ଼ିଶାରୁ ହେରିଯାଇଥିଲା। କେନ୍ଦୁଝର ଜିଲ୍ଲା ପାଟଣାରେ ପ୍ରସ୍ତାବିତ ଇସ୍ପାତ ପ୍ରକଳ୍ପ ଆର୍ସେଲର ମିତ୍ତଲ ଓଡ଼ାଇ ଗଲା। କାରଣ ସ୍ଥାନୀୟ ଲୋକେ ଏହାକୁ ବିରୋଧ କଲେ ଏବଂ ଜମି ଦେବାକୁ ଅମଙ୍ଗ ହେଲେ। ଅତୀତରେ ନବୀନ ପଟ୍ଟନାୟକ ସରକାର ମଧ୍ୟ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପୁଞ୍ଜି ସଂଗ୍ରହ ନିମନ୍ତେ ଅନେକ ପ୍ରୟାସ କରିଥିଲେ। ବିଜୁ ବାବୁ କଳିଙ୍ଗନଗରରେ ସ୍ୱରାଜ ପଲଙ୍କ କାପାରୋ ଗ୍ରୁପକୁ ବୃହତ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପ୍ରରୋଜିତ କରି ବିଫଳ ହୋଇଥିଲେ। କଂଗ୍ରେସ ଶାସନ କାଳରେ ଗୋପାଳପୁରରେ ଟାଟା ପ୍ରକଳ୍ପ ପ୍ରତିଷ୍ଠା ଉଦ୍ୟମ ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ ବିଫଳ ହୋଇଥିଲା। ପରେ ନବୀନ ବାବୁଙ୍କ ପ୍ରୟାସ ଫଳରେ କଳିଙ୍ଗନଗରରେ ଟାଟା ପ୍ରକଳ୍ପ ପ୍ରତିଷ୍ଠା ହେଲା। କିନ୍ତୁ ଏଥିପାଇଁ କିଛି କମ କଷ୍ଟ କରିବାକୁ ପଡ଼ିନାହିଁ। ଆଦିବାସୀଙ୍କ ବିରୋଧ ଯୋଗୁଁ ଅନେକ ସମସ୍ୟା ସୃଷ୍ଟି ହୋଇଥିଲା। ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାକୁ ପୁଞ୍ଜି ଆକୃଷ୍ଟ କରିବାକୁ ଅନେକ ପ୍ରୟାସ କରାଯାଇଛି। ଓଡ଼ିଶାରେ ଅନେକ ଥର ନିବେଶକ ସମ୍ମିଳନୀ ହୋଇଛି। ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁରେ ଆଲୋଚନା ବୈଠକ, ରୋଡ ଶୋ ହୋଇଛି। ବିଦେଶରେ ମଧ୍ୟ ଅନେକ ନିବେଶକଙ୍କ ସହ ଆଲୋଚନା ବୈଠକ, ସମ୍ମିଳନୀ ହୋଇଛି। ଅନେକ ପ୍ରତିଶ୍ରୁତି ମଧ୍ୟ ମିଳିଛି। କିନ୍ତୁ ସେଥିରୁ ଖୁବ କମ ପ୍ରସ୍ତାବ କାର୍ଯ୍ୟକାରୀ ହୋଇଛି। ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିଲାଗି ସାନି ପ୍ରୟାସ ଆରମ୍ଭ କରିଛନ୍ତି। ଏହା କେତେଦୂର ସଫଳ ହେବ ତାହା ସମୟ କହିବ। କିନ୍ତୁ ପ୍ରଶ୍ନ ହେଲା ବାସ୍ତବରେ ଓଡ଼ିଶାରେ ଘରୋଇ ପୁଞ୍ଜିନିବେଶର କେତେ ଆବଶ୍ୟକତା ରହିଛି? କେଉଁ କ୍ଷେତ୍ରରେ ଏହା ସମ୍ଭବ? ଓଡ଼ିଶାରେ ବିପୁଳ ପରିମାଣର ଖଣିଜ ସମ୍ପଦ ରହିଛି। ଏହାର ବିନିଯୋଗ ଲାଗି ଅନେକ ଶିଳ୍ପ ପ୍ରତିଷ୍ଠା ହୋଇଛି। ଆହୁରି ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାର ସୁଯୋଗ ରହିଛି। କିନ୍ତୁ ଖାଲି ଉତ୍ପାଦନ ହେଲେ ହେବନି। ଏହାର ବଜାର ବ୍ୟବସ୍ଥାର ମଧ୍ୟ ଆବଶ୍ୟକତା ରହିଛି। ବିଶ୍ୱ ବଜାରରେ ଚାହିଦାକୁ ଦୃଷ୍ଟିରେ ରଖି ଏସବୁ ଶିଳ୍ପ ପ୍ରତିଷ୍ଠା କରାଯିବା ଉଚିତ। ଯେତିକି ଶିଳ୍ପ ରହିଛଇ, ତାହା କେତେଦୂର ଲାଭଜନକ ହୋଇପାରିଛି ତାହାକୁ ମଧ୍ୟ ଦେଖିବାକୁ ପଡ଼ିବ। କଳିଙ୍ଗନଗରରେ ଟାଟା ନିଜ ଉତ୍ପାଦନ ସାମର୍ଥ୍ୟ ବୃଦ୍ଧି ଯୋଜନା କରିଛି। ଲାଞ୍ଜିଗଡ଼ରେ ବେଦାନ୍ତ ଆଲୁମିନିୟମ ମଧ୍ୟ ଏଭଳି ଯୋଜନା କରିଛି। ଏଥିଲାଗି ବିପୁଳ ଖଣିଜ ସମ୍ପଦ ଆବଶ୍ୟକ। ଓଡ଼ିଶାରେ ଯେତିକି ଲୁହାପଥର, ମାଙ୍ଗାନିଜ, ବକ୍ସାଇଟ ଆଦି ରହିଛି ତାହା ଯେପରି ଆଉ କିଛି ବର୍ଷ ପର୍ଯ୍ୟନ୍ତ ଶିଳ୍ପ ଉତ୍ପାଦନକୁ ଜାରି ରଖିବ ସେଥିଲାଗି ଯୋଜନା ପ୍ରସ୍ତୁତ ହେବା ଉଚିତ। ଆମ ପରବର୍ତ୍ତୀ ପିଢ଼ି ପାଇଁ ମଧ୍ୟ ଆମକୁ କିଛି ଖଣିଜ ସମ୍ପଦ ସଞ୍ଚିତ କରି ରଖିବାକୁ ପଡ଼ିବ। ତା ସହିତ ପରିବେଶ ସୁରକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଅଣଦେଖା କରାଯାଇପାରିବନି। ତେବେ ପର୍ଯ୍ୟଟନ ଶିଳ୍ପ, କୃଷି ଭିତ୍ତିକ ଶିଳ୍ପ ଏବଂ ଆଇଟି ସେକ୍ଟରରେ ପୁଞ୍ଜିନିବେଶର ବିପୁଳ ସୁଯୋଗ ରହିଛି। ଏଥିପାଇଁ କମ ଜମିର ଆବଶ୍ୟକତା ରହିଛି। କିନ୍ତୁ ଏ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ରହିଛି। ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ଅନେକ ବ୍ୟାପକ ସୁଯୋଗ ରହିଛି। ଏହାର ଉପଯୋଗ କରାଯାଇନି। ଏହାକୁ ପ୍ରାଥମିକତା ଦିଆଯିବା ଉଚିତ। ସେହିପରି ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଏଠାରେ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାର ସୁଯୋଗ ଏବଂ ଆବଶ୍ୟକତା ରହିଛି। ଏହା ଦ୍ୱାରା ଚାଷୀମାନେ ଉପକୃତ ହୋଇପାରିବେ ଏବଂ ରାଜ୍ୟର ଅର୍ଥନୀତି ସମୃଦ୍ଧ ହୋଇପାରିବ। ରାଜ୍ୟରେ ଅନେକ ଶିଳ୍ପ ବନ୍ଦ ହୋଇଯାଇଛି। ନୟାଗଡ଼ ଚିନିକଳଠାରୁ ଆରମ୍ଭ କରି ଏକଦା ଓଡ଼ିଶାର ଗୌରବର ପ୍ରତୀକ ଥିବା ଚୌଦ୍ୱାର ଓଟିଏମ ଅନେକ ବର୍ଷ ହେବ ବନ୍ଦ ହୋଇପଡ଼ିଛି। ଏହାର ପୁନରୁଦ୍ଧାର ନିହାତି ଜରୁରୀ। ନୂଆ ଶିଳ୍ପ ପ୍ରତିଷ୍ଠା ପୂର୍ବରୁ ଓଡ଼ିଶାରେ ପୁରୁଣା ଶିଳ୍ପର ପୁନରୁଦ୍ଧାର ଏକାନ୍ତ ଆବଶ୍ୟକ। ଏଥିପାଇଁ ଭିତ୍ତିଭୂମି ରହିଛି। କେବଳ ଯୋଜନାବଦ୍ଧ ନିବେଶର ଆବେଶ୍ୟକତା ରହିଛି। ଏବେ ଓଡ଼ିଶାରେ ଉନ୍ନତମାନର କପା ଉତ୍ପାଦନ ହେଉଛି। ଏହାକୁ ବିନିଯୋଗ କରି ଓଟିଏମ କାହିଁକି ପୁଣି ଚାଲିନପାରିବ? ଓଡ଼ିଶାରେ ଏହାର ବଡ଼ ବଜାର ମଧ୍ୟ ରହିଛି। କେବଳ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଓଡ଼ିଶାରେ ଏବେ ଉନ୍ନତ ମାନର କଫି ଏବଂ ମକା ଉତ୍ପାଦନ ହେଉଛି। ତେଣୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ହୋଇପାରିବ। ଏଥିଲାଗି ପୁଞ୍ଜିସଂଗ୍ରହର ଆବଶ୍ୟକତା ରହିଛି। ଯେଉଁମାନେ ନିବେଶ କରିବେ ସେମାନଙ୍କ ସ୍ୱାର୍ଥ ରକ୍ଷା ପ୍ରତି ମଧ୍ୟ ଦୃଷ୍ଟି ଦିଆଯିବା ଉଚିତ। ଶିଳ୍ପ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଏକ ସର୍ବଜନ ସ୍ୱୀକୃତ ନୀତି ପ୍ରଣୀତ ହେବା ଆବଶ୍ୟକ। ଶିଳ୍ପ ପ୍ରତିଷ୍ଠାକୁ ବିରୋଧ କରି ଆନ୍ଦୋଳନ ଫଳରେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପରିବେଶ କରାପ ହେଉଛି ଏବଂ ଓଡ଼ିଶାର ଭାବମୂର୍ତ୍ତୀ ନଷ୍ଟ ହେଉଛି। ଏଥିପାଇଁ ଅନେକ ବଡ଼ ବଡ଼ ଶିଳ୍ପ ସଂସ୍ଥା ଓଡ଼ିଶା ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି। କିଛି ବର୍ଷ ତଳେ ଓଡ଼ିଶା ସରକାର ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଲ୍ୟାଣ୍ଡ ବ୍ୟାଙ୍କ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିଲେ। ସରକାର ଜମି ଅଧିଗ୍ରହଣ କରି ଏହାକୁ ଶିଳ୍ପ ପାଇଁ ସଂରକ୍ଷିତ ରଖିବେ। ଶିଳ୍ପ ପ୍ରସ୍ତାବ ଆସିଲେ ଏହି ଜମି ଆବଶ୍ୟକତା ଅନୁଯାୟୀ ଆବଣ୍ଟନ ହେବ। ଏହା ଏକ ଭଲ ଚିନ୍ତାଧାରା। କିନ୍ତୁ ଏହା ଆଜି ପର୍ଯ୍ୟନ୍ତ ବାସ୍ତବତାରେ ପରିଣତ ହୋଇପାରିଲା ନାହିଁ। ଯୋଜନା କରିବା ଏବଂ ଏହାକୁ କାର୍ଯ୍ୟକାରୀ କରିବା ଭିତରେ ଅନେକ ତଫାତ ରହିଛି। ଯେଉଁମାନେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପୁଞ୍ଜିନିବେଶ କରିବାକୁ ଆଗ୍ରହୀ, ସେମାନେ ନିଜ ଇଚ୍ଛାରେ ଜମି ଚିହ୍ନଟ କରିବାକୁ ଚାହୁଁଛନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ପ୍ରକଳ୍ପର ସମ୍ପ୍ରସାରଣ ନିମନ୍ତେ ଅଧିକ ଜମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି। ମାପିଚୁପିକି ଅଳ୍ପ ଜମିରେ ଶିଳ୍ପ ପ୍ରତିଷ୍ଠା କରିବାକୁ ସେମାନେ ଆଗ୍ରହୀ ନୁହଁନ୍ତି। ତେଣୁ ସରକାର ଶିଳ୍ପ ପାଇଁ ସଂରକ୍ଷିତ ଜମି ଦେଲେ ତାହା ସେମାନଙ୍କ ପାଇଁ ଯଥେଷ୍ଟ ହୋଇନପାରେ। ତେବେ ଲ୍ୟାଣ୍ଡ ବ୍ୟାଙ୍କ ପ୍ରତିଷ୍ଠା କଲେ ଅନେକାଂଶରେ ଏହା ଶିଳ୍ପପତିଙ୍କୁ ପୁଞ୍ଜିନିବେଶ ନିମନ୍ତେ ଆକୃଷ୍ଟ କରିପାରନ୍ତା। ତେଣୁ ସରକାର ଆଜ ଶିଳ୍ପକୁ ଜମି, ଜଳ ଏବଂ ବିଜୁଳି ଯୋଗାଇବାକୁ ବ୍ୟବସ୍ଥା କରନ୍ତୁ ତା ପରେ ପୁଞ୍ଜି ସଂଗ୍ରହ କରିବାକୁ ଯିବା ସ୍ୱାଗତଯୋଗ୍ୟ ହେବ।

# ତାମିଲନାଡୁରେ ଉଚ୍ଚଶିକ୍ଷାର ଭବିଷ୍ୟତ



**ଏପି ଶୁଭକାନ୍ତ ସାମଲ**

ତାମିଲନାଡୁରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଏବେ ବଡ଼ ଅସ୍ଥିରତା ଦେଖାଦେଇଛି କାରଣ ରାଜ୍ୟରେ ବିଶ୍ୱବିଦ୍ୟାଳୟ ପାଣ୍ଠି ଏବଂ ଶିକ୍ଷାନୀତିର କାର୍ଯ୍ୟକାରିତାକୁ ନେଇ ଏକ ବିବାଦ ଦେଖାଦେଇଛି। ଏହି ବିବାଦର ମୂଳ କାରଣ ହେଉଛି ତାମିଲନାଡୁ ରାଜ୍ୟ ଶିକ୍ଷା ବିଭାଗର ଜାତୀୟ ଶିକ୍ଷା ନୀତି ପ୍ରତି ବିରୋଧାଭାସ। ଏହି ବିରୋଧାଭାସ କାରଣରୁ ସମଗ୍ର ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକ ଗୁରୁତ୍ୱ ଭାବେ ପ୍ରଭାବିତ ହୋଇଛି ଏବଂ ତାମିଲନାଡୁରେ ଉଚ୍ଚଶିକ୍ଷାର ଭବିଷ୍ୟତକୁ ନେଇ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରାଜ୍ୟ ସରକାରଙ୍କ ଶିକ୍ଷା ଦୃଷ୍ଟିକୋଣ ଏବଂ କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟ କାରଣରୁ ଏପରି ସମସ୍ୟା ଦେଖାଦେଇଛି। ତାମିଲନାଡୁରେ ଡିଏମକେ ନେତୃତ୍ୱାଧୀନ ସରକାର ଓ କେନ୍ଦ୍ର ଭାଜପା ମଧ୍ୟରେ ରାଜନୈତିକ ମତଭେଦ ମଧ୍ୟ ଏହାର ଆଉ ଏକ କାରଣ। ତାମିଲନାଡୁ ସରକାର ବିଶେଷକରି ଦୁଇ ଭାଷା ନୀତି ଏବଂ ଆଞ୍ଚଳିକ ଶିକ୍ଷା ପରମ୍ପରାକୁ ନେଇ ରାଜ୍ୟର ଶିକ୍ଷାଗତ ସ୍ୱାଧୀନତା ବଜାୟ ରଖିବା ଉପରେ କ୍ରମାଗତ ଭାବେ ଗୁରୁତ୍ୱାରୋପ କରିଆସୁଛନ୍ତି। ଏହି ଆଭିମୁଖ୍ୟ ଯୋଗୁଁ ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି ଏବଂ ଏକ ଜଟିଳ ରାଜନୈତିକ ଦୃଶ୍ୟପଟ ସୃଷ୍ଟି ହୋଇଛି। ଯେଉଁଠାରେ ଶିକ୍ଷାନୁଷ୍ଠାନଗୁଡ଼ିକ ଏପରି ପ୍ରତିଦ୍ୱନ୍ଦ୍ୱିତାମୂଳକ ନିର୍ଦ୍ଦେଶନାମା ଏବଂ ନୀତି ମଧ୍ୟରେ ଫସି ରହିଛନ୍ତି। ନିଜସ୍ୱ ରାଜ୍ୟ ଶିକ୍ଷା ନୀତି (ଏସଇପି) ବିକଶିତ କରିବା ପାଇଁ ତାମିଲନାଡୁ ସରକାରଙ୍କ ପଦକ୍ଷେପ ପରିସ୍ଥିତିକୁ ଆହୁରି ଜଟିଳ କରିଛି, ଏହା ଏପରି ସମାନ୍ତରାଳ ନୀତି ସୃଷ୍ଟି କରିଛି ଯାହା ଅନେକାଂଶରେ ଜାତୀୟ ଶିକ୍ଷା ନୀତିର ବିରୋଧ କରୁଛି।

ଏହି ନୀତି ବିବାଦ ବିଶେଷ କରି ବିଶ୍ୱବିଦ୍ୟାଳୟ ଏବଂ ରାଜ୍ୟର ଛାତ୍ର ସମୁଦାୟ ଉପରେ ଗଭୀର ପ୍ରଭାବ ପକାଇଛି। ଏହା କାରଣରୁ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକ ପାଣ୍ଠି ଅନୁଦାନ ଏବଂ ପରିଚାଳନାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ସହ ଗବେଷଣା କାର୍ଯ୍ୟକ୍ରମ ଏବଂ ଭିତ୍ତିଭୂମି ବିକାଶ ବଜାୟ ରଖିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜାତୀୟ ଶିକ୍ଷା ନୀତି ଲାଗୁ ନ ହେବାରୁ ବିଭିନ୍ନ ଅନୁଦାନ ତଥା ପାଣ୍ଠି ଉତ୍ସକୁ ନେଇ ଅନିଶ୍ଚିତତା ତାମିଲନାଡୁର ଅନୁଷ୍ଠାନକୁ ସେମାନଙ୍କର ପରିଚାଳନା ରଣନୀତିର ପୁନଃମୂଲ୍ୟାୟନ କରିବାକୁ ବାଧ୍ୟ କରିଛି, ଯାହା ସେମାନେ ପ୍ରଦାନ କରୁଥିବା ଶିକ୍ଷାର ଗୁଣବତ୍ତାକୁ ପ୍ରଭାବିତ କରିପାରେ। ଅନ୍ୟପକ୍ଷରେ ଛାତ୍ରଛାତ୍ରୀମାନେ ଟ୍ୟୁସନ୍ ଫିରେ ସମ୍ଭାବ୍ୟ ବୃଦ୍ଧି ଏବଂ ଡିଗ୍ରୀର ଭବିଷ୍ୟତ ମୂଲ୍ୟକୁ ନେଇ ବର୍ତ୍ତମାନ ଚିନ୍ତାରେ ଅଛନ୍ତି। ଅନେକ ଛାତ୍ରଛାତ୍ରୀ ମଧ୍ୟ ଜାତୀୟ ସ୍ତରର ସୁଯୋଗ ଏବଂ ସେମାନଙ୍କ ଭବିଷ୍ୟତ ଉପରେ ବ୍ୟାପକ ପ୍ରଭାବ ବିଷୟରେ ଚିନ୍ତିତ ଅଛନ୍ତି।

ଏହି ଜଟିଳ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏବଂ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏହି ନିୟାମକ ସଂସ୍ଥାଗୁଡ଼ିକର ଭୂମିକା ପାଣ୍ଠି ଆବଣ୍ଟନ ଠାରୁ ଆରମ୍ଭ କରି ସମଗ୍ର



ଦେଶରେ ଗୁଣାତ୍ମକ ନିଶ୍ଚିତତା, ଗବେଷଣା ପ୍ରୋତ୍ସାହନ ଏବଂ ଉଚ୍ଚଶିକ୍ଷାମାନରେ ନିରନ୍ତରତା ସୁନିଶ୍ଚିତ କରିବା ପାଇଁ ରହିଥିବା ବେଳେ ବର୍ତ୍ତମାନ ଜାତୀୟ ଉଦ୍ଦେଶ୍ୟ ଏବଂ ରାଜ୍ୟ ସ୍ୱାୟତ୍ତତା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସହିତ ଶିକ୍ଷାଗତ ମାନ ବଜାୟ ରଖିବାକୁ ପ୍ରଚେଷ୍ଟା କରୁଛନ୍ତି। ୟୁଜିସି ଅଧ୍ୟକ୍ଷ ଏମ୍ ଜଗଦୀଶ କୁମାର ଏସବୁ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ବର୍ତ୍ତମାନ ଜାତୀୟ ଶିକ୍ଷା ନୀତିର ଆବଶ୍ୟକତାକୁ ସ୍ୱୀକାର କରିବା ସହିତ ନିରନ୍ତର କେନ୍ଦ୍ରୀୟ ପାଣ୍ଠି ପାଇଁ ଏହାର ନିର୍ଦ୍ଦେଶାବଳୀ ଅନୁପାଳନର ଦିଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ବିଶେଷକରି ଶିକ୍ଷାର ଗୁଣବତ୍ତା ମାନ ବଜାୟ ରଖିବାରେ ଜାତୀୟ ଶିକ୍ଷା ନୀତିରେ ରାଜ୍ୟ-ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରୁଥିବା ବିଷୟରେ ଧ୍ୟାନ ଦେବାକୁ କହିଛନ୍ତି।

ତାମିଲନାଡୁର ରାଜ୍ୟ ଶିକ୍ଷା ନୀତି ତୁଳନାରେ ଜାତୀୟ ଶିକ୍ଷା ନୀତିରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅନେକ ଫାଇଦା ରହିଛି। ଜାତୀୟ ଶିକ୍ଷା ନୀତି ଅନ୍ତର୍ଜାତୀୟ ସହଯୋଗ ଏବଂ ମାନକଗୁଣବତ୍ତା ମାନଦଣ୍ଡ ପାଇଁ ଏକ ଅଧିକ ବ୍ୟାପକ ଢାଞ୍ଚା ପ୍ରଦାନ କରେ ଯାହା ତାମିଲନାଡୁର ଶିକ୍ଷାନୁଷ୍ଠାନଗୁଡ଼ିକୁ ଉପକୃତ କରିପାରିବ। ରାଜ୍ୟମାନଙ୍କରେ ଗବେଷଣା ପାଣ୍ଠି ବୃଦ୍ଧି ଏବଂ ଅଧିକ ଛାତ୍ର ଗତିଶୀଳତା ପାଇଁ ଏହି ଜାତୀୟ ଶିକ୍ଷା ନୀତିର ବ୍ୟବସ୍ଥା ଶିକ୍ଷାଗତ ଅଭିବୃଦ୍ଧି ଏବଂ ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରିପାରେ। ଏହି ସବୁ ଦିଗରୁ ଦେଖିଲେ ଜଣାପଡୁଛି ଯେ ଜାତୀୟ ଶିକ୍ଷା ନୀତିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କଦାପି ତାମିଲନାଡୁର ଶିକ୍ଷା ଭବିଷ୍ୟତର ସର୍ବୋତ୍ତମ ସ୍ୱାର୍ଥ ପୂରଣ କରିପାରିବ ନାହିଁ।

ତାମିଲନାଡୁରେ ଜାତୀୟ ଶିକ୍ଷା ନୀତି ଲାଗୁ ହେବା ରାଜ୍ୟର ଶିକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ସୃଷ୍ଟି କରିପାରେ।ଆଞ୍ଚଳିକ ସ୍ୱାର୍ଥ ବଜାୟ ରଖିବା ସହିତ ଏନଇପି ଗାଇଡଲାଇନକୁ ଅନ୍ତର୍ଭୁକ୍ତ କରୁଥିବା ଏକ ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରି, ତାମିଲନାଡୁ ଏହାର ସାଂସ୍କୃତିକ ଏବଂ ଭାଷାଗତ ପରିଚୟ ବଜାୟ ରଖିବା ସହିତ ବର୍ଦ୍ଧିତ କେନ୍ଦ୍ରୀୟ ପାଣ୍ଠି ଏବଂ ଗବେଷଣା ସୁଯୋଗ ହାସଲ କରିପାରିବ। ରାଜ୍ୟର ଶିକ୍ଷାଗତ ସ୍ୱାଧୀନତା ବଜାୟ ରଖିବା ସହିତ ଏନଇପି ଆବଶ୍ୟକତାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାଦ୍ୱାରା ଆଞ୍ଚଳିକ ଭାଷା ଓ ସାଂସ୍କୃତିକ ଉପାଦାନ ସହିତ ସୁଦୃଢ଼ ସମ୍ପର୍କ ବଜାୟ ରଖିବ। ଏହା ସହିତ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଏବଂ ନିଯୁକ୍ତି ଯୋଗ୍ୟତା ତଥା ଜାତୀୟ ସ୍ତରର ସୁଯୋଗ ଉପରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସୃଷ୍ଟି ହୋଇପାରେ।

ବର୍ତ୍ତମାନ ସମୟରେ ତାମିଲନାଡୁର ବିଶ୍ୱବିଦ୍ୟାଳୟ ପାଣ୍ଠି ସମସ୍ୟାର ସମାଧାନ ପାଇଁ ଏପରି ଏକ ଆଭିମୁଖ୍ୟର ଆବଶ୍ୟକତା ରହିଛି, ଯାହା ଉଭୟ ତାମିଲନାଡୁର ବର୍ତ୍ତମାନର ପରିସ୍ଥିତି ଏବଂ ଭବିଷ୍ୟତ ଶିକ୍ଷାଗତ ଉଦ୍ଦେଶ୍ୟ ବିଚାର କରେ। ରାଜ୍ୟର ଶିକ୍ଷାଗତ ଐତିହ୍ୟର ସୁରକ୍ଷା ପାଇଁ ଆଞ୍ଚଳିକ ସ୍ୱାର୍ଥ ବଜାୟ ରଖିବା ସହିତ ଏନଇପିର ଲାଭଦାୟକ ଉପାଦାନଗୁଡ଼ିକୁ ଅନ୍ତର୍ଭୁକ୍ତ କରୁଥିବା ଏକ ସହଯୋଗୀ ଆଭିମୁଖ୍ୟ ଆଗକୁ ବଢ଼ିବା ପାଇଁ ସର୍ବୋତ୍ତମ ମାର୍ଗ ପ୍ରଦାନ କରିପାରିବ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଚାଲିଥିବା ଆଲୋଚନାରେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରିତା ଏବଂ ଛାତ୍ର କଲ୍ୟାଣ ଉପରେ ନିରନ୍ତର ଧ୍ୟାନ ଦେବାର ଆବଶ୍ୟକତା ରହିଛି। ତାମିଲନାଡୁର ସମୃଦ୍ଧ ଶିକ୍ଷାପରମ୍ପରାକୁ ବଜାୟ ରଖି ଛାତ୍ରଛାତ୍ରୀଙ୍କ ସର୍ବୋତ୍ତମ ସ୍ୱାର୍ଥ ସାଧନ କରୁଥିବା ଏକ ଶିକ୍ଷାଗତ ପରିବେଶ ସୃଷ୍ଟି କରିବା ଚୂଡ଼ାନ୍ତ ଲକ୍ଷ୍ୟ ହେବା ଉଚିତ୍।

ସ୍ନାତକୋତ୍ତର ଛାତ୍ର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଏନସିଇଆରଟି, ଭୁବନେଶ୍ୱର
ମୋବାଇଲ୍: ୭୭୮୮୦୩୨୮

# ମହିଳା, ଶିଶୁ ଓ କିଶୋରଙ୍କ ଭାଷା ପ୍ରକାଶ କରୁଥିବା ଖବରକାଗଜ

**ଶଶାଙ୍କ ଶେଖର ଦାଶ**

ଭାଷା ହେଉଛି ମନର ଭାବ ପ୍ରକାଶ କରିବାର ମାଧ୍ୟମ। ଜଣେ ସାଧାରଣ ବ୍ୟକ୍ତି ଅନ୍ୟ ଜଣକ ପାଖରେ ନିଜର ମନର ଭାବକୁ ଭାଷା ଦ୍ୱାରା ପରିପ୍ରକାଶ କରାଇଥାନ୍ତି। ସେ ଏହାକୁ କଥିତ ଭାଷା ଭାବେ ବ୍ୟବହାର କରିପାରନ୍ତି କିମ୍ବା ଲିଖିତ ଭାଷା ଭାବେ ମଧ୍ୟ ପ୍ରୟୋଗ କରିଥାନ୍ତି। ଯଦିଓ ଭାଷା ବିନା ଠାର କିମ୍ବା ଅନ୍ୟ ଉପାୟରେ ମଧ୍ୟ ଭାବ ପ୍ରକାଶ କରାଯାଏ, ମାତ୍ର ତାହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। ତେଣୁ ଭାଷା ଗୋଟିଏ ଜାତି ନିର୍ମାଣରେ ସହାୟକ ହୋଇଥାଏ। ଜଣକର ଭାବନା ଅନ୍ୟ ଜଣକ ପାଖରେ ପହଞ୍ଚିପାରିଲେ ହିଁ ଜାତିର ଉନ୍ନତି ଦିଗରେ ଉଭୟ ମିଳିତ ହୋଇ କାର୍ଯ୍ୟ କରିପାରିବେ। ଏଣୁ ଯଥାର୍ଥରେ କୁହାଯାଇପାରେ ଭାଷା ହେଉଛି ବିକାଶର ମେରୁଦଣ୍ଡ। ବିକାଶ ବା ଉନ୍ନତି ପାଇଁ ଆବଶ୍ୟକ ହେଉଥିବା ଅନ୍ୟ ସମସ୍ତ ଉପାଦାନ ପରିଭାଷାର ମଧ୍ୟ ବିକାଶରେ ଏକ ବଡ଼ ଭୂମିକା ରହିଛି।

କେବଳ ମହିଳାଙ୍କ ଭାଷା ପ୍ରକାଶ କରୁଥିବା ଖବରକାଗଜ-କେବଳ ମହିଳାଙ୍କ ଦ୍ୱାରା ଏହି ଖବରକାଗଜ ପ୍ରକାଶ ପାଇଥାଏ। ଏହାର ପ୍ରତ୍ୟେକ କାମ ସେମାନେ କରିଥାନ୍ତି। ଖବର ସଂଗ୍ରହ, ଖବରଲିଖନ, ପ୍ରକାଶ ଉପଯୋଗୀ କରାଇବା ଓ ଘର ଘର ବୁଲି ପଂହଚାଇବା କାମ ମହିଳାମାନେ କରନ୍ତି। ଉତରପ୍ରଦେଶର ବୁନ୍ଦେଲି ଓ ଚିତ୍ରକୂଟରୁ ପ୍ରକାଶ ପାଉଥିବା ଏହି ମହିଳା ଖବରକାଗଜର ନାମ "ଖବରଲହରିୟା"। ଏହି କାର୍ଯ୍ୟରେ ପାଖାପାଖି ୪୦ ଜଣ ମହିଳା ଲାଗିଛନ୍ତି। ଆଶ୍ଚର୍ଯ୍ୟର କଥା ହେଲା ସେମାନେ ସମସ୍ତେ ଅନୁସୂଚିତ ଜାତି ଓ ଜନଜାତିର ମହିଳା। ପ୍ରତ୍ୟେକ ସପ୍ତାହରେ ପ୍ରକାଶ ପାଉଥିବା ଏହି ଖବରକାଗଜ ପ୍ରଥମେ ୨୦୦୨ରେ ପ୍ରକାଶ ପାଇଥିଲା। ଏହାକୁ ପ୍ରକାଶ କରିବାରେ ଗୋଟିଏ ଏନଜିଓ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରି ଆସୁଛି। ପ୍ରଥମେ ଏହା ୪ ପୃଷ୍ଠରେ ସୀମିତ ଥିଲା ଅଧୁନାଏହା ୧୨ ପୃଷ୍ଠା ପ୍ରକାଶ ହେଉଛି। ଏହା ହିନ୍ଦୀ, ଭୋଜପୁରୀ ଓ ବୁନ୍ଦେଲୀ ଭାଷାରେ ପ୍ରକାଶ ପାଉଛି। ସୂଚନାଯୋଗ୍ୟ ୨୦୦୯ ମସିହାରେ ଏହି ଖବରକାଗଜକୁ ୟୁନେସ୍କୋ କିଙ୍ଗ ସେଜୋଙ୍ଗ ଲିଟେରାସୀ (ସାକ୍ଷରତା) ପୁରସ୍କାର ମିଳିଥିଲା। ଅଧୁନା ଏହା ପ୍ରକାଶ ପାଇବା ସହ ମହିଳାମାନଙ୍କ ପ୍ରିୟ ହୋଇପାରିଛି। ଏହାକୁ ପ୍ରକାଶ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ ନୂଆଦିଲ୍ଲୀର ସ୍ୱେଚ୍ଛାସେବୀ ସଂସ୍ଥା "ନିରନ୍ତର" ଦେଇ ଆସୁଛି।

କେବଳ ଶିଶୁ ଓ କିଶୋରଙ୍କ ଭାଷା ପ୍ରକାଶ କରୁଥିବା ଖବରକାଗଜ ନିକଟରେ ରାଜଧାନୀ ଦିଲ୍ଲୀର ଛୋଟ ପିଲାମାନେ ଖବରକାଗଜ ପ୍ରକାଶ କରିବା ସହ ଏହାର ବିକ୍ରି ଦାୟିତ୍ୱ ନେବା ଘଟଣା ସାରା ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛି। ଏହା ପୃଥିବୀର ଏପରି ପ୍ରଥମ ଘଟଣା ବୋଲି କୁହାଯାଉଛି। ଅଧୁନା ଖବରକାଗଜ ପ୍ରକାଶ




କରିବା ଆଉ ବଡ଼ଲୋକଙ୍କ କାମ ହୋଇରହିନାହିଁ। ଦିଲ୍ଲୀର ଛୋଟ ପିଲାମାନେ ଖବରକାଗଜ ପ୍ରକାଶ କରି ଏହା ପ୍ରମାଣ କରିଦେଇଛନ୍ତି। ପିଲାମାନଙ୍କ ଦ୍ୱାରା ପ୍ରକାଶ ପାଉଥିବା ଏହି ଖବରକାଗଜର ନାମ ରହିଛି "ବାଲକନାମା"। ଖବରକାଗଜର ସମ୍ପାଦିକା ଦାୟିତ୍ୱ ୧୯ ବର୍ଷୀୟ "ଶନ୍ନୋ" ତୁଲାଉଥିବା ବେଳେ ଏଥିରେ ୩୫ରୁ ଅଧିକ କର୍ମକର୍ତ୍ତା ରହିଛନ୍ତି। ସମସ୍ତଙ୍କ ବୟସ ୨୦ ବର୍ଷରୁ କମ୍। ୧୨ ଜଣ କୁନି ସାମ୍ବାଦିକ ବିଭିନ୍ନ ସ୍ଥାନ ବୁଲି ଖବର ସଂଗ୍ରହ କରନ୍ତି। ପରେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ଏହାକୁ ପ୍ରକାଶ ଉପଯୋଗୀ କରାଇଥାନ୍ତି। ପ୍ରକାଶ ପାଇବା ପରେ ପୁନଶ୍ଚ ସେମାନେ ଏହାକୁ ବିଭିନ୍ନ ସ୍ଥାନ ବୁଲି ସାଧାରଣଲୋକଙ୍କ ମଧ୍ୟରେ ବଣ୍ଟନ କରିଥାନ୍ତି। ସେମାନଙ୍କର ଏହ କାର୍ଯ୍ୟକ୍ରମରେ "ଚେତନାଏନ୍‌ଜିଓ" ସହଯୋଗର ହାତ ବଢ଼ାଇଛି। "ବଢ଼ତେ କଦମ" ନାମକ ଏକ ପ୍ରକଳ୍ପ ମାଧ୍ୟମରେ ଏହା ପ୍ରକାଶ କରାଯାଉଛି। ଗତ ୨୦୧୨-୧୩ରେ ଏହା ପ୍ରକାଶ ପାଇଥିଲା। ଗତ ଅକ୍ଟୋବର ମାସରେ ପ୍ରଥମେ ଏହାର ଇଂରାଜୀ ସଂସ୍କରଣ ହୋଇଛି। ପ୍ରତ୍ୟେକ ୩ ମାସରେ ଏହା ପ୍ରକାଶ ପାଉଥିବା ବେଳେ ଅଧୁନା ଏହା ଉଭୟ ହିନ୍ଦୀ ଓ ଇଂରାଜୀରେ ପ୍ରକାଶ କରାଯାଉଛି।

ଏହି ଖବରକାଗଜ ପକ୍ଷରୁ ଏହାକୁ ବିଶ୍ୱର ପ୍ରଥମ ଘଟଣା ବୋଲି କୁହାଯାଉଛି। ମାତ୍ର ଏହାର ବହୁ ପୂର୍ବରୁ ଓଡ଼ିଶାରେ ଏପରି ଦୁଇଟି ଖବରକାଗଜ ପ୍ରକାଶ ପାଇଥିଲା। ଏହାକୁ ମଧ୍ୟ ଛୋଟ ପିଲାମାନେ ପ୍ରକାଶ କରିଥିଲେ। ଓଡ଼ିଶାରେ ପୂର୍ବରୁ ପ୍ରକାଶ ପାଇଥିବା ଏହି ଦୁଇଟି ଖବରକାଗଜ ହେଉଛି "ଅଙ୍କୁରୋଦଗମ ଓ ମୁହାଁମୁହିଁ"।

"ଅଙ୍କୁରୋଦଗମ" ନାମକ ଖବରକାଗଜଟିକୁ ପିଲାଙ୍କ ସ୍ୱରରୂପେ ବର୍ଣ୍ଣନା କରାଯାଇଛି। ଦୁଇ ମାସରେ ଥରେ ପ୍ରକାଶ ପାଉଥିବା ଏହି ଖବରକାଗଜଟି ପ୍ରଥମେ ୨୦୦୮ ମସିହା ସେପ୍ଟେମ୍ବର-ଅକ୍ଟୋବରରେ ପ୍ରକାଶ ପାଇଥିଲା। କୋରାପୁଟ ଜିଲ୍ଲାର "ସର୍ବଶିକ୍ଷା ଅଭିଯାନ" ପକ୍ଷରୁ ଏହା ପ୍ରକାଶ କରାଯାଉଥିଲା। "ୟୁନିସେଫ ଓଡ଼ିଶା" ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ବେଳେ "ଅନୁପମଭାରତ" ଖବରକାଗଜ ଏହାର ପ୍ରସାର ଦାୟିତ୍ୱ ବହନ କରିଥିଲା। ଅଧୁନା ଏହାର ପ୍ରକାଶନ ବନ୍ଦ ରହିଛି। ସେହିପରି "ମୁହାଁମୁହିଁ" ଖବରକାଗଜଟି ୨୦୦୪ ମସିହା ସେପ୍ଟେମ୍ବର ମାସରେ ପ୍ରଥମେ ପ୍ରକାଶ ପାଇଥିଲା। "ସିଓ୍ୱାଇଏସ୍‌ଡ଼ି ଓ ପ୍ଲାନ ଇଂଟରନ୍ୟାସନାଲ"ର ମିଳିତ ସହଯୋଗରେ ଏହା ପ୍ରକାଶ ପାଇଥିଲା। "ସିଓ୍ୱାଇଏସଡ଼ି"ର ବିଭିନ୍ନ ପ୍ରକଳ୍ପରେ ସାମିଲ ହୋଇଥିବା ସାଧାରଣଲୋକଙ୍କ ପିଲାମାନେ ତାଲିମ ନେଇ ଏହା ପ୍ରକାଶ କରୁଥିଲେ। ଭୁବନେଶ୍ୱରର "ଧଉଳି ପବ୍ଲିକେସନ" ଏହାର ବିତରଣ ଦାୟିତ୍ୱ ଗ୍ରହଣ କରିଥିଲା। ଅଧୁନା ଏହାର ମଧ୍ୟ ପ୍ରକାଶନ ବନ୍ଦ ରହିଛି। ଆଗାମୀ ଦିନରେ ଉଭୟ ଖବରକାଗଜ ପ୍ରକାଶ ପାଇଲେ ସାଧାରଣ ପିଲାଙ୍କ ସ୍ୱର ଅନ୍ୟମାନଙ୍କ ନିକଟରେ ପହଞ୍ଚିପାରିବ ଏହା ନିଃସନ୍ଦେହରେ କୁହାଯାଇପାରେ।


ଦୋଳଲକ୍ଷ୍ମୀଭବନ
ଈଶ୍ୱରପୁର, ସୁନ୍ଦରଗ୍ରାମ, କଟକ
ମୋବାଇଲ୍: ୯୮୬୧୧୭୨୬୦୫

# ତୁମେ କ'ଣ ମୋ ପାଇଁ ଖୁସି ନାହଁ



**ଦିପ୍ତିମୟୀ ନାୟକ**

ସ୍ୱାମୀ ପଚାରେ ସ୍ତ୍ରୀକୁ, ସ୍ତ୍ରୀ ପଚାରେ ସ୍ୱାମୀକୁ, ବୋହୂ ପଚାରେ ଶାଶୁଙ୍କୁ, ଶାଶୁ ପଚାରନ୍ତି ବୋହୂକୁ, ପୁଅ ପଚାରେ ବାପକୁ, ବାପ ପଚାରନ୍ତି ପୁଅକୁ ତୁମେ କଣ ମୋ ପାଇଁ ଖୁସି ନାହଁ। କେବଳ ଏହି କଥାଟି ପରିବାର ଭିତରେ ସୀମିତ ନଥାଏ ସମ୍ପର୍କୀୟ ମାନେ ମଧ୍ୟ ଏହି କଥାକୁ ନେଇ ଅନେକ ଦ୍ୱନ୍ଦରେ ଥାଆନ୍ତି। ସେଥିପାଇଁ ଅନେକ ଜଣ କୁହନ୍ତି ଯେଉଁ ସମ୍ପର୍କରେ ଟିକେ ଖୁସି ନଥାଏ ସେ ସମ୍ପର୍କଟା ବିଷାକ୍ତ ଭଳି ଲାଗିଥାଏ। ସମ୍ପର୍କ ବିଷ ସଦୃଶ ନୁହେଁ ସମ୍ପର୍କ ପ୍ରେମର ସଦୃଶ ହୋଇଥାଏ। ଯିଏ ସମ୍ପର୍କକୁ ବୁଝେ ସେ ସମ୍ପର୍କକୁ ସବୁବେଳେ ସଜାଡିକି ରଖେ। ଆଉ ଯିଏ ସମ୍ପର୍କର ମାନେ ବୁଝେନି ତା ପାଇଁ ଏ ସମ୍ପର୍କ ବି ଅସଜଡ଼ାଭଳି ଲାଗେ। ଏକଥା ମଧ୍ୟ ସମସ୍ତେ ଜାଣିଛନ୍ତି ସମ୍ପର୍କଟା ଟିକେ ଖୁସିରୁ ସଜାଡି ହୋଇଯାଏ ଆଉ ଟିକେ ଦୁଃଖରୁ ସମ୍ପର୍କଟା ଅସଜଡ଼ା ହୋଇଯାଏ। ବେଳେବେଳେ ମନ ସମ୍ଭାଳେନି ସମ୍ପର୍କକୁ ବଞ୍ଚେଇବାକୁ ଯାଇ କେହି କେହି ମୁହଁରେ କହିଦିଅନ୍ତି ସତରେ ତୁମେ କଣ ମୋ ପାଇଁ ଖୁସି ନାହଁ। ଏକଥା କେବଳ ଏଥିପାଇଁ ପଚରାଯାଏ ଯେତେବେଳେ ମଣିଷ କାହାକୁ ପସନ୍ଦ କରୁଥିବ ଆଉ ସେହି ପସନ୍ଦର ମଣିଷ ଯେତେବେଳେ ଅଣଦେଖା କରୁଥିବ ବିନା କାରଣରେ ସମ୍ପର୍କକୁ ଭାଙ୍ଗି ଦେବାର ନିଷ୍ପତି ନେଉଥିବ। ଆଜିକାଲି କିଛି ଜଣ ବୁଝନ୍ତିନି ସମ୍ପର୍କକୁ କେବେ ଭାଙ୍ଗି ହୁଏନି ଜଣେ ସମ୍ପର୍କ ଭାଙ୍ଗିଲେ ଆଉ ଜଣେ ସମ୍ପର୍କକୁ ଯୋଡିବାକୁ ଚାହେଁ କିନ୍ତୁ କଠୋର ମଣିଷ କିଛି ବୁଝେନି। ସମ୍ପର୍କକୁ ନିଆଁ ଧୂଆଁ ଭାବେ ସେଥିପାଇଁ ସମ୍ପର୍କରେ ବନ୍ଧା ଥିବା ଲୋକକୁ ସେ ସମୟ ପାଇଲେ ପାଉଁଶ ଭଳି ଉଡେଇଦିଏ। ଥରେ ସମ୍ପର୍କରେ ଯୋଡି ହୋଇଗଲେ ସେ ସମ୍ପର୍କ ତୁଟେନି ଏଟା ସମସ୍ତେ ବୁଝିବା ଦରକାର। ନିଜ ଆତ୍ମଗର୍ବ, ଇର୍ଷାଭାବ ଭଲ ସମ୍ପର୍କକୁ ଭାଙ୍ଗିବାର ନୂଆ ଏକ ଦିଗ ଥାଏ। ଯୌବନରେ ମଣିଷ ସମ୍ପର୍କ ମାନେ ବୁଝେନି କିନ୍ତୁ ବୃଦ୍ଧାବସ୍ଥାରେ ଭାବେ ସେ କେତେ ସମ୍ପର୍କୀୟଙ୍କୁ ଆଘାତ ଦେଉଥିଲା ଆଉ ତାକୁ କେତେଜଣ ପଚାରିଥିଲେ ତୁମେ କଣ ମୋ ପାଇଁ ଖୁସି ନାହଁ। ତେବେ ସମ୍ପର୍କ ସଜାଡ଼ିବାକୁ ବହୁତ ଦିନ ଲାଗିଥାଏ ଆଉ ସମ୍ପର୍କ ଭାଙ୍ଗିବାକୁ ଗୋଟେ ମିନିଟ ବି ଲାଗିନଥାଏ। ଆଜିକାଲି କେହି କାହା ପାଇଁ ଖୁସି ନୁହଁ କାରଣ ଆଜିକାଲି ସ୍ୱାର୍ଥବାଦୀ ଦୁନିଆ। କାହାକୁ ବାରମ୍ବାର ପଚାରିବା କିଛି ଆବଶ୍ୟକ ନାହିଁ ଆପଣଙ୍କ ପାଇଁ କିଏ ଖୁସି ଅଛି ଆଉ ନଅଛି। ଯଦି ଆପଣ ଠିକ ଅଛନ୍ତି ତେବେ ଆପଣ ମଧ୍ୟ କାହାକୁ ପଚାରନ୍ତୁନି କିଏ ଆପଣଙ୍କ ପାଇଁ କେତେ ଖୁସି ଅଛି। ଗୋଟେ କଥା ସବୁବେଳେ ମନେ ରଖିବା ଉଚିତ ଭଲ ଲୋକଙ୍କୁ ଏଠି



କେହି ବୁଝନ୍ତି ନାହିଁ କିନ୍ତୁ ଖରାପ ଲୋକଙ୍କୁ ବୁଝିବା କିଛି ଆବଶ୍ୟକ ପଡେନାହିଁ ବାସ କଥା ଚିକ୍କଣ ହେଲେ ଆସର ଜମିବ। ପରଚର୍ଚ୍ଚା ବଢ଼ିବ। ଶେଷରେ ଭଲ ଲୋକ ମନ୍ଦ ଭଳି ଲାଗିବ ଆଉ ମନ୍ଦ ଲୋକ ନିଜର ହୋଇଯିବ। ଯଦି ଆମେ ପରିବାର କଥା ଏଠାରେ କହିବା କିଏ କାହା ପାଇଁ ଖୁସି ନାହିଁ ତେବେ ଏଟା ଏକ ପାରିବାରିକ ସମସ୍ୟା। ସ୍ୱାମୀ ଭଲଥିଲେ ସ୍ତ୍ରୀ ଭଲ ମିଳେନି। ସ୍ତ୍ରୀ ଭଲଥିଲେ ସ୍ୱାମୀ ଭଲ ମିଳେନି। ଶାଶୁ ଭଲଥିଲେ ବୋହୂ ଭଲ ମିଳେନି। ବୋହୂ ଭଲଥିଲେ ଶାଶୁ ଭଲ ମିଳେନି। ବାପ ଭଲଥିଲେ ପୁଅ ଭଲ ହୁଏନି। ପୁଅ ଭଲଥିଲେ ବାପ ଭଲ ହୁଏନି। ଯଦି ଆପଣ ଭାବୁଥିବେ ଅବଶ୍ୟ ପରିବାର ଭିତରେ ଝଗଡା ହେଲେ ତୁମେ କଣ ମୋ ପାଇଁ ଖୁସି ନାହଁ ଶୁଣିବାକୁ ମିଳେ କିନ୍ତୁ କାହିଁକି କେହି କାହା ପ୍ରତି ଖୁସି ରହିବେନି। ତେଣୁ ସବୁବେଳେ ଗୋଟେ କଥା ମନେ ରଖିବା ଉଚିତ କେହି କାହା ଭଳି ହୋଇପାରିବେନି। ସମସ୍ତଙ୍କର କିଛି ଅଲଗା ଅଲଗା ଗୁଣ ଅଛି ଆଉ କିଛି ଖରାପ ଅଭ୍ୟାସ ମଧ୍ୟ ରହିଛି। ମଣିଷ ଅଧିକ ଦୁଃଖୀ ହୋଇଗଲେ ମନର କଥାକୁ ମୁହେଁ ମୁହେଁ କହିଦିଏ ତୁମେ କଣ ମୋ ପାଇଁ ଖୁସି ନାହଁ। ଏକଥା ଏଥିପାଇଁ ସେମାନେ କୁହନ୍ତି କାରଣ ସେମାନଙ୍କୁ ମଧ୍ୟ କଷ୍ଟ ହୁଏ ଯାହାଫଳରେ ଏମିତି କଥା ଶୁଣିବାକୁ ମିଳେ।

ସାଙ୍ଗସାଥି, ବନ୍ଧୁ ପରିଜନ, ପ୍ରେମିକ, ପ୍ରେମିକା ସମସ୍ତେ ସମସ୍ତଙ୍କୁ ପଚାରନ୍ତି ତୁମେ କଣ ମୋ ପାଇଁ ଖୁସି ନାହଁ। ଏକଥା ମଧ୍ୟ ସତ ସୁଖର ଜୀବନ ଭିତରେ ଯେତେବେଳେ ଅନେକ ଦୁଃଖ ମାଡି ଆସେ ସେତେବେଳେ ଏହି କଥାଟି ହିଁ ଅନ୍ୟକୁ ପଚାରିବାକୁ ପଡିଥାଏ। ଯଦି ତୁମେ ମୋ ପାଇଁ ଖୁସି ନାହଁ ତେବେ ମୁଁ ତୁମ ଜୀବନକୁ କେବେବି ଆସିବିନି କି ତମ ଦୁଃଖର କାରଣ ହେବିନି। କିଛି ଲୋକ ଅନ୍ୟକୁ ଖୁସିରେ ରହିବାକୁ କହି ନିଜ ଜୀବନ ହାରନ୍ତି ଆଉ ଜୀବନ ହାରିବା ପୂର୍ବରୁ ସେହି ଗୋଟିଏ କଥା କହିଥାଆନ୍ତି ଯଦି ତମେ ମୋ ପାଇଁ ଖୁସି ନାହଁ ତେବେ ଏ ଜୀବନ ମଧ୍ୟ ମୋର ନୁହଁ ବୋଲି କହିଥାନ୍ତି। ଶେଷରେ ଜୀବନ ମଧ୍ୟ ହାରିଥାଆନ୍ତି। କାହିଁକି ନା ଏମାନେ କାହା ଦୁଃଖର କାରଣ ହେବାକୁ ଚାହିଁ ନଥାନ୍ତି ଏମାନେ ଭାବିଦିଅନ୍ତି ଏମାନେ ମରିଗଲେ ସବୁ ସମସ୍ୟାର ସମାଧାନ ହୋଇଯିବ କିନ୍ତୁ ଏସବୁ ଭୁଲ ଅନ୍ୟର ଖୁସି ଚାହିଁଲେ ଯଦି ତୁମ ଖୁସି ହଜିଯାଉଛି ତେବେ ତୁମେ କାହିଁକି ଜୀବନ ହାରିବ। ଯିଏ ତୁମ ପାଇଁ ଖୁସି ନୁହେଁ ତୁମେ ତାଙ୍କ ପାଇଁ ଖୁସି ହୁଏ ହେଲେ ସେମାନଙ୍କୁ ଜଣେଇବାକୁ ଦିଅନି ତୁମେ ସେମାନଙ୍କ ପାଇଁ କେତେ ଖୁସି। ଜୀବନରେ ସୁଖ ଦୁଃଖ ଲାଗିରହିଛି କିଏ କେତେବେଳେ କାହା ପାଇଁ ହସୁଛି ଆଉ କିଏ କେତେବେଳେ ଆଉ କାହା ପାଇଁ କାନ୍ଦୁଛି କାରଣରେ ଏ ଜୀବନରେ ଯଦି ଦୁଃଖ ନାହିଁ ଜୀବନ ଜିଇଁ କିଛି ଲାଭ ନାହିଁ।

ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ: ୯୦୯୦୬୬୧୫୮୬

## ବୈଠକରେ ଯୋଗ ନ ଦେବାରୁ ୯୯ ଜଣ ଚାକିରିରୁ ବିଦା

**ନ୍ୟୁୟର୍କ, ୧୮।୧୧:** ସକାଳ ବୈଠକରେ ଯୋଗଦେଇ ନ ପାରିବାରୁ ୯୯ ଜଣ କର୍ମଚାରୀଙ୍କୁ ବହିଷ୍କାର। ଆମେରିକାର ଏକ କମ୍ପାନୀର ସିଇଓ କର୍ମଚାରୀଙ୍କ ବିରୁଦ୍ଧରେ ଏପରି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। କମ୍ପାନୀରେ ଥିବା ମୋଟ ୧୧୦ ଜଣ କର୍ମଚାରୀଙ୍କ ମଧ୍ୟରୁ ୯୯ ଜଣଙ୍କୁ ଏକା ସାଙ୍ଗରେ ବାହାର କରି ଦିଆଯାଇଛି। ବହିଷ୍କୃତ ହୋଇଥିବା ଜଣେ କର୍ମଚାରୀ ରେଡ୍ଡିଟ୍ (ଏକ ୱେବସାଇଟ)ରେ ଏନେଇ ପୋଷ୍ଟ କରି ଘଟଣାକୁ ସର୍ବସମ୍ମୁଖକୁ ଆଣିଛନ୍ତି। ସିଇଓଙ୍କ ପାଖରୁ ପାଇଥିବା ମେସେଜ୍ ଶେୟାର କରି ସେ କହିଛନ୍ତି, "ମୁଁ ବାଦ୍ୟଯନ୍ତ୍ର ବିକ୍ରୟ କରୁଥିବା ଏକ କମ୍ପାନୀରେ ଯୋଗ ଦେଇଥିଲି। ମାତ୍ର ଯୋଗଦେବାର ଗୋଟିଏ ଘଣ୍ଟା ପରେ ମୋତେ ଚାକିରିରୁ ବହିଷ୍କାର କରାଯାଇଛି। ସିଇଓ ନିଜକୁ କଲଭିନ ବୋଲି ଦର୍ଶାଇ ଏକ ଲମ୍ବା ଚିଠି ଲେଖି ଆମମାନଙ୍କୁ ବହିଷ୍କାର କରିଛନ୍ତି।" ଏହି ଲେଟରରେ ଲେଖା ଯାଇଥିଲା, "ଯେଉଁମାନେ ଆଜି ସକାଳ ବୈଠକକୁ ଆସିନଥିଲେ, ଏ ଚିଠି ସେହି ମାନଙ୍କ ପାଇଁ। ଏହାକୁ ଆପଣମାନେ ଅଫିସିଆଲ୍ ନୋଟିସ୍ ବୋଲି ଭାବି ପାରିବେ। ଆପଣ ସମସ୍ତେ ବରଖାସ୍ତ ହୋଇଛନ୍ତି। କାରଣ କମ୍ପାନୀ ସହ ଯେଉଁ ସହମତି ପ୍ରକାଶ କରି ଯୋଗ ଦେଇଥିଲେ, ତାହା କରିବାରେ ବିଫଳ ହୋଇଛନ୍ତି।" ଆପଣମାନେ କମ୍ପାନୀର ଚୁକ୍ତି ପୂରଣ କରିବାରେ ବିଫଳ ହୋଇଛନ୍ତି, ସକାଳ ବୈଠକରେ ଉପସ୍ଥିତ ନଥିଲେ, ତେଣୁ ଆପଣମାନଙ୍କୁ ବହିଷ୍କାର କରାଯାଉଛି ବୋଲି ଚିଠିରେ ଲେଖାଯାଇଛି। ଏଥିସହ କର୍ମଚାରୀମାନେ କମ୍ପାନୀ ସହ କରିଥିବା ଚୁକ୍ତିକୁ ବାତିଲ୍ କରିବା ସହ କମ୍ପାନୀରୁ କିଛି ନେଇଥିଲେ ଫେରସ୍ତ କରିବାକୁ ଚିଠିରେ କୁହାଯାଇଛି। କମ୍ପାନୀ ସହ ଜଡ଼ିତ ସମସ୍ତ ଲଗଇନ୍ ଆକାଉଣ୍ଟରୁ ସାଇନ୍ ଆଉଟ୍ କରିବାକୁ ମଧ୍ୟ ସିଇଓ ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି।

### ବାହାଘର ବେଳେ ବାଣ ଫୁଟାଇବା ନେଇ ଯୁକ୍ତିତର୍କ

## ୯ ଜଣଙ୍କ ଉପରେ ଗାଡ଼ି ମଡ଼ାଇଦେଲେ

**ଜୟପୁର, ୧୮।୧୧:** ୯ ଜଣଙ୍କ ଉପରେ କାର ଚଢ଼ାଇ ଦେଇଛନ୍ତି ଜଣେ ବ୍ୟକ୍ତି। ବାହାଘର ବେଳେ ହୋଇଥିବା ଯୁକ୍ତିତର୍କ ଯୋଗୁ ବ୍ୟକ୍ତି ଜଣଙ୍କ ଏପରି କାଣ୍ଡ ଘଟାଇଛନ୍ତି। ରାଜସ୍ଥାନର ଡଉସା ଜିଲ୍ଲାରେ ରବିବାର ରାତିରେ ଏପରି ଘଟଣା ଘଟିଛି। ଜିଲ୍ଲାର ଲାଲପୁରା ଗାଁରେ ଗୋଟିଏ ବାହାଘର କାର୍ଯ୍ୟକ୍ରମ ଚାଲିଥିଲା। ଅଭିଯୁକ୍ତ ଜଣଙ୍କ ବର ଘର ପକ୍ଷରୁ ଜାନ ଧରି ଆସିଥିଲେ। ବାହାଘର ହେଉଥିବା ମଣ୍ଡପ ବାହାରେ ସେ ବାଣ ଫୁଟାଇବା ସହ ନାଚିଥିଲେ। ଏତିକି ବେଳେ କନ୍ୟାର ଭାଇ ଏହାକୁ ବିରୋଧ କରିବାରୁ ଆରମ୍ଭ ହୋଇଥିଲା ଯୁକ୍ତିତର୍କ। କଥା ଆଗକୁ ବଢ଼ିବାରୁ ଅଭିଯୁକ୍ତ ଜଣଙ୍କ ବାହାରି ନିଜ କାର୍‌ରେ ବସିଥିଲେ। ଏହାପରେ ଅତୀବ ଦ୍ରୁତଗତିରେ କନ୍ୟା ଘରର ୯ ଜଣଙ୍କ ଉପରେ ଏହାକୁ ଚଢ଼ାଇ ଦେଇଥିଲେ। ଏଥିପରେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ସେ କାର୍ ମଡ଼ାଇ ଦେବାରୁ ୯ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଏସଏମଏସ ହସ୍ପିଟାଲ ପକ୍ଷରୁ କୁହାଯାଇଛି। ପୁଲିସ୍ ଏପରି ଅଭିଯୋଗ ପାଇବା ପରେ ଫେରାର ଅଭିଯୁକ୍ତଙ୍କୁ ଖୋଜିବାରେ ଲାଗି ପଡ଼ିଛି। ହେଲେ ରିପୋର୍ଟ ଲେଖା ହେବା ଯାଏ ତାଙ୍କର କୌଣସି ପତ୍ତା ମିଳିନାହିଁ। ସେହିପରି ଘଟଣା ବେଳକୁ ସେ ମଦ ପିଇଥିଲେ କି ନାହିଁ, ସେକଥା ମଧ୍ୟ ଜଣାପଡ଼ିନାହିଁ।

### ସ୍କୁଲ୍ ସଭାରେ ପହଞ୍ଚିବା ବିଳମ୍ବରୁ ଦଣ୍ଡ

## ୧୮ ଛାତ୍ରୀଙ୍କ ଚୁଟି କାଟିଦେଲେ ଗୁରୁମା

**ବିଜୟୱାଡ଼ା, ୧୮।୧୧:** ଛାତ୍ରଛାତ୍ରୀ ପାଠ ନ ପଢ଼ିଲେ କିମ୍ବା କୌଣସି ଭୁଲ୍ କଲେ ଶିକ୍ଷକ-ଶିକ୍ଷୟିତ୍ରୀ ସେମାନଙ୍କୁ ଦଣ୍ଡ ଦେବା କୌଣସି ଅପରାଧ ନୁହେଁ। କିନ୍ତୁ ବେଳେ ବେଳେ ଗୁରୁଜୀ-ଗୁରୁମାଙ୍କର ଦଣ୍ଡ ଦେବାର ଶୈଳୀ ସମାଲୋଚନାର କେନ୍ଦ୍ର ବିନ୍ଦୁ ପାଲଟୁଛି। ଏପରି ଏକ ସଦ୍ୟତମ ଘଟଣା ଘଟିଛି ଆନ୍ଧ୍ରପ୍ରଦେଶରେ। ପିଲାମାନେ ସ୍କୁଲ୍ ସଭାକୁ ବିଳମ୍ବରେ ଆସିବାରୁ ଗୁରୁମା ସେମାନଙ୍କ କେଶ କାଟି ଦେଇଥିବା ଅଭିଯୋଗ ହୋଇଛି। ଏପରି ଦଣ୍ଡ ଜଣେ କିମ୍ବା ଦୁଇ ଜଣଙ୍କୁ ଦିଆଯାଇ ନାହିଁ, ସ୍କୁଲର ୧୮ ଜଣ ଛାତ୍ରୀଙ୍କୁ କେଶ କାଟି ଦିଆଯାଇଛି। ସୂଚନା ଅନୁସାରେ, ଏହି ଘଟଣା ଆଲ୍ଲୁରି ସୀତାରାମାରାଜୁ ସ୍ଥିତ ଏକ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟରେ ଘଟିଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ସାଇ ପ୍ରସନ୍ନା ସେମାନଙ୍କ କେଶ କାଟି ଦେଇଥିବା ଅଭିଯୋଗ ଆସିଛି। ସାଇ ପ୍ରସନ୍ନା ମଧ୍ୟ ଛାତ୍ରୀମାନଙ୍କ ସୁରକ୍ଷା ଏବଂ ନିରାପତ୍ତା ଦାୟିତ୍ୱରେ ଥିଲେ। ଖବର ମୁତାବକ ହଷ୍ଟେଲରେ ପାଣି ନଥିବାରୁ ଛାତ୍ରୀମାନେ ସ୍କୁଲ୍ ସଭାରେ ବିଳମ୍ବରେ ପହଞ୍ଚିଥିଲେ। କିନ୍ତୁ ଗୁରୁମା କିଛି ନ ଶୁଣି ୧୮ ଜଣ ଛାତ୍ରୀଙ୍କ କେଶ କାଟି ଦେଇଥିଲେ। ଏପରିକି ଚାରି ଜଣ ଛାତ୍ରୀଙ୍କୁ ମଧ୍ୟ ଶାରୀରିକ ନିର୍ଯାତନା ଅର୍ଥାତ୍ ଖରାରେ କିଛି ସମୟ ଛିଡ଼ା କରାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରି ଦଣ୍ଡିତ କରିବା ପରେ ଏ ବାବଦରେ କାହାକୁ ନ କହିବା ପାଇଁ ମଧ୍ୟ ଛାତ୍ରୀମାନଙ୍କୁ ତାଗିଦ କରିଥିଲେ ସାଇ ପ୍ରସନ୍ନା। କିନ୍ତୁ ଛାତ୍ରୀମାନେ ପରିବାର ଲୋକଙ୍କୁ ଜଣାଇବା ପରେ ଖବର ସାମ୍ନାକୁ ଆସିଛି। ଏନେଇ ଶିକ୍ଷୟିତ୍ରୀଙ୍କୁ ପଚରା ଯିବାରୁ ସେ ଛାତ୍ରୀମାନଙ୍କ ମଧ୍ୟରେ ଶୃଙ୍ଖଳା ଆଣିବା ପାଇଁ ଏପରି ପଦକ୍ଷେପ ନେଇଥିବା କହିଛନ୍ତି।

## ବାଇଡେନ୍ ଆରମ୍ଭ କରିବେ ତୃତୀୟ ବିଶ୍ୱଯୁଦ୍ଧ

**ମସ୍କୋ, ୧୮।୧୧:** ଲାଗୁଛି ଯିବା ପୂର୍ବରୁ ବିଶ୍ୱକୁ ୩ୟ ବିଶ୍ୱଯୁଦ୍ଧ ମଧ୍ୟକୁ ଠେଲିଦେବାକୁ ଚାହୁଁଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ। ଶକ୍ତିଶାଳୀ ଦୂରଗାମୀ ଆମେରିକୀୟ କ୍ଷେପଣାସ୍ତ୍ର ବ୍ୟବହାର କରି ରୁଷ ଭିତରେ ଆକ୍ରମଣ କରିବାକୁ ବାଇଡେନ ଅନୁମତି ଦେଇଛନ୍ତି। ରୁଷ୍ ଏହାକୁ ସମ୍ଭାବ୍ୟ ତୃତୀୟ ବିଶ୍ୱଯୁଦ୍ଧର ଆରମ୍ଭ ବୋଲି କହିଛି। ଆମେରିକାର କ୍ଷେପଣାସ୍ତ୍ର ସାହାଯ୍ୟରେ ରୁଷିଆ ଉପରେ ୟୁକ୍ରେନ ଆକ୍ରମଣ କଲେ ତାହ ତୃତୀୟ ବିଶ୍ୱଯୁଦ୍ଧର କାରଣ ହୋଇପାରେ ବୋଲି ରୁଷିଆର ସାଂସଦମାନେ ରବିବାର କହିଛନ୍ତି। ଏପରିକି ପରବର୍ତ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୁଅ ଡୋନାଲ୍ଡ ଟ୍ରମ୍ପ ଜୁନିଅର ବି ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଅସ୍ତ୍ରଶସ୍ତ୍ର କମ୍ପାନିଙ୍କୁ ଫାଇଦା ଦେବାକୁ ବାଇଡେନ ଏପରି ଯୋଜନା କରିଛନ୍ତି ବୋଲି ସେ କହିଛନ୍ତି । ଆମେରିକାର କ୍ଷେପଣାସ୍ତ୍ର ସାହାଯ୍ୟରେ ରୁଷିଆ ଉପରେ ୟୁକ୍ରେନ ଆକ୍ରମଣ କଲେ ତାହ ତୃତୀୟ ବିଶ୍ୱଯୁଦ୍ଧର କାରଣ ହୋଇପାରେ ବୋଲି ରୁଷିଆର ସାଂସଦମାନେ ରବିବାର କହିଛନ୍ତି। ଏପରିକି ପରବର୍ତ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୁଅ ଡୋନାଲ୍ଡ ଟ୍ରମ୍ପ ଜୁନିଅର ବି ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଅସ୍ତ୍ରଶସ୍ତ୍ର କମ୍ପାନିଙ୍କୁ ଫାଇଦା ଦେବାକୁ ବାଇଡେନ ଏପରି ଯୋଜନା କରିଛନ୍ତି ବୋଲି ସେ କହିଛନ୍ତି। ପୁଟିନଙ୍କ ସେନାଙ୍କୁ ସାହାଯ୍ୟ କରିବା ପାଇଁ ଉତ୍ତର କୋରିଆ ସୈନିକମାନଙ୍କୁ ରୁଷିଆରେ ନିୟୋଜିତ କରିବା ପରେ ଆମେରିକୀୟ ପକ୍ଷରୁ ଏହି ଅନୁମତି ଦିଆଯାଇଛି। ରୁଷର କୁର୍ସ୍କ ଅଞ୍ଚଳରେ ପାଖାପାଖି ୫୦ ହଜାର ସୈନିକ ମୁତୟନ ଅଛନ୍ତି। କିଛି ମାସ ତଳେ ୟୁକ୍ରେନ୍ ଏହି ଅଂଚଳକୁ ଦଖଲ କରିଥିଲା। ରୁଷ ପୋଲେଣ୍ଡରେ ପରବର୍ତ୍ତୀ ... କୁର୍ସ୍କ ଫେରାଇ ଆଣିବାକୁ ଚାହୁଁଛନ୍ତି। ସେପଟେ ଆମେରିକା ଓ ଏହାର ପାଶ୍ଚାତ୍ୟ ସହଯୋଗୀ ରାଷ୍ଟ୍ରମାନେ କୁର୍ସ୍କକୁ ଆଲୋଚନା ବେଳେ ବାର୍ଗେନିଂ ପାଇଁ ଜରୁରୀ ମନେ କରୁଛନ୍ତି।

## ଗର୍ଭବତୀଙ୍କୁ ହତ୍ୟା ପରେ ଖଣ୍ଡ ଖଣ୍ଡ କରି ନାଳରେ ଫିଙ୍ଗିଦେଲେ

**ସିଆଲକୋଟ, ୧୮।୧୧:** ମଣଷ ଭୁଲିଗଲା ମଣଷ ପଣିଆ। ଟପିଗଲା ନୃଶଂସତାର ସବୁ ସୀମା। ଗର୍ଭବତୀଙ୍କୁ ବି ଛାଡ଼ିଲାନି। ତାଙ୍କୁ ହତ୍ୟା ପରେ ଖଣ୍ଡ ଖଣ୍ଡ କରି କାଟି ନାଳରେ ଫିଙ୍ଗିଦେଲେ। ଏଭଳି କିଛି ଜଘନ୍ୟ କାଣ୍ଡ ଘଟିଛି ପାକିସ୍ତାନର ପଞ୍ଜାବ ପ୍ରାନ୍ତରେ। ପାକିସ୍ତାନ ପଞ୍ଜାବ ପ୍ରାନ୍ତର ସିଆଲକୋଟ ଜିଲ୍ଲାର ଦାସକା ଅଞ୍ଚଳ। ଏଠାରେ ଜଣେ ଗର୍ଭବତୀଙ୍କୁ ତାଙ୍କର ହିଁ ପରିବାର ଲୋକେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। କୁହାଯାଉଛି ଯେ ତାଙ୍କୁ ତାଙ୍କ ଶାଶୁ ହିଁ ହତ୍ୟା କରିଛନ୍ତି। କେବଳ ସେତିକି ନୁହେଁ ଅପରାଧ ଲୁଚାଇବା ପାଇଁ ହତ୍ୟା ପରେ ନିଜର କିଛି ସାଥୀଙ୍କ ସହ ମିଶି ଗର୍ଭବତୀଙ୍କ ମୃତଦେହକୁ ଖଣ୍ଡ ଖଣ୍ଡ କରି କାଟି ତିନୋଟି ବସ୍ତାରେ ଭର୍ତ୍ତି କରି ନାଳରେ ଫିଙ୍ଗି ଦେଇଛନ୍ତି। ଏହି ମାମଲାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ମୃତ ମହିଳା ଜଣକ ହେଲେ ଜାରା କାଦିର। ତାଙ୍କ ବୟସ ୨୦ ବର୍ଷ। ସେ ପାଞ୍ଚ ମାସର ଗର୍ଭବତୀ ଥିଲେ। ପୁଲିସ କହିବା ମୁତାବକ, ଶାଶୁ-ବୋହୂ ମଧ୍ୟରେ କୌଣସି କଥାକୁ ନେଇ କିଛି ଦିନ ହେବ ଝଗଡା ଲାଗି ରହିଥିଲା। ତେବେ ଏହି ଝଗଡ଼ା ପରେ ଉଗ୍ରରୂପ ନେଇଥିଲା। ରାଗି ଯାଇ ଶାଶୁ ବୋହୂକୁ ହତ୍ୟା କରିଥିବା କୁହାଯାଉଛି। ଗତ ସପ୍ତାହରେ ଏହି ଘଟଣା ଘଟିଛି। ଏହି ମାମଲାରେ ମହିଳାଙ୍କ ଶାଶୁ ସୁଧରାନ ବିବି, ନଣନ୍ଦ ଯାସ୍ମିନ, ଭଣଜା ହମଜା ଓ ଅନ୍ୟ ଜଣେ ସମ୍ପର୍କୀୟ ନବିଦ ସାମିଲ ଅଛନ୍ତି। ପୁଲିସ କହିଛି ଯେ ମହିଳା ଜାରା କାଦିର ଗତ ସପ୍ତାହରେ ହଠାତ୍ ନିଖୋଜ ହୋଇଯାଇଥିଲେ। ଏହାପରେ ତାଙ୍କର ଖୋଜାଖୋଜି ଜାରି ରହିଥିଲା। ତେବେ ରବିବାର ଏକ ନାଳରୁ ତିନୋଟି ଅଖାରେ ଭର୍ତ୍ତି ଜଣେ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର ହୋଇଥିଲା। ତଦନ୍ତ ପରେ ଉକ୍ତ ମୃତଦେହଟି ନିଖୋଜ ମହିଳା ଜାରାଙ୍କର ବୋଲି ଜଣାପଡିଛି। ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ହାଜତକୁ ପଠାଇଛି। ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ପୁଲିସ।

### ଦିଲ୍ଲୀ ପ୍ରଦୂଷଣ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

# ସମ୍ପୂର୍ଣ୍ଣ ଏନ୍‌ସିଆର୍‌ରେ କଟକଣା ଲଗାଇବାକୁ ନିର୍ଦ୍ଦେଶ



**ନୂଆଦିଲ୍ଲୀ, ୧୮।୧୧:** ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଅତି ଉଦବେଗଜନକ ରହିଛି। କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଏକ୍ୟୁଆଇ ୪୫୦ ଉପରେ ରହିଛି। ପୁରା ଦିଲ୍ଲୀ ସହର ଘନ କୁହୁଡ଼ି ଏବଂ ଧୂି ଧୂଆଁରେ ଆଚ୍ଛାଦିତ ହୋଇଯାଇଛି। ଦିନରେ ମଧ୍ୟ ୧୦୦ ମିଟରରୁ ଅଧିକ ଦୂରତାରେ ଥିବା କିଛି ବି ଦେଖାଯାଉନି। ଗାଡ଼ି ମୋଟର ସବୁ ଦିନ ଦ୍ୱିପ୍ରହରରେ ହେଡ ଲାଇଟ ଜାଳିବାକୁ ବାଧ୍ୟ ହେଉଛନ୍ତି। ଏହି ପରିସ୍ଥିତି ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହିତ ଦିଲ୍ଲୀ ପ୍ରଶାସନକୁ ତାଗିଦ କରିଛନ୍ତି। ପ୍ରଦୂଷଣ ରୋକିବାକୁ ଆପଣ କ'ଣ ପଦକ୍ଷେପ ନେଇଛନ୍ତି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏହା ସହିତ କେବଳ ଦିଲ୍ଲୀ ନୁହେଁ, ସମ୍ପୂର୍ଣ୍ଣ ନ୍ୟାସନାଲ କ୍ୟାପିଟାଲ ରିଜନ (ଏନସିଆର)ରେ ପ୍ରଦୂଷଣ ରୋକିବାକୁ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଏକ୍ୟୁଆଇ ୪୦୦ରୁ କମ ହେଲେ ବି ଜିଆରଏପି-୪ କଟକଣା ବଳବତ୍ତର ରଖିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ମଧ୍ୟ ଉତ୍ତର-ପଶ୍ଚିମ ଭାରତର ବିଭିନ୍ନ ସ୍ଥାନରେ ନଡ଼ା ବା କୃଷି ବର୍ଜ୍ୟ ବସ୍ତୁ ଜାଳିବା ଉପରେ ଦିନ ତମାମ ନଜର ରଖି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ସମେତ ୟୁପି, ହରିୟାନାର ଯେଉଁସବୁ ଅଞ୍ଚଳ ଏନସିଆରରେ ରହିଛି ସେସବୁ ସ୍ଥାନରେ ସମସ୍ତ ସ୍କୁଲ ବନ୍ଦ କରି ଅନଲାଇନ କ୍ଲାସ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବାୟୁ ପ୍ରଦୂଷଣ ହ୍ରାସ ନିମନ୍ତେ ତତ୍କାଳ ପଦକ୍ଷେପ ନେବାକୁ ସୁପ୍ରିମକୋର୍ଟ ସମ୍ପୃକ୍ତ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଜାବ ଓ ହରିୟାନାରେ କଅଷକମାନେ ବିଲରେ ନଡ଼ା ଜାଳିବା ହେତୁ ଯେଉଁ ଧୂଆ ବାହାରୁଛି ତାହା ଉତ୍ତର-ପଶ୍ଚିମ ଦିଗରୁ ଆସୁଥିବା ଥଣ୍ଡା ପବନରେ ଦିଲ୍ଲୀକୁ ଚାଲିଆସୁଛି। ଏହା ହିଁ ଦିଲ୍ଲୀରେ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ। ଲଗାତାର ଭାବେ ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ବାୟୁ ଗୁଣବତ୍ତା ନିମ୍ନସ୍ତରକୁ ଖସିବା ପରେ ଆଜି ଜିଆର୍‌ଏପି-୪ ଲାଗୁ କରାଯାଇଛି। ବାୟୁ ଗୁଣବତ୍ତା ୪୦୦ରୁ ଅତିକ୍ରମ କରିବା ପରେ ଦିଲ୍ଲୀରେ ଏହି ନିୟମ ଲାଗୁ ହୋଇଛି। ଏହି ନିୟନ ଲାଗୁହେବା ପରେ ଦିଲ୍ଲୀ-ଏନସିଆରରେ ସମସ୍ତ ନିର୍ମାଣ ଏବଂ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିବ। ଏଥିସହ ଦିଲ୍ଲୀକୁ ଭାରି ଯାନ ପ୍ରବେଶ କରିପାରିବ ନାହିଁ, ଯାହା ଫଳରେ ଅଙ୍ଗାରକାମ୍ଳ ନିର୍ଗମନକୁ ରୋକିବା ସହ ପ୍ରଦୂଷଣକୁ ରୋକାଯାଇ ପାରିବ। ସେହିପରି ପ୍ରାଥମିକ ସ୍କୁଲ୍ ଅର୍ଥାତ୍ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ କ୍ଲାସ୍ ୱାର୍କ ଫ୍ରମ୍ ହୋମ୍ କରାଯାଇ ଥିବାବେଳେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ୫୦ ପ୍ରତିଶତ ଲୋକଙ୍କୁ ଅଫିସରେ ଏବଂ ଆଉ ଅଧା କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ କୁହାଯାଇଛି। ଏପରିକି ଇଭିନ୍-ଅଡ୍ ନିୟମରେ ମଧ୍ୟ ଗାଡ଼ି ଚଳାଚଳ କରିବ।

ପ୍ରଦୂଷଣ ମାତ୍ରା ଅତି ସାଙ୍ଘାତିକ ହେବା ପରେ ଦିଲ୍ଲୀ ସରକାର ଜିଆର୍‌ଏପି-୪ ଲାଗୁ ସହ ଏହି ନିୟମ ଆପଣାଇଲେ। ଏହାକୁ ନେଇ ସରକାରଙ୍କ ପରିଚାଳନା ପଦ୍ଧତି ଉପରେ ପ୍ରଶ୍ନ ଉଠାଇଛନ୍ତି ସୁପ୍ରିମକୋର୍ଟ। ପୂର୍ବରୁ କାହିଁକି ଏପରି ଆକ୍ସନ ପ୍ଲାନ୍ ଆପଣାଇଲେନି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।ସ୍ଥିତି ଅତି ସାଙ୍ଘାତିକ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାର ନଥିଲା, ପରବର୍ତ୍ତୀ ନିର୍ଦ୍ଦେଶ ନ ହେବା ଯାଏ ଦିଲ୍ଲୀରେ GRAP-୪ ବଳବତ୍ତର ରହିବ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ବାୟୁ ଗୁଣବତ୍ତା ଏବଂ ପାଣିପାଗ ପୂର୍ବାନୁମାନ ଓ ଅନୁସନ୍ଧାନ ତଥ୍ୟ ଅନୁଯାୟୀ, ଆଜି ସକାଳେ ଦିଲ୍ଲୀର ବାୟୁ ଗୁଣବତ୍ତା ୪୮୧ ଅତିକ୍ରମ କରିଯାଇଛି। ଦ୍ୱାରକାରେ ସର୍ବାଧିକ ୪୯୯ ରହିଥିଲା।

### ମଣିପୁର ସ୍ଥିତି ଅଣାୟତ

# ପୋଲିସ ଗୁଳିରେ ବିକ୍ଷୋଭକାରୀ ନିହତ

- ଆଉ ୫୦ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ପଠାଗଲା
- ସମସ୍ତ ଶିକ୍ଷାନୁଷ୍ଠାନ-୧୯ ପର୍ଯ୍ୟନ୍ତ ବନ୍ଦ



**ଇମ୍ଫାଲ, ୧୮।୧୧:** ମଣିପୁରରେ ହିଂସା ଜାରି ରହିଛି। କୁକି ଉଗ୍ରବାଦୀଙ୍କ ଦ୍ୱାରା ୩ ଜଣ ଶିଶୁ ଏବଂ ୩ ମହିଳା ହତ୍ୟାର ଶିକାର ହେବା ପରେ ମୈତେଇ ସମ୍ପ୍ରଦାୟ ପକ୍ଷରୁ ଏହା ବିରୋଧରେ ରାଜ୍ୟବ୍ୟାପୀ ବିକ୍ଷୋଭ ଏବଂ ପୋଡ଼ାଜଳା କରାଯାଉଛି। ମୈତେଇ ସମ୍ପ୍ରଦାୟ ପକ୍ଷରୁ ହତ୍ୟାକାରୀଙ୍କୁ ୨୪ ଘଣ୍ଟା ଭିତରେ ଗିରଫ କରିବାକୁ ଦାବି କରାଯାଇଥିଲା। ଆଜି ଏହି କଣ୍ଟ ପୁରି ଯାଇଛି। କିନ୍ତୁ ହତ୍ୟାକାରୀଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଗତ କାଲି ମୈତେଇ ସମ୍ପ୍ରଦାୟ ପକ୍ଷରୁ ୩ଜଣ ମନ୍ତ୍ରୀଙ୍କ ଘର ସମେତ ମୋଟ ୯ଜଣ ବିଧାୟକଙ୍କ ଘର ଉପରେ ଆକ୍ରମଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ପୈତୃକ ଘର ଉପରେ ମଧ୍ୟ ଆକ୍ରମଣ ହୋଇଥିଲା। ଏକ ଖବରକାଗଜ ଅଫିସ ଉପରେ ମଧ୍ୟ ଉତ୍ତ୍ୟକ୍ତ ଜନତା ଆକ୍ରମଣ କରିଥିଲେ। ଆଜି ମଧ୍ୟ ମୈତେଇ ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ, ପୋଡ଼ାଜଳା, ପୋଲିସ ଉପରେ ଆକ୍ରମଣ ଜାରି ରହିଛି। ଫଳରେ ପରିସ୍ଥିତି ଅଣାୟତ ହୋଇପଡ଼ିଛି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ପୋଲିସ ଗୁଳିକରିବାକୁ ବାଧ୍ୟ ହୋଇଛି। ଏଥିରେ ଜଣେ ବିକ୍ଷୋଭକାରୀ ନିହତ ହୋଇଥିବା ବେଳେ ୬ଜଣ ଆହତ ହୋଇଛନ୍ତି। ରାଜଧାନୀ ଇମ୍ଫାଲ ସମେତ ରାଜ୍ୟର ଅନେକ ସ୍ଥାନରେ ଇଣ୍ଟରନେଟ ସେବାକୁ ବନ୍ଦ କରାଯିବା ସହ କର୍ଫ୍ୟୁ ଜାରି କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ମଣିପୁରକୁ ଆଉ ୫୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ଫୋର୍ସ ପଠାଇଛନ୍ତି। ଗତକାଲି ଗୃହମନ୍ତ୍ରୀ ଅମିତ ଶାହା ଏକ ଉଚ୍ଚସ୍ତରୀୟ ବୈଠକରେ ମଣିପୁର ପରିସ୍ଥିତି ନେଇ ସମୀକ୍ଷା କରିବା ସହିତ ହିଂସା ରୋକିବାକୁ କଡ଼ା ପଦକ୍ଷେପ ନେବାକୁ ସୁରକ୍ଷା ବାହିନୀକୁ ନିର୍ଦ୍ଦେଶ ଦେଇଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ମଣିପୁର ସରକାର ରାଜ୍ୟର ସମସ୍ତ ସ୍କୁଲ କଲେଜକୁ ଆଗାମୀ ୧୯ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରିଛନ୍ତି।

### ପଶ୍ଚିମବଙ୍ଗରେ ହିଂସା

# କର୍ଫ୍ୟୁ ଲାଗୁ, ଇଣ୍ଟରନେଟ୍ ସେବା ବନ୍ଦ



**ମୁର୍ସିଦାବାଦ, ୧୮।୧୧:** ପୁଣି ଅଶାନ୍ତ ପଶ୍ଚିମବଙ୍ଗ। ଏଠାକାର ମୁର୍ସିଦାବାଦ ଜିଲ୍ଲା ପୁଣି ଥରେ ସାମ୍ପ୍ରଦାୟିକ ହିଂସାକୁ ନେଇ ଚର୍ଚ୍ଚାକୁ ଆସିଛି। ମୁର୍ସିଦାବାଦର ବେଲଡାଙ୍ଗା ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଯାହା ପରେ କର୍ତ୍ତୃପକ୍ଷଙ୍କୁ ଉକ୍ତ ଅଞ୍ଚଳରେ କର୍ଫ୍ୟୁ ଲାଗୁ କରିଛି। ଡିଜିଟାଲ ଡିସ୍‌ପ୍ଲେ ବୋର୍ଡରେ ଆପତ୍ତିଜନକ ବାର୍ତ୍ତା ପ୍ରଦର୍ଶନକୁ ନେଇ ଏହି ସଂଘର୍ଷ ଘଟିଛି। ଏହି ମାମଲାରେ ପୁଲିସ ୧୫ ଜଣଙ୍କୁ ଗିରଫ କରିଛି। ଜଣେ ପୁଲିସ ଅଧିକାରୀଙ୍କ କହିବା ମୁତାବକ, ବେଲଡଙ୍ଗାରେ ଘଟିଥିବା ଏହି ସଂଘର୍ଷରେ କିଛି ଲୋକ ସାମାନ୍ୟ ଆହତ ହୋଇଛନ୍ତି। ପ୍ରଭାବିତ ଅଞ୍ଚଳରେ ଇଣ୍ଟରନେଟ୍ ସେବା ମଧ୍ୟ ବନ୍ଦ ରଖାଯାଇଛି। କାର୍ତ୍ତିକ ପୂଜା ପାଣ୍ଡାଲ ନିକଟରେ ଥିବା ଏକ ଫାଟକରେ ଡିସ୍‌ପ୍ଲେ ବୋର୍ଡରେ ଲେଖାଯାଇଥିବା ବାର୍ତ୍ତା ବିଷୟରେ ଜାଣିବା ପରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ଦୁଇ ଗୋଷ୍ଠୀ ପରସ୍ପରକୁ ପଥର ପିଙ୍ଗିବା ସହ ଲାଠି ମାଡ଼ କରିଥିଲେ। ସୂଚନାନୁସାରେ, ଅନେକ ଦୋକାନ ଏବଂ ଘର ଭଙ୍ଗାରୁଜା କରାଯାଇଥିଲା ଏବଂ ଦେଶି ବୋମା ମାଡ଼ ମଧ୍ୟ କରାଯାଇଥିଲା। ଏକ ପୁଲିସ ଗାଡି ଉପରକୁ ମଧ୍ୟ ଆକ୍ରମଣ କରାଯାଇଥିଲା, ଯାହା ପରେ ପୁଲିସ ଲାଠି ମାଡ଼ କରିଥିଲା। ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା ସୁଦ୍ଧା ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଏହି ସଂଘର୍ଷରେ ସମ୍ପୃକ୍ତ ଥିବା ୧୫ ଜଣଙ୍କୁ ଗିରଫ କରାଯାଇଥିବା ପୁଲିସ କହିଛି।

ସେପଟେ ବିଜେପି ଏହି ଘଟଣାକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ୍ କରିଛି। ତୃଣମୂଳ କଂଗ୍ରେସର ଜଣେ ନେତା କହିଛନ୍ତି, ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣରେ ଅଛି। ଅଭିଯୁକ୍ତଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି।

## 'ଦ ସାବରମତି ରିପୋର୍ଟ'କୁ ନେଇ ପୋଷ୍ଟ ସେୟାର କଲେ ଶାହ

**ନୂଆଦିଲ୍ଲୀ, ୧୮।୧୧:** ନିକଟରେ ଅଭିନେତା ବିକ୍ରାନ୍ତ ମେସିଙ୍କ ଫିଲ୍ମ 'ଦ ସାବରମତି ରିପୋର୍ଟ' ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ର ୨୦୦୨ ମସିହାର ଗୋଧ୍ରା ଘଟଣା ଉପରେ ଆଧାରିତ ହୋଇଛି। ଯାହାକି ଭାରତୀୟ ରାଜନୀତିର ସବୁଠାରୁ ବଡ଼ ବିବାଦ ମଧ୍ୟରୁ ଗୋଟିଏ ରହିଛି। ବିକ୍ରାନ୍ତ ସିନେମାରେ ଜଣେ ସାମ୍ବାଦିକଙ୍କ ଭୂମିକାରେ ନିଭାଉଛନ୍ତି। ଏହି ସିନେମା ପ୍ରେକ୍ଷାଳୟରେ ଦମଦାର ଭାବେ ଆଗକୁ ବଢ଼ିବାରେ ଲାଗିଛି। 'ଦ ସାବରମତି ରିପୋର୍ଟ' ସିନେମାକୁ ନେଇ ଗୃହମନ୍ତ୍ରୀ ଅମିତ ଶାହା ମଧ୍ୟ ନିଜର ସମର୍ଥନ ଜଣାଇ ଏକ୍ସରେ ଏକ ପୋଷ୍ଟ ସେୟାର କରିଛନ୍ତି। ଏହି ପୋଷ୍ଟରେ ଅମିତ ଶାହା ଲେଖିଛନ୍ତି, 'କିଛି ଫରକ ପଡେ ନାହିଁ କି ଏକ ଶକ୍ତିଶାଳୀ ଇକୋସିଷ୍ଟମ କେତେ ଜୋରଦାର ଚେଷ୍ଟା କରିଥାଏ। କିନ୍ତୁ ଏହି ବାସ୍ତବତାକୁ ସବୁଦିନ ପାଇଁ ଲୁଚା ଯାଇପାରେ ନାହିଁ। 'ଦ ସାବରମତି ରିପୋର୍ଟ' ସିନେମା ଏହି ଇକୋସିଷ୍ଟମକୁ ଏକ ଅତୁଳନୀୟ ସାହସ ସହିତ ଦର୍ଶାଉଛି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ପୋଷ୍ଟ ସେୟାର କରି କହିଛନ୍ତି, ଏହା ଏକ ଭଲ କଥା ଯେ ସତ୍ୟ ବାହାରକୁ ଆସୁଛି ଏବଂ ତାହା ମଧ୍ୟ ଏକ ରୂପରେ ଯାହାକୁ ସାଧାରଣ ଜନତା ଦେଖିପାରିବେ। ଏକ ଭୁଲ୍ କାହାଣୀ ଏବଂ ମିଛ କେବଳ ସୀମିତ ସମୟ ପାଇଁ ଚାଲିଥାଏ।

# ପଦ୍ମ ଧରିଲେ କୈଳାଶ



**ନୂଆଦିଲ୍ଲୀ,୧୮।୧୧:** ଗତକାଲି ଆମ ଆଦମୀ ପାର୍ଟୀରୁ ଇସ୍ତଫା ଦେଇଥିବା କୈଳାଶ ଗେହଲଟ ବିଜେପିରେ ଯୋଗ ଦେଇଛନ୍ତି। ଆଜି ଏଠାରେ ବିଜେପି ମୁଖ୍ୟାଳୟାର ଆୟୋଜିତ ଏକ ସମାରୋହରେ ଶ୍ରୀ ଗେହଲଟ ଆନୁଷ୍ଠାନିକ ଭାବେ ପଦ୍ମ ଧରିଛନ୍ତି। ଏହି ଅବସରରେ ବିଜେପି ଦିଲ୍ଲୀ ଶାଖା ସଭାପତି ବୀରେନ୍ଦ୍ର ସଚଦେବା, କେନ୍ଦ୍ରମନ୍ତ୍ରୀ ମନୋହରଲାଲ ଖଟ୍ଟର, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ସାଂସଦ ବୈଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ଗେହଲଟଙ୍କୁ ଦଳକୁ ସ୍ୱାଗତ କରି ଶ୍ରୀ ଖଟ୍ଟର କହିଛନ୍ତି ଯେ, ଏହା ଦିଲ୍ଲୀ ରାଜନୀତିରେ ଏକ ନିର୍ଣ୍ଣାୟକ ଘଟଣା ହେବ। ଉଲ୍ଲେଖ ଯୋଗ୍ୟ ଯେ, ଆସନ୍ତା ବର୍ଷ ଫେବୃଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ କୈଳାଶ ଗେହଲଟଙ୍କ ଇସ୍ତଫା ଏବଂ ବିଜେପିରେ ସାମିଲ ହେବା ଆପ ପାଇଁ ଶକ୍ତ ଧକ୍କା ହୋଇଛି। ଏକଦା ଅରବିନ୍ଦ କେଜରିୱାଲଙ୍କ ଏକାନ୍ତ ବିଶ୍ୱସ୍ତ ଭାବେ ପରିଗଣିତ ହେଉଥିବା ଶ୍ରୀ ଗେହଲଟ କେଜରିୱାଲଙ୍କ ଇସ୍ତଫା ପରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ଥିଲେ। କିନ୍ତୁ ଆତିଶୀ ମୁଖ୍ୟମନ୍ତ୍ରୀ ହେବା ପରେ କୈଳାଶ ଗେହଲଟ ନିରାଶ ହୋଇଥିଲେ।

କୈଳାଶ ଗେହଲଟଙ୍କ ଇସ୍ତଫାକୁ ବିଜେପିର ଷଡ଼ଯନ୍ତ୍ର ଏବଂ ଇଡି-ସିବିଆଇ ଚାପରେ ସେ ଇସ୍ତଫା ଦେଇଛନ୍ତି ବୋଲି ଆପ ଅଭିଯୋଗ କରିଥିବା ବେଳେ ଶ୍ରୀ ଗେହଲଟ କିନ୍ତୁ ଏହାକୁ ଅସ୍ୱୀକାର କରିଛନ୍ତି ଏବଂ କୌଣସି ଚାପର ବଶବର୍ତ୍ତୀ ହୋଇ ସେ ଇସ୍ତଫା ଦେଇ ନାହାଁନ୍ତି ବୋଲି କହିଛନ୍ତି। ସେ କହିଛନ୍ତି ଯେ, ଆମ ଆଦମୀ ପାର୍ଟୀ ଏବେ ଖାସ ଆଦମୀ ପାର୍ଟୀରେ ପରିଣତ ହୋଇଛି। ଜନ ଆନ୍ଦୋଳନରୁ ଜନ୍ମ ନେଇଥିବା ପାର୍ଟୀ ଏବେ ଜନତାଙ୍କ ସେବା ପରିବର୍ତ୍ତେ କ୍ଷମତା ଦଖଲ ଏବଂ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ସ୍ୱାର୍ଥରକ୍ଷାକୁ ପ୍ରାଥମିକତା ଦେଉଛି। ଦଳ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା ତାହାକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି। ଯମୁନା ନଦୀ ଜଳ ପ୍ରଦୂଷଣ ରୋକିବାରେ ଆପ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସେ କହିଛନ୍ତି। ତେଣୁ ଦିଲ୍ଲୀବାସୀଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ସେ ଆପ ଛାଡ଼ି ବିଜେପିରେ ସାମିଲ ହେଲେ ବୋଲି କହିଛନ୍ତି।



# ଉତ୍ତରାଧିକାରୀ ବାଛିଲେ ଇରାନର ସର୍ବୋଚ୍ଚ ନେତା ଖାମେନେଇ

**ତେହେରାନ, ୧୮।୧୧:** ନିଜ ଉତ୍ତରାଧିକାରୀ ବାଛି ନେଇଛନ୍ତି ଇରାନାର ସର୍ବୋଚ୍ଚ ନେତା ଅୟାତୁଲ୍ଲା ଅଲ୍ଲି ଖାମେନେଇ। ବେଶ୍ ସିକ୍ରେଟ୍ ରୂପେ ମୋଜତାବା ଖାମେନେଇକୁ ଇରାନ ସୁପ୍ରିମ ଲିଡରର ଗାଦିରେ ବାସାଇଥିବା ଦାବି କରାଯାଉଛି। ମୋଜତାବା ହେଉଛନ୍ତି ଖାମେନେଇଙ୍କ ସାନ ପୁଅ। ତେବେ ସେ ଏଭଳି କାହିଁକି କରିଛନ୍ତି ବୋଲି ପ୍ରଶ୍ନ ଉଠୁଛି? କିଛି ରିପୋର୍ଟ ଦାବି କରୁଛି ଯେ ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। ସେ କୋମାରେ ଅଛନ୍ତି। ତେଣୁ ଖାମେନେଇଙ୍କ ପୁଅ ମୋଜତାବାଙ୍କୁ ଇରାନର ସର୍ବୋଚ୍ଚ ନେତା ଦାୟିତ୍ୱ ଦିଆଯାଇଛି। ତାଙ୍କ ବାପା ବଞ୍ଚିଥିବା ପର୍ଯ୍ୟନ୍ତ ମୋଜତାବା କାର୍ଯ୍ୟଭାର ଗ୍ରହଣ କରିପାରିବେ। ତେବେ ମୋଜତାବା ଇରାନ୍‌ର ସର୍ବୋଚ୍ଚ ନେତା ଭାବରେ ନିର୍ବାଚିତ ହୋଇଥିବା ନେଇ ଏପର୍ଯ୍ୟନ୍ତ କୌଣସି ସରକାରୀ ସୂଚନା ଦିଆଯାଇ ନାହିଁ। ଏହି କଥାକୁ ବର୍ତ୍ତମାନ ଗୁପ୍ତ ରଖାଯାଇଛି। ରିପୋର୍ଟ ମୁତାବକ, ଇରାନର ବିଶେଷଜ୍ଞ ବିଧାନସଭା ଦେଶର ନୂଆ ସର୍ବୋଚ୍ଚ ନେତାଙ୍କୁ ମନୋନୀତ କରିଥିଲା। ଖାମେନେଇ ନିଜେ ବିଧାନସଭାର ୬୦ ଜଣ ସଦସ୍ୟଙ୍କୁ ଡାକି ଉତ୍ତରାଧିକାରୀଙ୍କ ବିଷୟରେ ଗୁପ୍ତ ନିଷ୍ପତ୍ତି ନେବାକୁ କହିଥିଲେ। ପରେ ବିଧାନସଭାରେ ସର୍ବସମ୍ମତି କ୍ରମେ ମୋଜତାବାଙ୍କ ନାମରେ ସହମତ ହୋଇଥିବା ଜଣାପଡିଛି। କୁହାଯାଉଛି ଯେ, ଅୟାତୁଲ୍ଲା ଅଲ୍ଲି ଖାମେନେଇ (୮୫) ଏକ ଗୁରୁତର ରୋଗରେ ପୀଡିତ। ଏଥିପାଇଁ ସେ ବଞ୍ଚିଥିବା ଭିତରେ ନିଜ ଉତ୍ତରାଧିକାରୀ ବାଛି ନେଇଛନ୍ତି। ମୋଜତାବା ହେଉଛନ୍ତି ଖାମେନେଇଙ୍କ ଦ୍ୱିତୀୟ ପୁତ୍ର। ତେବେ ମୋଜତାବାଙ୍କୁ ସର୍ବୋଚ୍ଚ ନେତା କରିବା ପାଇଁ ଦୀର୍ଘ ସମୟ ଧରି ପ୍ରସ୍ତୁତି ଚାଲିଥିଲା। ମୋଜତାବାଙ୍କ ଲୋକମାନେ ଇରାନର ଗୁପ୍ତଚର ଏବଂ ଅନ୍ୟାନ୍ୟ ସରକାରୀ ଏଜେନ୍ସିରେ ଜଡିତ ଅଛନ୍ତି। ଇବ୍ରାହିମ ରାଇସି ଇରାନର ରାଷ୍ଟ୍ରପତି ହେବା ପରେ ମୋଜତାବାଙ୍କ ସ୍ଥିତି ଯଥେଷ୍ଟ ବୃଦ୍ଧି ପାଇଛି। ରିପୋର୍ଟ ମୁତାବକ, ଇରାନ୍‌ରେ ସୁପ୍ରିମ ଲିଡରର୍ ଚୟନ ଆସେମ୍ବଲି ଅଫ୍ ଏକ୍ସପର୍ଟ କରନ୍ତି। ଇରାନର ସର୍ବୋଚ୍ଚ ନେତା ହେବାକୁ ହେଲେ ଦୁଇ ତୃତୀୟାଂଶ ଭୋଟ୍ ପାଇବା ଜରୁରୀ। ବାସ୍ତବରେ ଏକ୍ସପର୍ଟସ ଆସେମ୍ବଲି ହେଉଛି ୮୬ ଧର୍ମଗୁରୁଙ୍କ ଗୋଷ୍ଠୀ। ପ୍ରତି ୮ ବର୍ଷରେ ଏମାନଙ୍କର ନିର୍ବାଚନ ଅନୁଷ୍ଠିତ ହୁଏ। କିନ୍ତୁ ସେମାନଙ୍କ ଚୟନରେ ଗାର୍ଡିଆନ କାଉନ୍‌ସିଲ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

# ପର୍ଥ ଟେଷ୍ଟରୁ ଓହରିଲେ ରୋହିତ

**ମୁମ୍ବାଇ, ୧୮।୧୧:** ପର୍ଥରେ ଆରମ୍ଭ ହେବାକୁ ଥିବା ଟେଷ୍ଟ ମ୍ୟାଚରୁ ବାଦ୍ ପଡ଼ିପାରନ୍ତି ଅଧିନାୟକ ରୋହିତ ଶର୍ମା। ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚରେ ରୋହିତ ଶର୍ମା ଦଳରେ

**ନେତୃତ୍ୱ ନେବେ ଯଶପ୍ରୀତ ବୁମରା!**

ରହିବେ ନାହିଁ। ଏନେଇ ବିଶେଷ ସୂତ୍ରରୁ ପ୍ରକାଶ ପାଇଛି। ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, ରୋହିତ ଶର୍ମା ବର୍ତ୍ତମାନ ପିତୃତ୍ୱ ଛୁଟିରେ ଥିବାରୁ ସେ ବର୍ଡର-ଗାଭାସ୍କର ଟ୍ରଫିର ଉଦଘାଟନୀ ମ୍ୟାଚରେ ଭାଗ ନେଇପାରିବେ ନାହିଁ। ଏହି ମ୍ୟାଚ୍ ନଭେମ୍ବର ୨୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯିବ। ସେପର୍ଯ୍ୟନ୍ତ ରୋହିତ ଶର୍ମା ଛୁଟିରେ ଥିବାରୁ ସେ ଦଳରେ ଯୋଗଦେଇ ପାରିବେ ନାହିଁ।



ତେବେ ରୋହିତ ଶର୍ମା କେବେ ଟିମ୍ ଇଣ୍ଡିଆରେ ସାମିଲ୍ ହେବେ ସେନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ସେ ଦଳକୁ ଫେରିବା ପର୍ଯ୍ୟନ୍ତ ତାଙ୍କ ସ୍ଥାନରେ ଯଶପ୍ରୀତ ବୁମରା ଅଧିନାୟକ ଦାୟିତ୍ୱ ତୁଲାଇ ପାରନ୍ତି। କାରଣ ରୋହିତଙ୍କ ଅନୁପସ୍ଥିତିରେ ବୁମରା ଦଳର ନେତୃତ୍ୱ ନେବା ନେଇ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ପୂର୍ବରୁ ସ୍ପଷ୍ଟ କରିଥିଲେ। ଗମ୍ଭୀର ପୂର୍ବରୁ ନିଶ୍ଚିତ କରିଥିଲେ ଯେ, ରୋହିତ ଶର୍ମା ଯଦି ପ୍ରଥମ ଟେଷ୍ଟ ଖେଳି ନ ପାରନ୍ତି, ତେବେ ଷ୍ଟାର୍ ପେସ୍ ବୋଲର୍ ଯଶପ୍ରୀତ ବୁମରା ଟିମ୍ ଇଣ୍ଡିଆର ଅଧିନାୟକ ହେବେ। ସେପଟେ, ଶୁବମନ ଗିଲ୍ ମଧ୍ୟ ଆହତ ସମସ୍ୟା କାରଣରୁ ପ୍ରଥମ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ଏପରି ସ୍ଥିତିରେ ଯଶସ୍ୱୀ ଜୈସ୍ୱାଲଙ୍କ ସହ କିଏ ଓପନିଂ କରିବେ ତାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ତେବେ ବିସିସିଆଇ କାହାକୁ ଓପନିଂ ପାଇଁ ଚୟନ କରୁଛି, ତା' ଉପରେ ନଜର।

# ଅପରାଜିତ ଭାରତ, ସେମିରେ ଜାପାନକୁ ଭେଟିବ

**ଭୁବନେଶ୍ୱର, ୧୮।୧୧:** ବିହାରର ରାଜଗିରରେ ଚାଲିଥିବା ମହିଳା ଚାମ୍ପିଅନ୍ସ ଟ୍ରଫି ହକି ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ପୂର୍ବରୁ ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରିସାରିଥିବା ଭାରତ ରବିବାରର ଶେଷ ଲିଗ୍ ମ୍ୟାଚ୍‌ରେ ଜାପାନକୁ ୩-୦ ଗୋଲ୍‌ରେ ହରାଇଛି। ଫଳରେ ଭାରତ ୫ରୁ ୫ ମ୍ୟାଚ୍ ଜିତି ଅପରାଜେୟ ସହ ଟେବୁଲର ଶୀର୍ଷ ସ୍ଥାନ ଦଖଲ କରିଛି। ମଙ୍ଗଳବାର ଅପରାହ୍ଣ ୪.୪୫ ମିନିଟ୍‌ରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ ଚତୁର୍ଥ ସ୍ଥାନରେ ଥିବା ଜାପାନ (୫)କୁ ଭେଟିବ। ପ୍ରଥମ ସେମିଫାଇନାଲ୍‌ରେ ଚୀନ୍ (୧୨) ଓ ମାଲେସିଆ (୬) ମୁହାଁମୁହିଁ ହେବେ। ରବିବାର ମ୍ୟାଚ୍‌ର ପ୍ରଥମ ଦୁଇ କ୍ୱାର୍ଟର ଗୋଲ୍ ଶୂନ୍ୟରେ ଶେଷ ହୋଇଥିଲା। ତୃତୀୟ କ୍ୱାର୍ଟରରେ ନବନୀତ କୌର (୩୭ ମିନିଟ୍)ଙ୍କ ଫିଲ୍ଡ ଗୋଲ୍ ବଳରେ ଘରୋଇ ଦଳ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଚତୁର୍ଥ କ୍ୱାର୍ଟରରେ ଗୋଟିଏ ମିନିଟ୍ ବ୍ୟବଧାନରେ ଭାରତକୁ ମିଳିଥିଲା ଦୁଇଟି ପେନାଲ୍ଟି କର୍ଣ୍ଣର। ଏହା ଦୁଇ ପେନାଲ୍ଟି କର୍ଣ୍ଣରକୁ ଦୀପିକା (୪୭, ୪୮ ମିନିଟ୍) ସଫଳତାର ସହ ଜାପାନ ଗୋଲ୍ ପୋଷ୍ଟକୁ ପଠାଇ ଭାରତକୁ ୩-୦ରେ ଆଗୁଆ କରିଥିଲେ। ଗୋଲ୍ ଶୁଝିବାକୁ ଜାପାନ ବହୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ନ ହୋଇ ପରାଜୟ ବରଣ କରିଥିଲା। ନବନୀତ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଜି ଖେଳାଯାଇଥିବା ଅନ୍ୟ ଦୁଇ ମ୍ୟାଚ୍‌ରେ ଚୀନ୍ ୨-୦ ଗୋଲ୍‌ରେ କୋରିଆକୁ ଏବଂ ମାଲେସିଆ ୨-୦ ଗୋଲ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଛି।



**ଗାଭାସ୍କରଙ୍କ ବଡ଼ ଭବିଷ୍ୟବାଣୀ**

# ଆଇପିଏଲ୍ ନିଲାମରେ ଆୟରଙ୍କୁ କିଣିବ ଦିଲ୍ଲୀ କ୍ୟାପିଟାଲ୍ସ

**ନୂଆଦିଲ୍ଲୀ, ୧୮।୧୧:** କୋଲକାତା ନାଇଟ ରାଇଡର୍ସ ଆଇପିଏଲ ୨୦୨୫ ପୂର୍ବରୁ ୬ ଜଣ ଖେଳାଳିଙ୍କୁ ରିଟେନ କରିଛି। କିନ୍ତୁ ଅଧିନାୟକ ଶ୍ରେୟସ ଆୟରଙ୍କୁ ରିଟେନ କରାଯାଇନାହିଁ। ତାଙ୍କୁ ରିଲିଜ୍ କରାଯାଇଛି। ବର୍ତ୍ତମାନ ପୂର୍ବତନ ଭାରତୀୟ କ୍ରିକେଟର ସୁନୀଲ ଗାଭାସ୍କର ଆୟରଙ୍କୁ ନେଇ ବଡ଼ ଭବିଷ୍ୟବାଣୀ କରିଛନ୍ତି। କେଉଁ ଦଳ ତାଙ୍କୁ କିଣି ପାରେ ବୋଲି ଗାଭାସ୍କର କହିଛନ୍ତି। ଗାଭାସ୍କର କହିଛନ୍ତି ଯେ କେକେଆର୍ ଆୟରଙ୍କ ଉପରେ ଟେଣ୍ଡର କରିବା ଉଚିତ୍। ଯଦି ଏହା ନ ହୁଏ ତେବେ ଦିଲ୍ଲୀ କ୍ୟାପିଟାଲ୍ସ କିଣିପାରେ। ଆଇପିଏଲ ୨୦୨୫ର ମେଗା ନିଲାମ ୨୪ଏବଂ ୨୫ ନଭେମ୍ବରରେ ଅନୁଷ୍ଠିତ ହେବ। ଷ୍ଟାର୍ ସ୍ପୋର୍ଟସ ଚ୍ୟାନେଲରେ ଆୟରଙ୍କ ବିଷୟରେ ଗାଭାସ୍କର କହିଛନ୍ତି, ଯେତେବେଳେ କେକେଆର୍ ଗତ ସିଜନରେ ଟାଇଟଲ ଜିତିଥିଲେ, ସେତେବେଳେ ଶ୍ରେୟସ ଆୟର ଅଧିନାୟକ ଥିଲେ। ମୁଁ ଭାବୁଛି ଶ୍ରେୟସ ଆୟର ନିଲାମରେ ଆସିବା ପରେ କେକେଆର୍ ତାଙ୍କ ଉପରେ ଟେଣ୍ଡର କରିପାରେ। ଯଦି କେକେଆର୍ ଏହା ନ କରେ ତେବେ ଦିଲ୍ଲୀ କ୍ୟାପିଟାଲ୍ସ ଟେଣ୍ଡର କରିପାରେ। ଦିଲ୍ଲୀର ଜଣେ ଅଧିନାୟକ ଦରକାର। ଯଦି ରିଷଭ ପନ୍ତ ଦଳରେ ନାହାଁନ୍ତି ତେବେ ସେ ଆୟରଙ୍କୁ କିଣିବାକୁ ଚେଷ୍ଟା କରିପାରେ।



# ଠକେଇ ମାମଲାରେ ଫସିଲେ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ, ୧୮।୧୧:** ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ଅଡୁଆ ଥମିବାର ନାଁ ଧରୁନି। ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଏବଂ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ ହାରିବା ପରେ ସେ ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଦିଲ୍ଲୀ ହାଇକୋର୍ଟର ଏକ ଆଦେଶ ତାଙ୍କ ସମସ୍ୟାକୁ ବଢ଼ାଇ ଦେଇଛି। ଘର କ୍ରେତାଙ୍କ ସହ ଠକେଇ ମାମଲାରେ ପୂର୍ବତନ କ୍ରିକେଟରଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ଦିଲ୍ଲୀ ହାଇକୋର୍ଟ ନିମ୍ନ ଅଦାଲତର ନିର୍ଦ୍ଦେଶକୁ ସ୍ଥଗିତ ରଖିଛନ୍ତି। ମାଜିଷ୍ଟ୍ରେଟ କୋର୍ଟ ଗମ୍ଭୀରଙ୍କୁ ଏହି ଦୋଷରୁ ମୁକ୍ତ କରିଥିଲେ, କିନ୍ତୁ ଦିଲ୍ଲୀ ହାଇକୋର୍ଟ ଏହି ଆଦେଶକୁ ସ୍ଥଗିତ ରଖିଛନ୍ତି। ଜଷ୍ଟିସ ମନୋଜ କୁମାର ଓହିରି ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ କରି ଅଧିବେଶନ କୋର୍ଟର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଗମ୍ଭୀରଙ୍କ ଆବେଦନ ଉପରେ ଦିଲ୍ଲୀ ସରକାରଙ୍କଠାରୁ ଜବାବ ମାଗିଥିଲେ। ମାଜିଷ୍ଟ୍ରେଟ (ନିମ୍ନ) ଅଦାଲତ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ସେସନ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିସ୍ତୃତ ଆଦେଶ ପରେ ପାରିତ ହେବ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି।

# ସଚିନ ତେନ୍ଦୁଲକରଙ୍କ ପୋଷ୍ଟକୁ ନେଇ ଝଡ଼

**ନୂଆଦିଲ୍ଲୀ, ୧୮।୧୧:** ଅବସର ନେବାର ଠିକ୍ ୧୧ ବର୍ଷ ଗୋଟିଏ ଦିନ ପରେ ସଚିନ ତେନ୍ଦୁଲକର ନିଜ ଖେଳ ଜୀବନରେ ଅମ୍ପାୟାରଙ୍କ ବିରୋଧରେ ପରୋକ୍ଷରେ ସ୍ୱର ଉଠାଇଛନ୍ତି। ଶନିବାର ସାମାଜିକ ଗଣମାଧ୍ୟମରେ ସଚିନ ଛାଡ଼ିଥିବା ଏକ ଛୋଟିଆ ପୋଷ୍ଟ୍ ହିଁ ତୁରନ୍ତ ଝଡ଼ ସୃଷ୍ଟି କରିଛି। ସଚିନଙ୍କ ପୁରୁଣା ପ୍ରଶଂସକ ଏହାର ଅର୍ଥ, ଅଭିପ୍ରାୟ ଓ ଉଦ୍ଦେଶ୍ୟ ବୁଝିଯାଇଛନ୍ତି। ବିଶ୍ୱ କ୍ରିକେଟର୍ ଜଣେ ମହାନ ଅମ୍ପାୟାର୍ ହୋଇଥିଲେ ବି ୱେଷ୍ଟଇଣ୍ଡିଜ୍‌ର ଷ୍ଟିଭ୍ ବକ୍‌ନର୍ କିଭଳି ତାଙ୍କୁ ବାରମ୍ବାର ବିବାଦୀୟ ନିଷ୍ପତ୍ତି ବଳରେ ଆଉଟ୍ କରୁଥିଲେ ଏହାକୁ ସଚିନ ପରୋକ୍ଷ ସଙ୍କେତ ଜରିଆରେ ପ୍ରତିବାଦ କରିଛନ୍ତି। ସଚିନ ତାଙ୍କ ପୋଷ୍ଟ୍‌ରେ ତିନିଟି ବଡ଼ ଗଛ ଆଗରେ ନିଜେ ବ୍ୟାଟିଂ ପୋଜ୍‌ରେ ଅଛନ୍ତି। ଯେଉଁ ଗଛଗୁଡ଼ିକ ଷ୍ଟମ୍ପ୍ ଆକୃତିର ପ୍ରତୀୟମାନ ହେଉଛି। ଏହାକୁ ସେ 'ଏକ୍ସ'ରେ ଛାଡ଼ିବା ମାତ୍ରେ ଏହା ବିଜୁଳି ବେଗରେ ଭାଇରାଲ୍ ହେବା ସହ ଝଡ଼



ସୃଷ୍ଟି କରିଛି। ଏତିକି ଲେଖିବା ମାତ୍ରେ ପ୍ରଶଂସକମାନେ ଷ୍ଟିଭ୍ ବକନର୍‌ଙ୍କ ନାମ ଲେଖି ଖୁବ୍ ଗାଳି ଦେଇଛନ୍ତି। ୧୧ ବର୍ଷର ଅବସର ପରେ ବି କାହାରିକୁ ଅସମ୍ମାନ ନକରିବାକୁ ନାମ ନନେବା ଆପଣଙ୍କୁ ଜେଣ୍ଟଲ୍‌ମ୍ୟାନ୍ କରି ରଖିଛି ବୋଲି ଜଣେ ପ୍ରଶଂସକ ଲେଖିଛନ୍ତି। ଅନ୍ୟ ଜଣେ ପ୍ରଶଂସକ ଲେଖିଛନ୍ତି 'ଅମ୍ପାୟାର୍ ଷ୍ଟିଭ୍ ବକ୍‌ନର୍ ଓ ମ୍ୟାଚ୍ ରେଫରି ମାଇକ୍ ଡେନିସ୍‌ଙ୍କ ମାରାତ୍ମକ ଯୋଡ଼ି ସବୁକିଛି କରିଛନ୍ତି ଆପଣଙ୍କ ୱିକେଟ୍ ପାଇଁ। କ୍ରିକେଟ୍ ଈଶ୍ୱର ଆଜି ରୋଷ୍ଟିଂ ମୁଡ୍‌ରେ ଅଛନ୍ତି। ଷ୍ଟିଭ୍ ବକ୍‌ନର୍ ଠିକ୍ ଏହା ଭାବିଥାନ୍ତି ଆପଣଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ଦେବାକୁ। ଏଭଳି ଲେଖି ପ୍ରଶଂସମାନେ ସଚିନ କିଭଳି ଅମ୍ପାୟାରଙ୍କ ରୋଷର ଶିକାର ହୋଇଥିଲେ ମନେ ପକାଇ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୦୩ରେ ଗାବାରେ ଖେଳାଯାଇଥିବା ଭାରତ-ଅଷ୍ଟ୍ରେଲିଆ ଟେଷ୍ଟ୍‌ରେ ଜାସନ ଗିଲେସ୍ପିଙ୍କ ବୋଲିଂରେ ସଚିନଙ୍କୁ ବକ୍‌ନର୍ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ଦେଇଥିଲେ। ଟିଭି ରିପ୍ଲେରୁ ଜଣାପଡ଼ିଥିଲା ବଲ୍ ଷ୍ଟମ୍ପ୍ ଉପରେ ଗତି କରୁଛି। ସେତେବେଳେ ଏହା ଚର୍ଚ୍ଚାର କେନ୍ଦ୍ରରେ ରହିଥିବାବେଳେ ବକ୍‌ନର୍ ଖୁବ୍ ସମାଲୋଚିତ ହୋଇଥିଲେ। ଦ୍ୱିତୀୟ ଘଟଣାଟି ଘଟିଥିଲା ୨୦୦୫ ପାକିସ୍ତାନ ବିପକ୍ଷ ଇଡେନ୍ ଗାର୍ଡେନ୍ସ ଟେଷ୍ଟ୍‌ରେ ଅବଦୁଲ ରଜାକଙ୍କ ବୋଲିଂରେ ସଚିନଙ୍କୁ କଟ୍ ବିହାଇଣ୍ଡ ଘୋଷଣା କରାଯାଇଥିଲେ ମଧ୍ୟ ବଲ୍ ତାଙ୍କ ବ୍ୟାଟ୍ ଛୁଇଁନଥିଲା। କ୍ରିକେଟ୍ ଇତିହାସରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ବିତର୍କ ସୃଷ୍ଟି କରିଥିଲା। ଯାହାକି ବକ୍‌ନରଙ୍କୁ ବିବାଦୀୟ କରିଦେଇଥିଲା। କିଂବଦନ୍ତି ଅମ୍ପାୟାର ଭାବେ ବକ୍‌ନର୍ ପରିଚିତ ଥିଲେ ମଧ୍ୟ ଏହା ତାଙ୍କୁ ଖୁବ୍ ନିନ୍ଦିତ ଓ ସମାଲୋଚିତ କରିଥିଲା। ବିଳମ୍ବିତ ନିଷ୍ପତ୍ତି, ଉଦ୍ଦେଶ୍ୟମୂଳକ ଷ୍ଟାଇଲ୍ କାରଣରୁ ସେ 'ସ୍ଲୋ ଡେଥ୍' ନାମରେ ମଧ୍ୟ ପରିଚିତ ଥିଲେ।

# ଆଇପିଏଲ୍ ଅକ୍ସନରେ ୧୩ ବର୍ଷର ବାଳକ ବୈଭବ ସୂର୍ଯ୍ୟବଂଶୀ

**ମୁମ୍ବାଇ, ୧୮।୧୧:** ଆଇପିଏଲରେ ଏପର୍ଯ୍ୟନ୍ତ ଅନେକ ରେକର୍ଡ ଏବଂ ଚମତ୍କାର ଆପଣ ଦେଖିଛନ୍ତି। କିନ୍ତୁ ଏଥର ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଇତିହାସରେ ପ୍ରଥମ ଥର ପାଇଁ ଏଭଳି ଏକ ଚମତ୍କାର ଘଟଣା ଘଟିବାକୁ ଯାଉଛି, ଯାହା ବୋଧହୁଏ ଆପଣ କଳ୍ପନା ମଧ୍ୟ କରିନଥିବେ। ବାସ୍ତବରେ, ଏଥର ଅକ୍ସନ ପାଇଁ ଜଣେ ୧୩ ବର୍ଷର ବାଳକଙ୍କ ନାଁ ସର୍ଟଲିଷ୍ଟେଡ ହୋଇଛି। ଆଇପିଏଲ୍ ଅକ୍ସନ ଇତିହାସରେ ସେ ସର୍ବକନିଷ୍ଠ। ଯଦି ତାଙ୍କୁ କେହି କିଣନ୍ତି, ତେବେ ସେ ଆଇପିଏଲରେ ପ୍ରବେଶ କରିବାରେ ମଧ୍ୟ ସର୍ବକନିଷ୍ଠ ଖେଳାଳି ହୋଇଯିବେ।

ବିହାରର ଏହି ୧୩ ବର୍ଷର ବାଳକ ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ୍ ୨୦୨୫ର ମେଗା ନିଲାମ ପାଇଁ ନିଜର ନାମ ପଞ୍ଜିକରଣ କରିଥିଲେ। ଆଇପିଏଲ୍ ବୋର୍ଡ ଦ୍ୱାରା ନିଲାମ ପାଇଁ ସର୍ଟଲିଷ୍ଟ ହୋଇଥିବା ଖେଳାଳି ତାଲିକାରେ ମଧ୍ୟ ବୈଭବଙ୍କ ନାମ ରହିଛି।



୩୦ ଲକ୍ଷ ଟଙ୍କା ବେସ୍ ପ୍ରାଇସ ସହିତ ନିଲାମରେ ପ୍ରବେଶ କରିବେ ବୈଭବ। ବିହାରର ତାଜପୁର ଗାଁରେ ୨୦୧୧ ମସିହାରେ ବୈଭବଙ୍କ ଜନ୍ମ। ଏତେ ଛୋଟ ବୟସରୁ ସେ ହାସଲ କରିଥିବା କ୍ରିକେଟ ରେକର୍ଡ ଓ ତାଙ୍କ ପ୍ରଭାବୀ କ୍ୟାରିୟର ତାଙ୍କ ଉପରେ ଟଙ୍କା ବର୍ଷା କରିବା ପାଇଁ ଫ୍ରାଞ୍ଚାଇଜ୍ ଗୁଡ଼ିକୁ ବାଧ୍ୟ କରିବ।

**ବୈଭବଙ୍କ କ୍ୟାରିୟର**

ମାତ୍ର ଚାରି ବର୍ଷ ବୟସରେ ବୈଭବ ବ୍ୟାଟ୍ ଉଠାଇଥିଲେ। ଅଳ୍ପ ବୟସରେ କ୍ରିକେଟ୍ ପ୍ରତି ପୁଅର ଅସୀମ ଆଗ୍ରହକୁ ଅନୁଭବ କରିପାରିଥିଲେ ବୈଭବଙ୍କ ପିତା ସଞ୍ଜୀବ ସୂର୍ଯ୍ୟବଂଶୀ। ପୁଅ ଖେଳିବା ପାଇଁ ଏକ ସ୍ୱତନ୍ତ୍ର ପିଚ୍ ନିର୍ମାଣ କରିଥିଲେ। ଚାରି ବର୍ଷ ପରେ ତାଙ୍କୁ ସମସ୍ତିପୁର କ୍ରିକେଟ୍ ଏକାଡେମୀରେ ଭର୍ତ୍ତି କରାଯାଇଥିଲା। ସେଠାରେ ଦୁଇ ବର୍ଷ ତାଲିମ ନେବା ପରେ ସେ ଅଣ୍ଡର-୧୬ ଦଳରେ ଯୋଗ ଦେଇଥିଲେ। ସେତେବେଳେ ବୈଭବଙ୍କୁ ମାତ୍ର ୧୦ ବର୍ଷ ବୟସ ହୋଇଥିଲା। ସେହି ବୟସରେ ସେ ବିହାରର ସମସ୍ତ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ଜିତିଥିଲେ। ଏହାପରେ ଭିନୋ ମଙ୍କଡ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଥିଲେ ବୈଭବ। ଯାହା ବିହାର କ୍ରିକେଟ୍ ବୋର୍ଡର ଦୃଷ୍ଟି ଆକର୍ଷଣ କରିଥିଲା। ତେଣୁ ସେ ୨୦୨୪ରେ ବିହାର ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟରେ ଡେବ୍ୟୁ କରିଥିଲେ। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ପରେ ସେ ଟିମ୍ ଇଣ୍ଡିଆର ଅଣ୍ଡର-୧୯ ଦଳ ପାଇଁ ମଧ୍ୟ ମନୋନୀତ ହୋଇଥିଲେ। ସେ ବର୍ତ୍ତମାନ ରଣଜୀ ୨୦୨୪-୨୫ ଟୁର୍ଣ୍ଣାମେଣ୍ଟ ଖେଳୁଛନ୍ତି। ବାମହାତୀ ବ୍ୟାଟର ବୈଭବଙ୍କର ବିଶେଷତ୍ୱ ହେଉଛି ଆକ୍ରମଣାତ୍ମକ ଖେଳିବା। ଆଇପିଏଲ୍ ୨୦୨୫ର ମେଗା ନିଲାମ ୨୪ ଏବଂ ୨୫ ନଭେମ୍ବରରେ ସାଉଦି ଆରବରେ ଅନୁଷ୍ଠିତ ହେବ। ଏହି ନିଲାମରେ ବୈଭବ ସର୍ବକନିଷ୍ଠ ଖେଳାଳି ହୋଇଥିବାବେଳେ ଇଂଲଣ୍ଡର ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ (୪୨ ବର୍ଷ) ସବୁଠାରୁ ବୟସ୍କ ଖେଳାଳି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରୋଜଗାରର...

ସମ୍ଭାବନାର ଅଞ୍ଚଳ ହୀରାକୁଦ ଓ ଆଖପାଖ ଅଞ୍ଚଳରେ ଉତ୍ପାଦନ ହେଉଥିବା କୁଡୋ ମାଛର ଚାହିଦା ରାଜ୍ୟ ବାହାରେ ଅଧିକ ରହିଛି । ସେହି ମାଛ ଚାଷକୁ ପ୍ରୋତ୍ସାହନ ଦେବା ଦିଗରେ ମଧ୍ୟ ନୂତନ ଭବନ ସହାୟକ ହେବ। ଓଡ଼ିଶାରେ ପୂର୍ବ ସରକାର ନାମକୁମାତ୍ର ଏହିସବୁ ବିଭାଗ କାର୍ଯ୍ୟ ପରିଚାଳନା କରୁଥିଲେ । ଏହି କାରଣରୁ ମତ୍ସ୍ୟଚାଷୀମାନେ ଚାଷର ପ୍ରତ୍ୟକ୍ଷ ଲାଭରୁ ବଞ୍ଚିତ ହେଉଥିଲେ। ମାତ୍ର ଓଡ଼ିଶାରେ ବିଜେପିର ନୂଆ ସରକାର ଗଠନ ହେବା ପରେ ରାଜ୍ୟ ଅର୍ଥନୀତିରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ମତ୍ସ୍ୟ ଚାଷ ପାଇଁ ବ୍ୟାପକ ସରକାରୀ ପଦକ୍ଷେପ ଗ୍ରହଣ କରାଯାଉଛି । ସମ୍ବଲପୁର, ଦେବଗଡ଼, ବରଗଡ ଜିଲ୍ଲାରେ ମାଛ ଚାଷକୁ ଦୁଇ ଗୁଣିତ କରିବା ପାଇଁ ଆଜି ଏପରି ପଦକ୍ଷେପ ନିଆଯାଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଗାମୀ ଦିନରେ ଭାରତ ସରକାରଙ୍କ ସହଯୋଗରେ ଏହି ଅଞ୍ଚଳରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଏକ 'ମତ୍ସ୍ୟ ପାର୍କ' କରାଯିବାର ଯୋଜନା କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ପାଖାପାଖି ୮୦୦ କୋଟି ଟଙ୍କା ବ୍ୟୟରେ ହୀରାକୁଦ କେନାଲକୁ ବିକଶିତ କରିବା ପାଇଁ ଯୋଜନା ହୋଇଛି।

ଧାନ ଚାଷ, ମତ୍ସ୍ୟଚାଷ, ଗୋପାଳନ, ଛେଳି ଚାଷ ବିଶେଷକରି ଗ୍ରାମୀଣ ଜନସାଧାରଣଙ୍କ ପାଇଁ ଖାଦ୍ୟ, ପୋଷଣ ଏବଂ ରୋଜଗାରର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇ ରହିଛି। ବିଜେପିର ଡବଲ ଇଞ୍ଜିନ ସରକାର ସବୁ ବର୍ଗର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି । ସୁଭଦ୍ରା ଯୋଜନାରେ ସରକାରଙ୍କ ଠାରୁ ସହାୟତା ପାଉଥିବା ମହିଳାମାନେ ସ୍ଥାନୀୟ ଅର୍ଥନୀତିକୁ ମଜଭୁତ୍ କରିବା ଭଳି ଏହି ସବୁ ଚାଷକୁ ପ୍ରୋତ୍ସାହନ କରିବା ପାଇଁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ। ୨୦୩୬ ମସିହା ସୁଦ୍ଧା ମାଛ ଉତ୍ପାଦନରେ ଆମ ରାଜ୍ୟ ୧ ନମ୍ବର ରାଜ୍ୟରେ ପରିଣତ ହେବା ଲକ୍ଷ୍ୟରେ କାମ କରିବାକୁ ସେ ଆହ୍ୱାନ କରିଛନ୍ତି।

କାର୍ଯ୍ୟକ୍ରମରେ ଓଡ଼ିଶା ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ନିମନ୍ତ୍ରଣପତ୍ରରେ...

ପ୍ରଶାସନ ଛାପିଥିବା ବାଲିଯାତ୍ରା ନିମନ୍ତ୍ରଣପତ୍ରରେ ମୁଖ୍ୟ ଅତିଥି ଅର୍ଥାତ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନାଁ ନାହିଁ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଙ୍କ ନାଁ ନଥାଇ କାର୍ଡ ବଣ୍ଟାଯାଉଛି, ଆଉ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ସବୁ ଜାଣି ବି ଅଜଣା। ବାଲିଯାତ୍ରାର ଆୟୋଜନକୁ ନେଇ ବାହାସ୍ଫୋଟ ମାରୁଥିବା ଜିଲ୍ଲାପାଳ ଏକଥା ଜାଣିନାହାଁନ୍ତି ନା ଏହା ସନ୍ୟାସୀଙ୍କ ଇଙ୍ଗିତରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କୁ ଅପମାନିତ କରିବାକୁ ଉଦ୍ଦେଶ୍ୟମୂଳକ ତ୍ରୁଟି। ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହେଉଛି। ସାଧାରଣତଃ ମୁଖ୍ୟମନ୍ତ୍ରୀଙ୍କ ସବୁ ସରକାରୀ କାର୍ଯ୍ୟକ୍ରମ ପୂର୍ବ ନିର୍ଦ୍ଧାରିତ ଏବଂ ଆୟୋଜକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କିଛି ଦିନ ପୂର୍ବରୁ ଅନୁମୋଦନ ପାଇଥାନ୍ତି। ତେଣୁ ସ୍ୱାଭାବିକ ଭାବେ ବାଲିଯାତ୍ରାର ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପୂର୍ବରୁ ଫିକ୍ସ ହୋଇଛି ଏବଂ ଜିଲ୍ଲା ପ୍ରଶାସନକୁ ଏନେଇ ଲିଖିତ ଅନୁମତି ମଧ୍ୟ ଦିଆଯାଇଛି। ତଥାପି ନିମନ୍ତ୍ରଣପତ୍ରରେ ରହିଲାନି ମୁଖ୍ୟମନ୍ତ୍ରୀଙ୍କ ନାଁ। କଥାଟି ଛୋଟିଆ ଘଟଣା ବୋଲି ଲାଗୁଥାଇ ପାରେ। କିନ୍ତୁ ପ୍ରଶାସନିକ ବିଧିବ୍ୟବସ୍ଥା ଓ ମୁଖ୍ୟମନ୍ତ୍ରୀଙ୍କ ପଦମର୍ଯ୍ୟାଦାକୁ ଦେଖିଲେ ଏହା ଅତ୍ୟନ୍ତ ସାଂଘାତିକ ଓ କ୍ଷମାଯୋଗ୍ୟ ନୁହେଁ। କାରଣ ଜଣେ ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅପମାନିତ କରିବା ପ୍ରଶାସନିକ ଇତିହାସରେ ବିରଳ। ସିନ୍ଦେ-ସନ୍ୟାସୀଙ୍କ ଅସାଧୁ ମେଣ୍ଟକୁ ନେଇ ଚର୍ଚ୍ଚା ଭିତରେ ନିମନ୍ତ୍ରଣପତ୍ରରେ ମୁଖ୍ୟମନ୍ତ୍ରୀଙ୍କ ନାଁ ନରହିବା ସ୍ନାଇପର ସେଲ ଏଜେଣ୍ଟଙ୍କୁ ଅଧିକ ସନ୍ଦେହ ଘେରକୁ ଟାଣିନେଇଛି।

### ସରକାରୀ ...

ନେଇ ବାବାଙ୍କ ପାଖକୁ ଯାଉଥିଲେ। ଯେଉଁ ମହିଳାଙ୍କର ପିଲା ଛୁଆ ହେଉ ନ ଥିଲା ବା ଯାହାକୁ କ୍ୟାନସର ପରି ଦୁରାରୋଗ୍ୟ ବ୍ୟାଧି ହୋଇଥିଲା, ସେମାନେ ବାବାଙ୍କ ପାଖକୁ ଯାଉଥିଲେ। ବାବା ଲକ୍ଷାଧିକ ଟଙ୍କା ନେଇ କ'ଣ ଗୋଟିଏ ଚେରମୂଳି ଦେଉଥିଲେ। ସେହି ଚେରମୂଳି ଖାଇବା ପରେ କୁଆଡେ ରୋଗ ଭଲ ହୋଇଯାଉଥିଲା ବୋଲି ଶୁଣିବାକୁ ପାଇଥିଲି। ବାବା ବିଶ୍ୱନାଥ ପ୍ରବଚନ ଦେଇ ଲୋକଙ୍କୁ ଆକୃଷ୍ଟ କରୁଥିଲେ ଏବଂ ପୁଅ କଳ୍କୀ ଅବତାର ସାଜି କରୁଥିଲେ ସ୍ପର୍ଶ ଚିକିତ୍ସା। ଦେହରେ ହାତମାରି ଅନେକ ଦୁରାରୋଗ୍ୟ ବ୍ୟାଧି ଭଲ କରିଦେବାର ଦାବି କରୁଥିଲେ।

ଅନ୍ୟପକ୍ଷରେ ବୈକୁଣ୍ଠ ଧାମ ଆଶ୍ରମ ପକ୍ଷରୁ ସରକାରୀ ଜମି ଜବରଦଖଲ ହୋଇଥିବା ମାପଚୁପ ବେଳେ ଜଣାପଡ଼ିଛି। ସାଧାରଣ ପ୍ରଶାସନ ପକ୍ଷରୁ ମାପଚୁପ ପରେ ଏହା ଜଣାପଡ଼ିଛି। ୧୪୦ ଡିସିମିଲ୍ ସରକାରୀ ଜମିରେ ଆଶ୍ରମ ଅବସ୍ଥିତ। ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଏ, ବିଡିଏ ଓ ତହସିଲ ଅଧିକାରୀ ଆଶ୍ରମରେ ପହଞ୍ଚି ମାପଚୁପ କରିବା ପରେ ସରକାରଙ୍କୁ ରିପୋର୍ଟ ଦେଇଛନ୍ତି। କଳ୍କୀ ଅୟସ ଓ ଆରାମରେ ସ୍କୁଲ ଯାଉଥିବା କଥା ସାମ୍ନାକୁ ଆସୁଛି । ସିଏ ଯାଉଥିବା ସ୍କୁଲ ବସରେ ଅନ୍ୟ ଛାତ୍ରଛାତ୍ରୀ ସାଧାରଣ ଭାବେ ବସୁଥିବା ବେଳେ, ବାବା କାଶୀନାଥଙ୍କ ପୁଅ ପାଇଁ ସିଟରେ ପଡୁଥିଲା ନାଲି ରଙ୍ଗର ଭେଲଭେଟ ଚାଦର । ଏଭଳି ଗୁମର ଖୋଲିଛନ୍ତି ତାଙ୍କୁ ପାଠ ପଢ଼ାଉଥିବା ଜଣେ ଗଣିତ ଶିକ୍ଷକ ।

### ବିକଶିତ...

ଉଭୟ ରାଜି ହୋଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଆଜି ସିଙ୍ଗାପୁର ଉପ ପ୍ରଧାନମନ୍ତ୍ରୀ ଗାମ କିମ୍ ୟଙ୍ଗ ଓ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀଙ୍କୁ ଭେଟି ରାଜ୍ୟରେ ଶିଳ୍ପର ବିକାଶ ସହ ଦକ୍ଷତା ବିକାଶ ନେଇ ଆଲୋଚନା କରିଛନ୍ତି। ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀ ଓ ବୈଦେଶିକ ବ୍ୟାପର ମନ୍ତ୍ରୀଙ୍କୁ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ସାମିଲ ହେବାକୁ ରାଜ୍ୟ ସରକାର ଆମନ୍ତ୍ରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ପେଟ୍ରୋକେମିକାଲରେ ବିଶ୍ୱ ଲିଡର ସର୍ବାନା ଯୁରୋଙ୍ଗ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ବୁଲି ଦେଖିଥିଲେ। ପୂର୍ବ ଭାରତରେ ଓଡ଼ିଶା ଏବେ ପେଟ୍ରୋକେମିକାଲ ଶିଳ୍ପରେ ପୁଂଜିନିବେଶକାରୀଙ୍କ ଆକର୍ଷଣ ପାଲଟିଥିବାରୁ ଏହି ଗସ୍ତ ଆଗାମୀ ଦିନରେ ରାଜ୍ୟ ପାଇଁ ବେଶ ଲାଭଦାୟକ ହେବ ବୋଲି ଆଶା କରାଯାଉଛି। ଏହି କମ୍ପ୍ଲେକ୍ସ ଢାଞ୍ଚାରେ ଆଗାମୀ ଦିନରେ ପାରାଦୀପରେ ପେଟ୍ରୋଲିମ, କେମିକାଲ, ପେଟ୍ରୋକେମିକାଲ ଇନଭେଷ୍ଟମେଣ୍ଟ ରିଜିୟନର ବିକାଶ କରିବାକୁ ଯୋଜନା କରାଯାଉଛି। ଏଦିଗରେ ସିଙ୍ଗାପୁର ସହଯୋଗ କରିବ ବୋଲି ମଧ୍ୟ ଜଣାପଡ଼ିଛି।ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ସିଙ୍ଗାପୁରରେ ରହୁଥିବା ପ୍ରବାସୀ ଓଡ଼ିଶାଙ୍କୁ ଭେଟି ରାଜ୍ୟର ବିକାଶରେ ସେମାନଙ୍କ ସହଯୋଗ ଓ ପରାମର୍ଶ ଲୋଡିବେ। ରାଜ୍ୟରୁ ପୁଂଜିନିବେଶର ଅନ୍ୟତମ ହବ ଭାବେ ଗଢି ତୋଳିବାରେ ଏହା ଆଗାମୀ ଦିନରେ ବେଶ ସହାୟକ ହେବ।

### ଆରପାରିରେ...

ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ସାଂସଦ ବୈଜୟନ୍ତ ପଣ୍ଡା, ସାଂସଦ ଭର୍ତ୍ତୃହରି ମହତାବ, ବରିଷ୍ଠ ନେତା ସମୀର ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସମୀର ଦେ ବିଜେପି ଟିକେଟରେ କଟକ ସହର ବିଧାନସଭା ଆସନରୁ ଲଗାତାର ତିନି ଥର ବିଜୟୀ ହୋଇଥିଲେ। ୧୯୯୫, ୨୦୦୦ ଓ ୨୦୦୪ ବିଧାନସଭା ନିର୍ବାଚନରେ ବିଜୟ ହାସଲ କରିଥିଲେ। ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରରେ ନଗର ଉନ୍ନୟନ ମନ୍ତ୍ରୀ ଥିଲେ। ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସେ ଉଚ୍ଚଶିକ୍ଷା ମନ୍ତ୍ରୀ ହୋଇଥିଲେ।ସମୀର ଦେଙ୍କ ମରଶରୀର ବିଧାନସଭା ଓ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ନିଆଯାଇଛି। ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତା ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେଠାରୁ ଘରକୁ ଅଣାଯାଇ ଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଏହାପରେ ମରଶରୀରକୁ ମଧୁପାଟଣା ଛକ, ଦୋଳମୁଣ୍ଡାଇ, ବକ୍ସି ବଜାର ଓ ଷ୍ଟାଡିୟମ ଦେଇ ଖାନନଗର ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ସମୀର ଦେ'ଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ୍ସରେ ଶୋକପ୍ରକାଶ କରିଛନ୍ତି । ସମୀରଙ୍କ ବିୟୋଗ ଖବର ପାଇ ସେ ମର୍ମାହତ ବୋଲି ଉଲ୍ଲେଖ କରିଛନ୍ତି। ଓଡ଼ିଶାର ବିକାଶ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ରାଷ୍ଟ୍ରପତି ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରି କହିଛନ୍ତି ଯେ ସ୍ୱର୍ଗତ ଦେ ଜଣେ ଲୋକପ୍ରିୟ ଜନନେତା ଓ ଦୃଢ଼ ସଂଗଠକ ଥିଲେ। ଉଚ୍ଚ ଶିକ୍ଷା ଓ ନଗର ଉନ୍ନୟନ ମନ୍ତ୍ରୀ ଭାବରେ ସେ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖି ଯାଇଛନ୍ତି। ମିଷ୍ଟଭାଷୀ ବ୍ୟକ୍ତିତ୍ୱ ପାଇଁ ସେ ସବୁ ବର୍ଗର ଲୋକଙ୍କର ପ୍ରିୟପାତ୍ର ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି, ଦାଦାଙ୍କ ବିୟୋଗରେ ଅତ୍ୟନ୍ତ ମର୍ମାହତ। ଦାଦା ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ଉପକୂଳ ଓଡ଼ିଶାରେ ଅଭ୍ୟୁଦୟର କେନ୍ଦ୍ରବିନ୍ଦୁ ଭାବେ କଟକ ସହରରୁ ଆମ ଦଳର ରାଷ୍ଟ୍ରବାଦୀ ବିଚାରକୁ ଜନପ୍ରିୟ କରାଇବାରେ ସେ ପ୍ରମୁଖ ଭୂମିକା ନେଇଥିଲେ। ବିଜେପି ଆଜି ରାଜ୍ୟରେ ଯେଉଁ ସେବା ଦାୟିତ୍ୱରେ ଅଛି, ସେ ଦିଗରେ ତାଙ୍କର ଯୋଗଦାନ ଥିଲା ଅତୁଳନୀୟ। ଦାଦାଙ୍କ ବିୟୋଗରେ ଓଡ଼ିଶା ଜଣେ ସ୍ନେହୀ ଓ ଦକ୍ଷ ନେତାଙ୍କୁ ହରାଇଲା। ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରି ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏକ୍ସରେ ଶ୍ରୀ ପଟ୍ଟନାୟକ କହିଛନ୍ତି, ରାଜ୍ୟର ବିକାଶରେ ସମୀରଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ତାଙ୍କ ଶୋକାଭିଭୂତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ସନ୍ୟାସୀଙ୍କୁ ...

ଅସୀମା ପଣ୍ଡାଙ୍କୁ ବଳପୂର୍ବକ ଓହ୍ଲାଇଦେଲା। ଏହାପୂର୍ବରୁ ପୋଲିସ ପ୍ରଶାସନ ସହ ଆଲୋଚନା କରିଥିଲା କି। ଜିଲ୍ଲାପାଳ ମଧ୍ୟ ଏଭଳି ନିନ୍ଦନୀୟ ଘଟଣାକୁ କିଭଳି ଗ୍ରହଣ କରିଛନ୍ତି ତାହା ସମସ୍ତଙ୍କୁ ଚକିତ କରୁଛି। ଏଥିସହିତ ବାଲିଯାତ୍ରାର ଆୟୋଜନରେ ସାହି ମୁଖିଆମାନଙ୍କ ଏକ ବଡ ଭୂମିକା ଥାଏ। କିନ୍ତୁ ମୁରବୀମାନଙ୍କୁ ଜିଲ୍ଲାପାଳ ବିଶ୍ୱାସ ନେଉନାହାଁନ୍ତି କି ତାଙ୍କୁ ସମ୍ମାନ ମଧ୍ୟ ଦେଉନାହାଁନ୍ତି। ଯେଉଁଥିପାଇଁ ସାହି ମୁରବୀମାନେ ମଧ୍ୟ ସରକାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଖୋଦ କଟକ ବିଧାୟକ ସୋଫିଆ ଫିର୍ଦ୍ଦୋଶ ମଧ୍ୟ ଏଭଳି ସନ୍ଦେହ ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସନକୁ ଚେତାଇଦେଇଛନ୍ତି। ଭାଇଚାରାର ସହରରେ ଲୋକଙ୍କୁ ସମ୍ମାନ ଦେଇ କାମ କରନ୍ତୁ। ନହେଲେ କଟକ ଛାଡି ପଳାନ୍ତୁ। ଏମିତି କହି ସେ ସିଧାସଳଖ ଭାବେ ଜିଲ୍ଲାପାଳଙ୍କୁ ଇଙ୍ଗିତ କରିଛନ୍ତି। ଆସନ୍ତା ବିଧାନସଭାରେ ସେ ଏହିସବୁ ବିଭ୍ରାଟ କଥା ଉଠାଇବେ ବୋଲି କହିଛନ୍ତି। ଏସବୁକୁ ଦେଖିଲେ ଗୋଟିଏ କଥା ସ୍ପଷ୍ଟ ହେଉଛି ଜିଲ୍ଲାପାଳ ସିନ୍ଦେ ଭାଇଚାରରେ ସହରରେ ସରକାରକୁ ବଦନାମ କରିବାକୁ ପୂରା ଦମରେ ଲାଗିଛନ୍ତି।

### ବାବୁଙ୍କ...

ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଭବନ ସମେତ ଏକାକାଳୀନ ୧୦ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଭୁବନେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ ଢେଙ୍କାନାଳର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ଚଢାଉରେ ୭ ଡିଏସପି, ୩ ଜଣ ଇନସପେକ୍ଟର ଏବଂ ୮ ଜଣ ଆଇଆଇସି ସାମିଲ ଅଛନ୍ତି। ଉପଜିଲ୍ଲାପାଳଙ୍କର ଭୁବନେଶ୍ୱର ଝାରପଡ଼ାରେ ୩ ମହଲା କୋଠା, ଭଦ୍ରକ କୁଆଁଶରେ ୩ ମହଲା କୋଠା, ଭଦ୍ରକ ଗେଲପୁରରେ ଏକ ଦୁଇ ମହଲା ବିଶିଷ୍ଟ କୋଠା ଥିବା ସୂଚନା ମିଳିଛି।

### ଜାନୁଆରିରେ ...

ବ୍ରେକର ଲାଗି ପାରିବନି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏସ୍‌ଓପି ମଧ୍ୟ ଗୋପନୀୟ। ଏଣୁ ଏହାକୁ ପ୍ରକାଶ କରାଯାଇ ପାରିବ ନାହିଁ। ଠାକୁରଙ୍କ ଯେତିକି ସମ୍ପତ୍ତି ଅଛି, ତାହା ସୁରକ୍ଷିତ ରହିବା ଦରକାର ବୋଲି କୁହାଯାଇଥିଲା।

# କେ ସଞ୍ଜୟ ମୂର୍ତ୍ତି ସିଏଜି

**ନୂଆଦିଲ୍ଲୀ, ୧୮।୧୧:** କେ. ସଞ୍ଜୟ ମୂର୍ତ୍ତିଙ୍କୁ ନୂଆ କମ୍ପଟ୍ରୋଲର୍ ଏବଂ ଅଡିଟର ଜେନେରାଲ୍ (ସିଏଜି) ଭାବେ ନିଯୁକ୍ତ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ନଭେମ୍ବର ୨୦ରେ ସେ ଗିରୀଶ ମୁର୍ମୁଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବେ। ୧୯୮୯ ବ୍ୟାଚ୍‌ର ହିମାଚଳ ପ୍ରଦେଶ କ୍ୟାଡର ଆଇଏଏସ୍ ଶ୍ରୀ ମୂର୍ତ୍ତୀ ସଂପ୍ରତି ଶିକ୍ଷା ମନ୍ତ୍ରାଳୟରେ ଉଚ୍ଚଶିକ୍ଷା ବିଭାଗର ସଚିବ ଭାବରେ କାର୍ଯ୍ୟ କରୁଛନ୍ତି।ସଚିବ ଭାବରେ ବର୍ତ୍ତମାନ ଉଚ୍ଚଶିକ୍ଷା ସହ ଜଡିତ ବିଭିନ୍ନ ନୀତି ତଦାରଖ କରିବାରେ କେ. ସଞ୍ଜୟ ମୂର୍ତ୍ତୀ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବ୍ୟାପକ ଅମଲାତାନ୍ତ୍ରିକ ଅଭିଜ୍ଞତା ଥିବାରୁ ଭାରତ ସରକାରଙ୍କ ଆକାଉଣ୍ଟଗୁଡ଼ିକର ଅଡିଟ୍ କରିବା ଏବଂ ସାଧାରଣ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଦିଗରେ ମଧ୍ୟ ସେ ନିଜର ଦକ୍ଷତା ପ୍ରଦର୍ଶନ କରିପାରିବେ ବୋଲି ଆଶା କରାଯାଉଛି। ୨୦୨୦ ଅଗଷ୍ଟ ୮ରୁ ସିଏଜି ଭାବେ କାର୍ଯ୍ୟ କରୁଥିବା ଗିରିଶ ଚନ୍ଦ୍ର ମୁର୍ମୁଙ୍କ କାର୍ଯ୍ୟକାଳ ନଭେମ୍ବର ୨୦ରେ ଶେଷ ହେଉଛି।


# ନୂତନ ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା ଦାବି



**ନାଉଗାଁ, ୧୮।୧୧ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ୍‌ରେ ନୂତନ ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ଜଗତସିଂହପୁର ଜିଲ୍ଲା ଜଜ୍ ଶ୍ରୀଯୁକ୍ତ ଅନୁପ କୁମାର ଚନ୍ଦନଙ୍କ ୫/୮/୨୦୨୩ ନାଉଗାଁ ଅଞ୍ଚଳ ଗ୍ରସ୍ତରେ ଆସି ବିଭିନ୍ନ ଜାଗା ପରିଦର୍ଶନ କରିଥିଲେ।। ନାଉଗାଁ ପଞ୍ଚାୟତ ତିହୁଡ଼ା ମୌଜା ଖାତା ନଂ ୬୬୫ ପ୍ଲଟ୍ ନଂ ୫୯୮ ସ୍ଥ ୧୦ ଏକର ୪୩ ଡିସିମିଲ ତହସିଲ ସନ୍ନିକଟ ଜାଗାରେ କୋର୍ଟ ପ୍ରତିଷ୍ଠା ପାଇଁ ଉକ୍ତ ସ୍ଥାନ ଉପଯୁକ୍ତ ସ୍ଥାନ ହୋଇଥିବା ସ୍ଥିର ହୋଇଥିଲା । ନୂତନ ଗ୍ରାମ୍ୟ ନ୍ୟାୟାଳୟକୁ ନାଉଗାଁ ତହସିଲ ନିକଟସ୍ଥ ତିହୁଡାଠାରେ ଥିବା ୧୦ ଏକର ସରକାରୀ ଜାଗାରେ ଗମନାଗମନ ଓ ବ୍ଲକର ମୁଖ୍ୟ ପେଣ୍ଠସ୍ଥଳୀ ଓ ଜନସାଧାରଣଙ୍କ ସୁବିଧା ପାଇଁ ଉକ୍ତ ଜାଗାରେ ପ୍ରତିଷ୍ଠା କରିବା ପାଇଁ ନାଉଗାଁ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ସମର୍ଥନ କରି ସ୍ୱାଗତ କରିଥିଲେ। କିନ୍ତୁ ନ୍ୟାୟଳୟ ପ୍ରତିଷ୍ଠା ପାଇଁ ଜଗତସିଂହପୁର ଜିଲ୍ଲାରେ ଅନ୍ୟାନ୍ୟ ବ୍ଲକରେ ପ୍ରତିଷ୍ଠା ହୋଇ ସାରିଥିଲେ ମଧ୍ୟ ନାଉଗାଁ ବ୍ଲକରେ ୧ ବର୍ଷ ବିତିଯାଇଥିଲେ ମଧ୍ୟ ଗ୍ରାମ୍ୟ ନ୍ୟାୟଳୟ ପ୍ରତିଷ୍ଠାରେ ବିଳମ୍ବ ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାନ ତରଫରୁ ନ୍ୟାୟଳୟ ନିର୍ମାଣରେ ମନ୍ଥର ଗତି ଯୋଗୁଁ ଏହି କାର୍ଯ୍ୟ ବିଳମ୍ବ ହେଉଥିବା ପ୍ରକାଶ ପାଉଛି। ସାଧାରଣ ଖଟିଖିଆ ଗରିବ ଲୋକଟିଏ ନିଜ ପାଖରେ ନ୍ୟାୟ ପାଇପାରିବ। ଯାହାଫଳରେ କି ଯାତାୟାତପାଇଁ ଅର୍ଥ ସମସ୍ୱା ଆଉ ରହିବ ନାହିଁ । ସାଧାରଣ ଲୋକେ ନିଜ ଅଞ୍ଚଳରେ ଘର ପାଖରେ ରହି ନ୍ୟାୟ ପାଇବା ସହିତ ନ୍ୟାୟାଳୟ ଟି ପ୍ରତିଷ୍ଠା ହେଲେ ଅଞ୍ଚଳର ବିକାଶ ଦିଗରେ ସହାୟକ ହେବ। ଏବଂ ଏହି ଗ୍ରାମ୍ୟ ନ୍ୟାୟଳୟ ତୁରନ୍ତ ପ୍ରତିଷ୍ଠା କରିବାପାଇଁ ଅଞ୍ଚଳବାସୀ ଦାବି ହୋଇ ଆସୁଛି।

# ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ସଂଖ୍ୟା ବଢ଼ାଇବା ପାଇଁ ଯୋଜନା ହେଉ: ଧର୍ମେନ୍ଦ୍ର

- ନିର୍ମାଣ ଶ୍ରମିକ ହିତାଧିକାରୀମାନଙ୍କୁ ୧ କୋଟି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ଏବଂ ୨୦୦ ଜଣ ଯୋଗ୍ୟ ନିର୍ମାଣ ଶ୍ରମିକଙ୍କୁ ବିଓସି-ଆଇ କାର୍ଡ ବିତରଣ
- ନିର୍ମାଣ ଶ୍ରମିକଙ୍କ ସଂଖ୍ୟା ବଢ଼ାଇବାକୁ ସ୍ୱତନ୍ତ୍ର ଶିବିର ଆୟୋଜନ ପାଇଁ ଜିଲ୍ଲା ପ୍ରଶାସନକୁ ଦେଲେ ପରାମର୍ଶ
- କେନ୍ଦୁପତ୍ର ତୋଳାଳୀ ଓ ବିଡ଼ି ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ବିଚାରବିମର୍ଶ ହେଉ




**ସମ୍ବଲପୁର, ୧୮।୧୧ (ସଂଚାର ବ୍ୟୁରୋ):** ବିକାଶ ପ୍ରକ୍ରିୟାରେ ଶ୍ରମିକମାନଙ୍କର ଅତୁଳନୀୟ ଅବଦାନକୁ ସ୍ୱୀକାର କରି ଆମ ସରକାର ସେମାନଙ୍କ ସୁରକ୍ଷା ଓ କଲ୍ୟାଣ ନିମନ୍ତେ ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସରକାରଙ୍କ ସହାୟତା ନେବା ପାଇଁ ନିଜର ନାମକୁ ନିର୍ମାଣ ଶ୍ରମିକ ତାଲିକାରେ ପଞ୍ଜିକରଣ କରାଇବା ପାଇଁ ସମ୍ବଲପୁର ଜିଲ୍ଲାର ଶ୍ରମଜୀବୀ ମାନଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ସୋମବାର ସମ୍ବଲପୁରରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ 'ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା' ଅଧୀନରେ ହିତାଧିକାରୀଙ୍କୁ ସହାୟତା ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରମିକ ହିତାଧିକାରୀମାନଙ୍କୁ ଶିକ୍ଷାବୃତ୍ତି, ବିବାହ, ପ୍ରସୂତିକାଳୀନ, ସ୍ୱାଭାବିକ ମୃତ୍ୟୁ, ଦୁର୍ଘଟଣାଜନିତ ମୃତ୍ୟୁ ଓ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ରାଶି ବାବାଦକୁ ପ୍ରାୟ ୧ କୋଟି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏବଂ ୨୦୦ ଜଣ ଯୋଗ୍ୟ ନିର୍ମାଣ ଶ୍ରମିକଙ୍କୁ ବିଓସି-ଆଇ କାର୍ଡ୍ ବିତରଣ କରାଯାଇଛି । ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଦ୍ୱାରା ସମ୍ବଲପୁର ଜିଲ୍ଲାର ପ୍ରାୟ ୩୧୨ ଜଣ ଶ୍ରମିକ ହିତାଧିକାରୀ ଲାଭବାନ ହେବେ ।

ଏହା ଉପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅନୁସାରେ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନରେ ନିର୍ମାଣ ସମସ୍ତ ଅଣକୁଶଳୀ, କୁଶଳୀ, ଅର୍ଦ୍ଧକୁଶଳୀ, ଶାରୀରିକ ଶ୍ରମ କରୁଥିବା ଶ୍ରମିକ, ପର୍ଯ୍ୟବେକ୍ଷଣ କାର୍ଯ୍ୟ ନିଯୁକ୍ତ କର୍ମଚାରୀ ନିର୍ମାଣ ଶ୍ରମିକ ଅନ୍ତର୍ଭୁକ୍ତ ଅଟନ୍ତି । ରାଜ୍ୟରେ ପଞ୍ଜିକୃତ ଏହି ନିର୍ମାଣ ଶ୍ରମିକଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଶିକ୍ଷାବୃତ୍ତି ସହାୟତା ପାଇଁ ୨୦ ହଜାରରୁ ୪୦ ହଜାର ଟଙ୍କା, ବିବାହ ସହାୟତା ୫୦ ହଜାର ଟଙ୍କା, ପ୍ରସୂତିକାଳୀନ ସହାୟତା ୧୦ ହଜାର ଟଙ୍କା, ସ୍ୱାଭାବିକ ମୃତ୍ୟୁକାଳୀନ ସହାୟତା ୩ ଲକ୍ଷ ଟଙ୍କା, ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ୬ ଲକ୍ଷ ଟଙ୍କା ଏବଂ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ୫,୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯାଉଛି । ତେବେ ସମ୍ବଲପୁରରେ ନିର୍ମାଣ ଶ୍ରମିକଙ୍କ ପଞ୍ଜିକରଣ ସଂଖ୍ୟା ପ୍ରାୟ ୬୨ ହଜାର ଅଛି । ସମ୍ବଲପୁରରେ ନିର୍ମାଣ ଓ ଶିଳ୍ପ ଭିତ୍ତିଭୂମିକୁ ଦେଖିଲେ ଏହି ସଂଖ୍ୟା ଆନୁମାନିକ ୩ ଲକ୍ଷ ହେବା ଦରକାର । ତେବେ ନିର୍ମାଣ ଶ୍ରମିକ ଭାଇ ଭଉଣୀମାନଙ୍କ ସଂଖ୍ୟା ବଢାଇବା ପାଇଁ ଜିଲ୍ଲା ପ୍ରଶାସନ ଯୋଜନାର ସହଯୋଗରେ ସବୁଠି ସ୍ୱତନ୍ତ୍ର ଶିବିର ଆୟୋଜନ ପାଇଁ ଯୋଜନା କରିବାକୁ ଜିଲ୍ଲା ପ୍ରଶାସନକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କେନ୍ଦୁପତ୍ର ତୋଳାଳୀ ଓ ବିଡ଼ି ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ବିଚାରବିମର୍ଶ କରିବା ନେଇ ସେ ପ୍ରସ୍ତାବ ଦେଇଛନ୍ତି ।

ଆଜିର ଏହି ବିତରଣ କାର୍ଯ୍ୟକ୍ରମର ଆୟୋଜନ ପାଇଁ ଶ୍ରୀ ପ୍ରଧାନ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ତଥା ସମ୍ବଲପୁର ଜିଲ୍ଲା ଶ୍ରମ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପଦର୍ଶନୀ



**ନାଉଗାଁ, ୧୮।୧୧ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକର କଣ୍ଟୁଣିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଓ ବାଲ ବୈଜ୍ଞାନିକ ପଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ନାଉଗାଁ ବ୍ଲକ ଅଧ୍ୟକ୍ଷା ତୃଷ୍ଣା ଲେଙ୍କା ଯୋଗ ଦେଇଥିବା ବେଳେ, ମୁଖ୍ୟ ବକ୍ତା ଭାବେ ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ଏହି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶଙ୍କର ସାହୁ, ନାଉଗାଁ ବିଜ୍ଞାନ ସଂଯୋଜନା କମିଟିର ସମ୍ପାଦକ ସୁଧୀର ବିଶ୍ୱାଳ,ପୂର୍ବତନ ବିଜ୍ଞାନ ଶିକ୍ଷକ ବିଭୁତି ଭୂଷଣ ରାୟ, ବାଲିକୁଦା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନଳିନୀ କାନ୍ତ ମହାପାତ୍ରଙ୍କ ସହିତ ନାଉଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ର ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି ଏବଂ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ମାନ୍ୟଗଣ ଅତିଥି ମାନେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଫଳ ବାଲ ବୈଜ୍ଞାନିକ ହେବା ପାଇଁ ମାର୍ଗଦର୍ଶନ କରିଥିଲେ । ତେବେ ଏହି ବିଜ୍ଞାନ ମେଳାରେ ପିଲାମାନଙ୍କର ଲୁକାୟତ ପ୍ରତିଭା କିପରି ପଦର୍ଶନ କରାଇବା ସହିତ ପିଲାମାନେ କିପରି ବୈଜ୍ଞାନିକ ମନଭାବ ନେଇ ଆଗକୁ ଯିବେ ତାହାହିଁ ରାଜ୍ୟ ସରକାରଙ୍କର ମୂଳ ଉଦେଶ୍ୟ ବୋଲି ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି କହିଥିଲେ ।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ




**ନୀଳଗିରି, ୧୮।୧୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ନୀଳଗିରି ଥାନା ସମ୍ମୁଖ ମିନି ଷ୍ଟାଡିୟମ ପଡ଼ିଆରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ସୋମବାର ତିନି ଦିନିଆ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ମହାଲକ୍ଷ୍ମିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।

ଏହି କୃଷି ମେଳାକୁ ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଔପଦା ବ୍ଲକ ଅଧ୍ୟକ୍ଷା ବିଶିବିସ୍ୱା ପାତ୍ର, ନୀଳଗିରି ଏନ୍.ଏ.ସି ଅଧ୍ୟକ୍ଷ ମହେନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ଡି.ପି.ସି. କାହ୍ନୁ ଚରଣ ନାୟକ, ନୀଳଗିରି ଏଫ.ଆ.ଇ.ସି କୃଷିସୂଚନା ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ କୃତିବାସ ବେହେରା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, କୃଷି ଅଧିକ୍ଷଣ ଯନ୍ତ୍ରୀ ଆଲୋକ ଅଧିକାରୀ, ବରିଷ୍ଠ କୃଷି ବୈଜ୍ଞାନିକ ସ୍ୱାଗତିକା ସାହୁ, ଡି.ଡି.ଏମ୍ ନାବାର୍ଡ ତାପସ ରଞ୍ଜନ ପ୍ରଧାନ, ଜିଲ୍ଲା କୃଷି ଅଧିକାରୀ ସୁମନ୍ତ କୁମାର ନାୟକ ଓ ତୁସାରକାନ୍ତି ଟୁଙ୍ଗ, ନୀଳଗିରି ବ୍ଲକ କୃଷି ଅଧିକାରୀଣି ମିତାଲି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ମେଳାରେ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତିକୁ ନେଇ ୪୫ ଟି ଷ୍ଟଲ କରାଯାଇଥିଲା। ଆୟୋଜିତ ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଲା କୃଷକମାନେ ଚାଷ ପ୍ରଣାଳୀ ର ମାନଦଣ୍ଡ ବୃଦ୍ଧି କରି ଭଲ ଫସଲ ଅମଳ କରିପାରିବେ। ସବୁ ବର୍ଗର ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ ରିହାତି ମୂଲ୍ୟରେ ଯନ୍ତ୍ରପାତି ଯୋଗାଇ ଦେବା ବ୍ୟବସ୍ଥା କରାଯାଇଛି।



# ଯଯାତି କେଶରୀ ମେଡ଼ିକାଲ କଲେଜର ରଙ୍ଗ ବଦଳିଲା

**ଯାଜପୁର, ୧୮।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ସରକାରୀ ଅଟ୍ଟାଳିକା ଗୁଡ଼ିକର ରଙ୍ଗ ବଦଳା କାର୍ଯ୍ୟକ୍ରମ ଜାରିରହିଛି । ଏହାରି ଭିତରେ ଆଜି ଯାଜପୁର ରେ ନୂଆକରି ଗଢିଉଠିଥିବା ମେଡିକାଲ କଲେଜ ର ରଙ୍ଗ ପରିବର୍ତ୍ତନ କରାଯାଇଥିବା ଚିତ୍ର ଆସିଛି । ତେବେ ବିଧିବଦ୍ଧ ଭାବରେ ମେଡିକାଲ କଲେଜ ର ଲୋକର୍ପଣ ହୋଇନଥିବା ବେଳେ ରଙ୍ଗ ପରିବର୍ତ୍ତନ ପରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ତେବେ ସରକାରୀ ଦଳର କର୍ମୀ ମାନେ ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ଖୁସି ଜାହିର କରିଥିବା ବେଳେ ନୂତନ କରି ପାଠ ପଢା ଆରମ୍ଭ ହୋଇଥିବା ମେଡିକାଲ କଲେଜ ରେ ୧୦୦ ସିଟ ପାଇଁ ପ୍ରସ୍ତାବ ଥିବା ବେଳେ ସରକାର ଏହାକୁ ୫୦ ସିଟ ରେ ସୀମିତ ରଖି କେବଳ ରାଜନୀତି ପାଇଁ ରଙ୍ଗ ପରିବର୍ତ୍ତନ ର ଅବଶ୍ୟକତା କଣ ଥିଲା ବୋଲି ଜିଲ୍ଲାବାସୀ ପ୍ରଶ୍ନ ଉଠାଇଛନ୍ତି ।

( ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ )

# ମତୁଆଲା କଲେ ସୋୟମ ଓ ଶିବାନୀ



**ଭୁବନେଶ୍ୱର,୧୮।୧୧ (ସଂଚାର ବ୍ୟୁରୋ):** ଏକାମ୍ର ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହେବା ପରଠାରୁ ଚଳଚଞ୍ଚଳ ହୋଇଛି ଏକାମ୍ର ନିର୍ବାଚନମଣ୍ଡଳୀର କୁଆଖାଇ ନଦୀପଠା। ପ୍ରଥମଥର ହେଉଥିବାରୁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ସୋମବାର ମେଲୋଡି ନାଇଟ୍‌ରେ ଲୋକପ୍ରିୟ କଣ୍ଠଶିଳ୍ପୀ ସୋୟମ୍ ପାଢ଼ୀ ଏବଂ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଶିବାନୀ ସଙ୍ଗୀତା ଶୀତୁଆ ସଂଧ୍ୟାରେ ଲୋକଙ୍କୁ ବାନ୍ଧି ରଖିଥିଲେ।

ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଦୋଳି, ବିଭିନ୍ନ ପ୍ରକାର ଖାଦ୍ୟ ଲୋକଙ୍କୁ ମୋହିତ କରୁଛି। ବାଲିଯାତ୍ରା କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ, ବିଧାୟକ ପ୍ରଶାନ୍ତ ଜଗଦେବ, ଇରା ଆଚାର୍ଯ୍ୟ, ବିଜେପି ନେତା ବିଶ୍ୱରଂଜନ ବଡ଼ଜେନା, ରଶ୍ମୀ ମହାପାତ୍ର, ସମାଜସେବୀ ସଂଗ୍ରାମ କେଶରୀ ପାଇକରାୟ, ରାଜେନ୍ଦ୍ର ସମର୍ଥା, ଭୁବନେଶ୍ୱର ବ୍ଲକ୍ ବିଡିଓ ଦେବୀ ପ୍ରସାଦ ମହାନ୍ତି ସଂଧ୍ୟାରେ ଉତ୍ସବକୁ ଶୁଭାରମ୍ଭ କରିଥିଲେ।ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଏକାମ୍ର ନିର୍ବାଚନ ମଣ୍ଡଳୀ ତଥା ବାଙ୍କୁଆଳ, କେଶୁରା, କୋରଡ଼କଣ୍ଟା, ଦୁର୍ଗାପୁର ପାଟଣା ଓ ବାସୁଆଘର ମୁରବି ଓ ଯୁବଗୋଷ୍ଠୀଙ୍କୁ ନେଇ ପ୍ରଥମକରିଲାଗି ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ-୨୦୨୪ ଆୟୋଜନ କରାଯାଇଛି।

ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ୟା ପିଛା ଛାଡୁନି

# ଶୌଚାଳୟରେ ତାଲା, ରୋଗୀ ହଇରାଣ

**କାକଟପୁର/ଅସ୍ତରଙ୍ଗ, ୧୮।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପିଛା ଛାଡୁନି ସମସ୍ୟା। ଅସ୍ତରଙ୍ଗ ବ୍ଲକ ଅଂଚଳରେ କରିତି କର୍ମା ଜନପ୍ରତିନିଧି ଓ ସ୍ଥାନୀୟ ବିଧାୟକ ଥିବା ବେଳେ ସାଧାରଣ ଲୋକଙ୍କ ବଡ଼ ସମସ୍ୟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିଶେଷଜ୍ଞ ନାହାନ୍ତି। ଏଠାରେ ଡାକ୍ତର ସମସ୍ୟା ଥିବା ବେଳେ ବର୍ତ୍ତମାନ ସାମ୍ନାକୁ ଆସିଛି ଆଉ ଏକ ସମସ୍ୟା। ଡାକ୍ତରଖାନାରେ ଲୋକଙ୍କୁ ବିଭିନ୍ନ ସୁବିଧା ଯୋଗାଇବା ପାଇଁ ସରକାର ପାଣି ଭଳି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ତୃଣମୂଳ ସ୍ତରରେ ଏହାର ସଫଳ ରୂପାୟନ ହେଉନାହିଁ। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଲାଗି ଶୌଚାଳୟ ନିର୍ମାଣ ହୋଇଛି। କିନ୍ତୁ ଶୌଚାଳୟରେ ତାଲା ଝୁଲୁଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ଗତ କିଛି ଦିନ ତଳେ ଶୌଚାଳୟରୁ ନିର୍ଗତ ପରିସ୍ରା ମେଡିକାଲ ଭିତରକୁ ପ୍ରବେଶ ଫାଟକ ପାଖରେ ଭାସୁଥିବା ବେଳେ ଫାଟକ ନିକଟରେ ମଇଳା ପାଣି ଜମି ରହୁଥିଲା। ଯାହା ଫଳରେ ପ୍ରସୂତି ମାନେ ଶୌଚ ପାଇଁ ଯାଉଥିବା ବେଳେ ସଂକ୍ରମଣ ଭୟ ରହିଥିଲା ଘଟଣାକୁ ନେଇ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶିତ ପରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ୟା ସମାଧାନ ବଦଳରେ ଶୌଚାଳୟରେ ତାଲା ପକାଇଲେ ଯାହାକୁ ନେଇ ରୋଗୀ ଓ ସମ୍ପର୍କୀୟ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ।

ଶୌଚାଳୟ ରେ ତାଲା ପଡିଥିବାରୁ ରୋଗୀମାନଙ୍କ ହାତରେ ଭେନଫ୍ଲୋନ ଲାଗିଥିଲା ବେଳେ ଶୌଚ ପାଇଁ ବାଧ୍ୟ ହୋଇ ବାହାରକୁ ଯାଉଥିବା ଅଭିଯୋଗ ହୋଇଛି। ପୁରୀ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।



# ଦୁଇ ଦୋକାନ ସମେତ ଅଟୋରିକ୍ସା ଭସ୍ମ

**କଣାସ, ୧୮।୧୧ (ସଂଚାର ବ୍ୟୁରୋ):** କଣାସ ବ୍ଲକ ନୂଆଗାଁ ଗ୍ରାମରେ ଠାକୁର ପ୍ରଧାନ, ଧିରେନ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ ୩ଭାଇ ଗ୍ରାମ ନିକଟ ଦୟାନଦୀ ନଦୀ ବ୍ରିଜି ତଳେ ଦୁଇଟି କ୍ୟାବିନିରେ କରିଥିବା ସମସ୍ତ ସାମଗ୍ରୀ ଦୋକାନ ଓ ଦୋକାନ ଆଗରେ ରହିଥିବା ଅଟୋରିକ୍ସାରେ କୌଣସି ଦୃବୃତ ନିଆଁ ଲଗାଇଦେଇଥିବା ତିନିଭାଇ ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ନିଆଁ ଲାଗିବାପରେ ଗ୍ରାମବାସୀମାନେ ଓ କଣାସରୁ ଦମକଳ ବାହିନୀ ଯାଇ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ବେଳକୁ ଦୋକାନର ସମସ୍ତ ଆସବାସ ପତ୍ର ଓ ଅଟୋରିକ୍ସା ପୋଡି ଯାଇଥିଲା। ପୋଡିଯାଇଥିବା ସମ୍ପତିର ମୂଲ୍ୟ ୮ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବବୋଲି ଜଣାପଡ଼ିଛି। ଖବର ପାଇ ଗଡ଼ିଶାଗୋଦା ଥାନା ଆଇ.ଆଇ.ସି ଦୁର୍ଗାଚରଣ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ୩ ଭାଇଙ୍କୁ ସାନ୍ତ୍ୱନା ଦେଇ ଫେରିଆସିଛନ୍ତି।

ରହସ୍ୟମୟ ମନ୍ଦିର

# ଦୃଶ୍ୟମାନ ହେଲା ୧୩୦ ବର୍ଷର ପୁରାତନ ମନ୍ଦିର ଚୂଡ଼ା

**ବ୍ରହ୍ମପୁର, ୧୮।୧୧ (ସଂଚାର ବ୍ୟୁରୋ) :** ଗଂଜାମ ଜିଲ୍ଲାରେ ଦୃଶ୍ୟମାନ ହୋଇଛି ଏକ ରହସ୍ୟମୟ ମନ୍ଦିର। ଯାହା ବ୍ରିଟିଶ ଶାସନ ଅମଳରୁ ନିର୍ମାଣ ହୋଇଥିବା ବେଳେ ବର୍ଷ ବର୍ଷ ଧରି ପାଣି ଭିତରେ ବୁଡି ରହିଥିଲା ବୋଲି ଜଣାପଡିଛି।

ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଜଳଭଣ୍ଡାରରେ ୧୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବୁଡି ରହିଥିବା ଏହି ମନ୍ଦିରର ଚୂଡ଼ା ଦୃଶ୍ୟମାନ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ପ୍ରକାରେ, ଏହି ମନ୍ଦିରର ନାମ ବିଶ୍ୱନାଥ ମହାଦେବ ମନ୍ଦିର। ଚଳିତ ବର୍ଷ ନିଅଣ୍ଟିଆ ବର୍ଷା କାରଣରୁ ଗଞ୍ଜାମ ଜିଲ୍ଲାରେ ଥିବା ଜଳଭଣ୍ଡାର ଗୁଡିକରେ ଜଳସ୍ତର ମାତ୍ରାଧିକ ପରିମାଣରେ କମି ଯାଇଛି। ଯାହା ଦ୍ୱାରା ପାଣି ଭିତରେ ବୁଡି ରହିଥିବା ରହସ୍ୟମୟ ମନ୍ଦିର ଏବେ ଦୃଶ୍ୟ ମାନ ହୋଇଛି। ସୂଚନା ଅନୁସାରେ, ଏହି ଜଳଭଣ୍ଡାରଟି ବ୍ରିଟିଶ ଶାସନ ଅମଳରେ ନିର୍ମାଣ ହୋଇଥିଲା। ଜଳଭଣ୍ଡାର ହେବା ପୂର୍ବରୁ ଏଠାରେ ଛେଦଭୂମି ଗାଁ ରହିଥିଲା। ବସତି ରହିବା ସହିତ ବିଶ୍ୱନାଥ ନାଥ ମହାଦେବଙ୍କ ମନ୍ଦିର ମଧ୍ୟ ରହିଥିଲା । ପରେ ସ୍ଥାନିୟ ଲୋକଙ୍କ ଜଳ ସମସ୍ୟା ଦୂର କରିବା ପାଇଁ ଆଜିକୁ ୧୩୦ରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବେ ବ୍ରିଟିଶ ଶାସକ ରସେଲ ସାହେବଙ୍କ ନିର୍ଦ୍ଦେଶରେ ଛେଦଭୂମି ଗାଁକୁ ସ୍ଥାନାନ୍ତର କରାଯାଇ ଜଳ ଭଣ୍ଡାର ନିର୍ମାଣ ହୋଇଥିଲା। ଯାହାର ନାମ ଥିଲା ରସଲକୋଣ୍ଡା। ପରବର୍ତ୍ତୀ ସମୟରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ଏହାକୁ ଭଞ୍ଜନଗର ଜଳଭଣ୍ଡାର ଭାବେ ନାମକରଣ କରାଯାଇଛି।

ଆଜିଯାଏଁ କେବେବି ପ୍ରାକୃତିକ ଉପାୟରେ ଜଳସ୍ତର କମି ନଥିଲା କି ମନ୍ଦିରର ଦଧିନଉତି ଦେଖିବାକୁ ମିଳିନଥିଲା। ଜଳଭଣ୍ଡାର ଶୁଖିଯିବା ନିଶ୍ଚିତ ମରୁଡ଼ିର ପଦଧ୍ୱନି ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି। ଭଞ୍ଜନଗର ଠାରେ ଜଳଭଣ୍ଡାର ନିର୍ମାଣ ହେବା ପରଠୁ ଅଂଚଳରେ ମରୁଡି ଭଳି ସମସ୍ୟା ଦେଖିବାକୁ ମିଳିନାହିଁ। କାରଣ ଭଣ୍ଡାରର ଜଳଧାରଣ କ୍ଷମତା ୫୭୬୬ ହେକ୍ଟୋମିଟର ରହିଛି। ଏହା ଆଖ ପାଖ ଅଂଚଳର ଅଧିକାଂଶ ଜମିକୁ ଜଳ ସେଚିତ କରିପାରୁଛି। କିନ୍ତୁ ଚଳିତ ବର୍ଷ କମ ବର୍ଷା ହେବାରୁ ଭଞ୍ଜନଗର ଉପଖଣ୍ଡ ସମସ୍ତ ବ୍ଲକ୍‌ରେ ଚାଷ କାର୍ଯ୍ୟ ଆଗେଇ ପାରିନି। ଖୁବ କମ ସ୍ଥାନରେ ଧାନ ରୁଆ ସାରିଥିବା ବେଳେ ଅଧିକାଂଶ ଜମି ଚାଷ ନହୋଇ ପଡିଆ ପଡିଛି।ଲେମ୍ବେଇ ପଞ୍ଚାୟତ ରେ ଉଠାଜଳସେଚନ ଓ କେନାଲର ସୁବିଧା ନଥିବା ଯୋଗୁଁ ଚାଷ କାର୍ଯ୍ୟ ହୋଇନଥିବା କହିଛନ୍ତି ଚାଷୀ। ଗତ ବର୍ଷ ଅପେକ୍ଷା ଏହି ବର୍ଷ ୪୦ ପ୍ରତିଶତ କମ ବର୍ଷା ହୋଇଛି।ତେଣୁ ଜଳ ଭଣ୍ଡାରରେ ଜଳ ସଙ୍କଟ ଦେଖାଦେଇଛି। ଯାହା ଫଳରେ ବହୁ ବର୍ଷ ପୂର୍ବେ ନିର୍ମିତ ଏହି ପୁରାତନ ମନ୍ଦିର ଦୃଶ୍ୟମନ ହୋଇଛି।


କମିଳା ଜଳସ୍ତର, ଦିଶିଳା ମନ୍ଦିର

# କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୮।୧୧ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଆନୁକୂଲ୍ୟରେ ରାଜ୍ୟ ମୁଖ୍ୟାଳୟ ପରିସରରେ କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଘାଟିତ ହୋଇଅଛି। ଏହା ୧୮ରୁ ୨୨ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ୧୬ଟି ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟରୁ ୭୨୦ ଜଣ କବ୍ ସ୍କାଉଟ, ବୁଲ୍‌ବୁଲ୍ ଗାଇଡ୍ ସେମାନଙ୍କର ୟୁନିଟ୍ ଲିଡରମାନଙ୍କ ତତ୍ତ୍ୱାବଧାନରେ ଉକ୍ତ ଉତ୍ସବରେ ଯୋଗଦାନ କରିଛନ୍ତି। ଅପରାହ୍ନ ୫.୦୦ ସମୟରେ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପ୍ରାଥମିକ ଶିକ୍ଷା ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନୀତ ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲାଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ବିଶ୍ୱନାଥ ତରାଇ ଏବଂ ଭୁବନେଶ୍ୱର ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରଜ୍ଞାପାରମିତା ଜେନା ଉତ୍ସବରେ କବ୍ ବୁଲ୍‌ବୁଲ୍‌ମାନଙ୍କର ଉତ୍ସାହର ସହ ଯୋଗଦାନକୁ ଦେଖି ତାଙ୍କ ଉଦ୍‌ଘାଟନୀ ଭାଷଣରେ ସେମାନଙ୍କର ଉଚ୍ଚ ପ୍ରଶଂସା କରିବା ସହିତ ଏହି ଉତ୍ସବ ଭବିଷ୍ୟତରେ ସେମାନଙ୍କର ମାନସିକ ବିକାଶ ଦିଗରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। କବ୍ ବୁଲ୍‌ବୁଲ୍‌ମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରି ଉତ୍ସବର ସଫଳତା କାମନା କରିଥିଲେ।

# ବିଦ୍ୟୁତ୍ ତାର ନେଲା ୩ ହାତୀଙ୍କ ଜୀବନ

## ବାର୍‌ହା ଶିକାର ପାଇଁ ବିଛାଯାଇଥିଲା ଜାଲ

## ସିସିଏଫ୍‌ଙ୍କୁ ତଦନ୍ତ ଦାୟିତ୍ୱ



**ସମ୍ବଲପୁର,୧୮।୧୧(ସଂଚାର ବ୍ୟୁରୋ):** ବାର୍‌ହା ଶିକାର ପାଇଁ ବିଛା ଯାଇଥିଲା ବିଦ୍ୟୁତ ତାର। ଦୁର୍ଭାଗ୍ୟବଶତଃ ସେହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚାଲିଗଲା ୩ ହାତୀଙ୍କ ଜୀବନ। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ରେଂଜ ବୁରମାଲ ଜଙ୍ଗଲରୁ ସୋମବାର ସକାଳେ ୩ ହାତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ହାତୀଙ୍କ ମଧ୍ୟରେ ୨ଟି ବଡ଼ ହାତୀ ଥିବା ବେଳେ ଗୋଟିଏ ଛୁଆ ହାତୀ ରହିଛି।

ଆଜି ସକାଳେ ସ୍ଥାନୀୟ ଲୋକେ ବୁରମାଲ ଜଙ୍ଗଲ ୩ଟି ହାତୀ ମରି ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ତଦନ୍ତ ଜାରି ରଖିଛି। କିଛି ଦିନ ହେବ ନାକଟିଦେଉଳ ରେଂଜରେ ହାତୀ ପଲ ଚଳପ୍ରଚଳ କରୁଥିଲେ। ରବିବାର ରାତିରେ ଖାଦ୍ୟ ଅନ୍ୱେଷଣରେ ଯାଇ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଜାଲରେ ପଡ଼ି ଜୀବନ ହାରାଇଛନ୍ତି।

ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, ବାର୍‌ହା ଶିକାର ପାଇଁ ବିଛାଯାଇଥିବା ଜାଲରେ ପଡ଼ି ୩ ହାତୀ ପ୍ରାଣ ହରାଇଛନ୍ତି। ବିଭାଗର ପାଟ୍ରୋଲିଂ କରୁଥିବା କର୍ମଚାରୀଙ୍କ ତ୍ରୁଟି ଯୋଗୁ ଏହି ଘଟଣା ଘଟିଛି। ଏକା ସଙ୍ଗେ ୩ଟି ହାତୀ ମୃତ୍ୟୁ ବରଣ କରିବା ଦୁର୍ଭାଗ୍ୟଜନକ। ବିଦ୍ୟୁତ୍ ବିଭାଗ ସହ ବନ ବିଭାଗ ପାଟ୍ରୋଲିଂ ଠିକ୍ ଭାବେ କରିନି। ପାଟ୍ରୋଲିଂ କରି ବିଛାଯାଇଥିବା ବିଦ୍ୟୁତ୍ ତାରକୁ ହଟାଇବାର ଥିଲା। ସିସିଏଫ୍ ଓ ଆର୍‌ସିସିଏଫ୍‌ଙ୍କୁ ଘଟଣା ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟପ୍ରାଣୀ ମୁଖ୍ୟାଳୟର ଜଣେ ସିସିଏଫ୍‌ଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ରିପୋର୍ଟ ଆଧାରରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସୁପାରସ କରାଯିବ।

## ବାଘ ଛାଲ ବିକ୍ରି ବେଳେ ଜଣେ ଗିରଫ, ୩ ଫେରାର

**ବାରିପଦା, ୧୮।୧୧(ସଂଚାର ବ୍ୟୁରୋ):** କଲରାପତରିଆ ବାଘ ଛାଲ ବିକ୍ରି ପାଇଁ ନେଉଥିବା ବେଳେ ମାଡ଼ି ବସିଲା ବନ ବିଭାଗ। ମୟୂରଭଞ୍ଜ ଜିଲ୍ଲାରୁ ଆସିଛି ଏପରି ଖବର। ବନ ବିଭାଗ ଜଣେ ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ଅନ୍ୟ ୩ ଜଣ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।୪ ଜଣ ତସ୍କର କଲରାପତରିଆ ବାଘ ଚାଲ ବିକ୍ରି ପାଇଁ ଯାଉଥିଲେ। ଏ ସମ୍ପର୍କରେ ଜାଣିପାରି ବାରିପଦା ବନଖଣ୍ଡ ଓ ଶିମିଳିପାଳର ସ୍ୱତନ୍ତ୍ର ଟିମ୍ ମିଳିତ ଭାବେ ବାଙ୍ଗିରିପୋଷି ରେଞ୍ଜ ବାଲିଖୋଣି ଗାଁରେ ଚଢ଼ଉ କରିଥିଲା। ଚଢ଼ଉ ସମ୍ପର୍କରେ ଜାଣିପାରି ୩ ଜଣ ତସ୍କର ଚମ୍ପଟ ମାରିଥିବା ବେଳେ ଜଣେ ଧରାପଡ଼ିଥିଲା। ତା' ନିକଟରୁ ଏକ କଲରାପତରିଆ ବାଘ ଛାଲ ଜବତ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବନ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି। ଜବତ ହୋଇଥିବା କଲରାପତରିଆ ବାଘକୁ କେଉଁଠି ଶିକାର କରାଯାଇଥିଲା ଓ ଏହି ରାକେଟରେ ଆଉ କେଉଁମାନେ ସମ୍ପୃକ୍ତ ରହିଛନ୍ତି? ଏମିତି ବିଭିନ୍ନ ଦିଗରୁ ବନ ବିଭାଗ ତଦନ୍ତ କରୁଛି। ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କାରେ ଗିରଫ ବ୍ୟକ୍ତିର ନାଁ ପ୍ରକାଶ କରିନି ବନ ବିଭାଗ। ପଶୁ ଶିକାରୀ ଓ ତସ୍କରଙ୍କୁ ଧରିବା ପାଇଁ ଆଗକୁ ନିୟମିତ ଭାବେ ଏମିତି ଅପରେଶନ ହେବ ବୋଲି ବନ ବିଭାଗ କହିଛି।

# କୃତ୍ରିମ ବୁଦ୍ଧିମତା ମାନବ ବୁଦ୍ଧିର ବିକଳ୍ପ ନୁହେଁ




**ଭୁବନେଶ୍ୱର,୧୮।୧୧ (ସଂଚାର ବ୍ୟୁରୋ):** ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ଓ ନିର୍ଦ୍ଦେଶକ ପୂର୍ବତଟ ରେଳବାଇ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅଡିଟ ସପ୍ତାହର ଚତୁର୍ଥ ସଂସ୍କରଣ ଏଜି କାର୍ଯ୍ୟାଳୟ ପରିସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ ସମାରୋହରେ ପ୍ରଧାନ ମହାଲେଖାକାର (ଅଡିଟ) ରାଜ କୁମାର, ପ୍ରଧାନ ମହାଲେଖାକାର (ଏଏଣ୍ଡଇ ) ଡି. ସାହୁ ଓ ପୂର୍ବତଟ ରେଳବାଇର ନିର୍ଦ୍ଦେଶକ ଏଏଫ ତୁଙ୍ଗଡୁଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ସିଏଜି ବିଭାଗର ଭୂମିକା ଓ କାର୍ଯ୍ୟାଧାରା ଉପରେ ଜନସାଧାରଣ ଓ ହିତାଧିକାରୀଙ୍କୁ ସଚେତନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଭାରତୀୟ ଅଡିଟ ଓ ଏକାଉଣ୍ଟସ ବିଭାଗର ଗରିମାମୟ ଐତିହାସିକ ଉତ୍ପତ୍ତି, ବିଗତ ବର୍ଷମାନଙ୍କରେ ଉତ୍ତମ ପ୍ରଶାସନ, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ଅବଦାନ ଓ ଆମର ମିଶନ ପ୍ରତି ଉତ୍ସର୍ଗୀକୃତ ମନୋଭାବ ଓ ପ୍ରତିବଦ୍ଧତାକୁ ପ୍ରମାଣିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅଡିଟ ଦିବସ ପାଳନ କରାଯାଉଛି ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ।

ବାଚସ୍ପତି ଶ୍ରୀମତୀ ପାଢ଼ୀ ଉଦ୍‌ଘାଟନୀ ଅଭିଭାଷଣରେ ଭାରତୀୟ ଅଡିଟ ଓ ଏକାଉଣ୍ଟସ ବିଭାଗ ସ୍ୱଚ୍ଛ ଆର୍ଥିକ ଶୃଙ୍ଖଳା କାର୍ଯ୍ୟକ୍ରମକୁ ଲୋକମାନଙ୍କୁ ସଚେତନ କରିବାକୁ ଏହି ଅଭିନବ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ସରକାର ସେ ବିଭାଗକୁ ଅଧିକ କାର୍ଯ୍ୟକ୍ଷମ ଓ ସାଧାରଣ ଶାସନରେ ବିଭିନ୍ନ ଦୋଷ ଦୁର୍ବଳତା ଲୋକଲୋଚନକୁ ଆଣିବାକୁ ଚାହୁଁଥିଲେ। ବର୍ତ୍ତମାନ ବିଶ୍ୱ ପ୍ରତିକୂଳ ଜଳବାୟୁ ପାରିବର୍ତ୍ତନର ସମ୍ମୁଖୀନ ହେଉଥିବାରୁ ସବୁଜ ବଳୟ ସହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନେବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯୋଡିବା ପାଇଁ ବାଚସ୍ପତି ଅନୁରୋଧ କରିଥିଲେ। ଉତ୍ତମ ଅଡିଟ ରିପୋର୍ଟ ପ୍ରସ୍ତୁତିବେଳେ ବିଭାଗ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଉପରେ ନିର୍ଭରଶୀଳ ହେବାକୁ ଗୁରୁତ୍ୱାରୋପ କରିଥିଲେ। କୃତ୍ରିମ ବୁଦ୍ଧିମତା ମାନବ ବୁଦ୍ଧିର ବିକଳ୍ପ ହୋଇ ନ ପାରେ ବୋଲି ମତବ୍ୟକ୍ତ କରିଥିଲେ।

ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଏଜି କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଉପ ମହାଲେଖାକାର ଏନ. ବାଲକ୍ରୀଷ୍ଣା, ଭିମେଶ କୁମାର ଓ ଭାର୍ଗବ ରାମ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ବର୍ତ୍ତିଲେ ୫୩ ତୀର୍ଥ ଯାତ୍ରୀ




**ବାଲେଶ୍ୱର,୧୮।୧୧ (ସଂଚାର ବ୍ୟୁରୋ):** ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହେଲା ଘରୋଇ ବସ୍। ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଗଲେ ୫୦ରୁ ଅଧିକ ଯାତ୍ରୀ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥ ଲକ୍ଷ୍ମଣନାଥ ଟୋଲଗେଟ୍ ନିକଟରେ ଏହି ଦୁର୍ଘଟଣା ଘଟିଛି। ବସ୍‌ର ସମ୍ମୁଖ ଅଂଶଟି ଭାଙ୍ଗି ଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି। ସୋମବାର ସକାଳେ ପ୍ରଧାନ ନାମକ ବସ (ଓଆର୍‌୦୫ଏବି୮୧୧୫) ୫୩ ତୀର୍ଥ ଯାତ୍ରୀଙ୍କୁ ନେଇ ପଶ୍ଚିମବଙ୍ଗର ନଦିଆରୁ ବାଲେଶ୍ୱର ଆଡ଼କୁ ଯାଉଥିବା ବେଳେ ଲକ୍ଷ୍ମଣନାଥ ଟୋଲ ପ୍ଲାଜା ଠାରୁ ଅନତି ଦୂରରେ ଘଟିଛି ଦୁର୍ଘଟଣା। କେତେକ ଅସାମାଜିକ ଯୁବକ ଜାତୀୟ ରାଜପଥ ଉପରେ ୨ଟି ବାଇକକୁ ମଝି ରାସ୍ତାରେ ଛିଡ଼ା କରି ଏକ କଣ୍ଟେନରକୁ ଅଟକାଇବା ସହ ଚାନ୍ଦା ଆଦାୟ କରୁଥିଲେ। ଏହି ସମୟରେ ବସ୍ ଦ୍ରୁତ ଗତିରେ ଆସି କଣ୍ଟେନରକୁ ପଛପଟୁ ଧକ୍କା ଦେଇଥିଲା। ୧୨ ରୁ ଅଧିକ ଯାତ୍ରୀ ଆହତ ହୋଇ ଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ହୋଇଛନ୍ତି।

# କିନ୍ନରଙ୍କୁ ପ୍ରତିଷ୍ଠିତ କରାଉଛି 'ସଖା'



**ଭୁବନେଶ୍ୱର, ୧୮।୧୧(ସଂଚାର ବ୍ୟୁରୋ):** କିନ୍ନରଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ହେଉଛି ସମାଜସେବୀ ମୀରା ପରିଡାଙ୍କ ଜୀବନର ମୂଳ ଲକ୍ଷ୍ୟ । ମୀରାଙ୍କ ପାଇଁ ପାଞ୍ଚ ଜଣ ମହିଳା ଏବେ ଟାଟା ଷ୍ଟିଲ ଭଳି ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରି ପାଇଛନ୍ତି। ଚାକିରି ପାଇବା ପରେ ସେମାନେ ମୀରା ମାଙ୍କୁ କୃତଜ୍ଞତା ଜଣାଇଥିବା ବେଳେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

ମୀରା ନିଜେ ବିତେଇଥିବା ଦୁଃଖ କଷ୍ଟ ଯେମିତି ଅନ୍ୟ କିନ୍ନରଙ୍କ ଜୀବନରେ ନଆସୁ ସେଥିପାଇଁ ଅହରହ ଉଦ୍ୟମ କରୁଛନ୍ତି । ବିଭିନ୍ନ କ୍ଷେତ୍ରରେ କିନ୍ନରସମାଜକୁ କିଭଳି ଉଚିତ୍ ସମ୍ମାନ ମିଳିବ ତା ପାଇଁ ସେ ପ୍ରୟାସ ଜାରି ରଖିଛନ୍ତି । କିନ୍ନରମାନଙ୍କ ପାଇଁ ସେ ଖୋଲିଛନ୍ତି ସଖା ଟ୍ରାନ୍ସଜେଣ୍ଡର ହୋମ । ଯେଉଁ କିନ୍ନରମାନେ ଘରଛାଡ଼ି ଚାଲିଆସୁଛନ୍ତି, ଜୀବନରେ କିଛି କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ରାସ୍ତା ଦେଖାଉଛି ଶଖା । ସେମାନଙ୍କ ପାଠ ପଢ଼ା ଖର୍ଚ୍ଚ ବହନ କରିବା ସହ ଅନେକ ବୈଷୟିକ ତାଲିମ୍ ମଧ୍ୟ ଦିଆଯାଉଛି । ତା ସହ ଅନେକ କିନ୍ନରଙ୍କୁ ଆର୍ଥିକ ଅନୁଦାନ ଦେଇ ସେମାନଙ୍କୁ ଉଚ୍ଚଶିକ୍ଷିତ କରାଯାଉଛି।

ଅନେକ ବାର କିନ୍ନରମାନଙ୍କ ନ୍ୟାୟ ପାଇଁ ସେ ଛାତି ଦେଖେଇ ଛିଡ଼ା ହୋଇଛନ୍ତି। ତାଙ୍କ ପାଇଁ ଅନେକ କିନ୍ନର ଆଜି ସମ୍ମାନରେ ବଞ୍ଚିପାରୁଛନ୍ତି । ତେବେ ଏହାରି ଭିତରେ ମୀରା ପରିଡ଼ା ଏଭଳି କାମ କରିଛନ୍ତି ଯେଉଁଥିପାଇଁ ତାଙ୍କୁ ଚାରିଆଡୁ ପ୍ରଶଂସା କରାଯାଉଛି । ମୀରାଙ୍କ ପାଇଁ ପାଞ୍ଚ ଜଣ କିନ୍ନର ଟାଟା ଷ୍ଟିଲ୍ ଭଳି ନାମୀ କମ୍ପାନୀରେ ଚାକିରି କରିବାର ସୁଯୋଗ ପାଇଛନ୍ତି । ଯାହାକୁ ନେଇ ନିଜେ ମୀରା ଖୁସି ହେବା ସହ ଚାକିରି ପାଇଥିବା କିନ୍ନର ମାନେ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି ।

# କ୍ଷମା ମାଗିଲେ ମନୋଜ ମିଶ୍ର



**ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ):** ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ଗଳ୍ପ 'ରାଣ୍ଡୀପୁଅ ଅନନ୍ତା'କୁ ନେଇ ବ୍ରିଭ୍ରାନ୍ତିକର ମନ୍ତବ୍ୟ ଦେଇଥିବା ଓଲିଉଡ ଅଭିନେତା ମନୋଜ ମିଶ୍ର ବିଭିନ୍ନ ଆଡୁ ବିରୋଧର ସମ୍ମୁଖୀନ ହେବା ପରେ କ୍ଷମାପ୍ରାର୍ଥନା କରିଛନ୍ତି। ରବିବାର ରାତିରେ ଏନେଇ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଭିଡିଓ ପୋଷ୍ଟ କରି ସେ କ୍ଷମା ମାଗିଛନ୍ତି। ମନୋଜ ମିଶ୍ର କହିଛନ୍ତି, ବ୍ୟାସ କବିଙ୍କ ଲେଖାକୁ ନେଇ ମୋର କୌଣସି ଜ୍ଞାନ ନାହିଁ। ଯଦି ଅଜାଣତରେ କାହା ମନରେ ଦୁଃଖ ଦେଇଥାଏ, ସେଥିପାଇଁ ମୁଁ ଦୁଃଖିତ। ସୂଚନାଯୋଗ୍ୟ, ମନୋଜ ମିଶ୍ର ଦେଇଥିବା ବିବାଦୀୟ ବୟାନକୁ ନେଇ ବାଲେଶ୍ୱରରେ ତୀବ୍ର ବିରୋଧ କରାଯାଇଥିଲା। ଏପରି କି ରବିବାର ସକାଳେ ବାଲେଶ୍ୱର ଟାଉନ ଥାନାରେ ମନୋଜ ମିଶ୍ରଙ୍କ ନାଁରେ ଏତଲା ଦିଆଯାଇଥିଲା। ସପ୍ତାହେ ଭିତରେ ଅଭିନେତା ମନୋଜ ମିଶ୍ର ସର୍ବ ସମ୍ମୁଖରେ କ୍ଷମା ମାଗନ୍ତୁ, ନ ହେଲେ ଆମେ କୋର୍ଟକୁ ଯିବୁ ବୋଲି ରବିବାର ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଚେତାବନୀ ଦେଇଥିଲେ। ଓଡ଼ିଆ ଭାଷାର ତ୍ରାଣକର୍ତ୍ତା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଯୋଗୁ ଅଭିନେତା ମନୋଜ ମିଶ୍ର ସର୍ବ ସମ୍ମୁଖରେ କ୍ଷମା ମାଗିବାକୁ ସେ କହିଥିଲେ। ତାଙ୍କର ଏପରି ମନ୍ତବ୍ୟକୁ ନେଇ ରାଜ୍ୟ ସାହିତ୍ୟପ୍ରେମୀଙ୍କର ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି ବୋଲି ଗୌତମବୁଦ୍ଧ କହିଛନ୍ତି। ଏହାକୁ ରାଜ୍ୟର ବୁଦ୍ଧିଜୀବୀମାନେ ବିରୋଧ କରୁଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା।

# ଭିଜନ ଡକ୍ୟୁମେଣ୍ଟ ପାଇଁ ପ୍ରସ୍ତାବ ଗ୍ରହଣ ତାରିଖ ଡିସେମ୍ବର ୫ କୁ ବୃଦ୍ଧି



- ଏପର୍ଯ୍ୟନ୍ତ ୧୫ ହଜାରରୁ ଉର୍ଦ୍ଧ୍ୱ ପ୍ରସ୍ତାବ ଆସିଛି
- ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ପାଇଁ ଅଧିକରୁ ଅଧିକ ପ୍ରସ୍ତାବ ଓ ମତାମତ ପ୍ରଦାନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୮।୧୧ (ସଂଚାର ବ୍ୟୁରୋ):** ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ପରିପ୍ରେକ୍ଷୀରେ ପ୍ରସ୍ତୁତ କରାଯାଉଥିବା ଭିଜନ ଡକ୍ୟୁମେଣ୍ଟ ପାଇଁ ଜନସାଧାରଣଙ୍କ ଠାରୁ ୱେବ୍ ପୋର୍ଟାଲ୍ ଓ ହ୍ୱାଟ୍‌ସ୍‌ଆପ୍, ଇ-ମେଲ ଆଦି ଜରିଆରେ ଗ୍ରହଣ କରାଯାଉଥିବା ପ୍ରସ୍ତାବ ଗ୍ରହଣର ସମୟ ସୀମା ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ସମୟସୀମା ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଥିଲା। ଲୋକସେବା ଭବନରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇଲେକ୍ଟ୍ରୋନିକସ ଓ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ବିଷ୍ଣୁପଦ ସେଠୀଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ଏହି ଡକ୍ୟୁମେଣ୍ଟ ସମସ୍ତଙ୍କ ମତାମତ ଏବଂ ପ୍ରସ୍ତାବକୁ ନେଇ ଅଧିକ ବଳିଷ୍ଠ ଓ ଋଦ୍ଧିମନ୍ତ ହେବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ନଭେମ୍ବର ୧୬ ସୁଦ୍ଧା ଜନସାଧାରଣଙ୍କ ଠାରୁ ମତାମତ ଏବଂ ପ୍ରସ୍ତାବ ପ୍ରାପ୍ତି ସଂଖ୍ୟା ୨ ହଜାର ଥିବା ବେଳେ ୧୮ ପୂର୍ବାହ୍ନ ସୁଦ୍ଧା ଏହାର ସଂଖ୍ୟା ୧୦ ହଜାର ଥିଲା ଏବଂ ସଂଧ୍ୟା ସୁଦ୍ଧା ଏହା ୧୫ ହଜାରରେ ପହଁଚିଛି। ଜନସାଧାରଣଙ୍କ ଠାରୁ ଯେପରି ଅଧିକରୁ ଅଧିକ ପ୍ରସ୍ତାବ ଓ ମତାମତ ଆସିବ, ଏଥିପାଇଁ ସମୟ ସୀମା ବୃଦ୍ଧି କରାଯାଇଛି। ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ପାଇଁ ଅଧିକ ପ୍ରସ୍ତାବ ତଥା ମତାମତ ଗ୍ରହଣ ପାଇଁ ବ୍ୟାପକ ପ୍ରଚାର ପ୍ରସାର ଜରିଆରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ମୁଦ୍ରଣ, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ଭିଜନ ୱେବ୍ ସାଇଟ୍vision.odisha.gov.in ଏବଂ vision@odisha.gov.in ଏବଂ ହ୍ୱାଟ୍ସ ଆପ୍ ନମ୍ବର + ୯୧ ୬୩୭୦୯୫୧୯୨୦ ଜରିଆରେ ମତାମତ ପ୍ରଦାନ ପ୍ରକ୍ରିୟାକୁ ବିଭିନ୍ନ ଗ୍ରୁପରେ ସେୟାର କରି ମତାମତ ପାଇଁ ଅନୁରୋଧ କରାଯିବାକୁ ପରାମର୍ଶ ଦିଆଯାଇଛି। ଯୁବପିଢ଼ି, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ବୈଷୟିକ ଶିକ୍ଷା ଅନୁଷ୍ଠାନର ଛାତ୍ର ଛାତ୍ରୀଙ୍କୁ ପ୍ରସ୍ତାବ ପ୍ରଦାନ କରିବାକୁ ପରାମର୍ଶ ରହିଛି। ଉପଯୋଗୀ ମତାମତ ପ୍ରଦାନକାରୀ ୪୮ ଘଣ୍ଟା ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ପ୍ରମାଣପତ୍ର ଡିଜିଟାଲ ବ୍ୟବସ୍ଥାରେ ପାଇବାର ବ୍ୟବସ୍ଥା ରହିଛି।

## ୨ଘଣ୍ଟା ବନ୍ଦ ହୋଇଗଲା ହାର୍ଟବିଟ୍

# ପୁନର୍ଜନ୍ମ ପାଇଲେ ଯବାନ



**ଭୁବନେଶ୍ୱର,୧୮।୧୧ (ସଂଚାର ବ୍ୟୁରୋ):** ପ୍ରାୟ ଦୁଇଘଣ୍ଟା ଯାଏଁ ବନ୍ଦ ହୋଇଯାଇଥିଲା ହୃତ୍‌ସ୍ପନ୍ଦନ। ଘର ଲୋକେ ଆଶା ଛାଡ଼ି ଦେଇଥିଲେ। ଭୁବନେଶ୍ୱର ଏମ୍‌ସର ଡାକ୍ତରଙ୍କ ଆନ୍ତରିକ ଉଦ୍ୟମ ଫଳରେ ପୁନର୍ଜନ୍ମ ପାଇଲେ ଭାରତୀୟ ସେନାର ଯବାନ ଶୁଭକାନ୍ତ ସାହୁ(୨୪)।

ନୟାଗଡ଼ ଜିଲ୍ଲା ଓଡ଼ପଲା ଗାଁର ଶୁଭକାନ୍ତ ଘରକୁ ଆସିଥିବା ବେଳେ ସେପ୍ଟେମ୍ବର ୩୦ ତାରିଖ ରାତିରେ ହଠାତ ଦୁର୍ବଳ ଅନୁଭବ କରିଥିଲେ। ପରିବାରବର୍ଗ ତାଙ୍କୁ ସ୍ଥାନୀୟ ରଣପୁର ମେଡିକାଲକୁ ନେଇଥିଲେ। ହେଲେ ହାର୍ଟବିଟ୍ କମୁଥିବାର ଦେଖି ଡାକ୍ତର ତାଙ୍କୁ ତୁରନ୍ତ ଏମ୍‌ସ ରେଫର୍ କରିଥିଲେ। ଏମ୍‌ସରେ ପହଞ୍ଚିବା ସମୟରେ ଶୁଭକାନ୍ତଙ୍କ ହାର୍ଟ କାମ କରିବା ବନ୍ଦ କରି ସାରିଥିଲା। ରକ୍ତଚାପ ମଧ୍ୟ ବହୁତ କମି ଯାଇଥିଲା। ଡାକ୍ତର ଔଷଧ ଦେଇ ଶୁଭକାନ୍ତଙ୍କ ବିପି ବଢ଼ାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ହାର୍ଟବିଟ୍ କମି ଚାଲିଥିଲା। ଏହାରି ଭିତରେ ହୋଇଥିଲା ହୃଦ୍‌ଘାତ। ବନ୍ଦ ହୋଇଗଲା ହାର୍ଟବିଟ୍। ତେଣୁ ଡାକ୍ତର ତାଙ୍କୁ ସିପିଆର୍ ଦେବା ଆରମ୍ଭ କରିଥିଲେ। ୪୦ ମିନିଟ୍ ପରେ ମଧ୍ୟ ହାର୍ଟବିଟ୍ ଫେରି ନ ଥିଲା। ମୃତ ଘୋଷଣା ପୂର୍ବରୁ ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ନେଇ ଏକ୍‌ମୋ ମେସିନ ଲଗାଇ ସିପିଆର୍ ଦେଇ ପୁଣି ହାର୍ଟବିଟ୍ ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ ଡାକ୍ତର। ପ୍ରାୟ ୨ ଘଣ୍ଟା ପରେ ଧୀରେ ଧୀରେ ଫେରିଥିଲା ହୃତ୍‌ସ୍ପନ୍ଦନ। ଏକ୍‌ମୋ ସପୋର୍ଟ ସହ ସିପିଆର କାରଣରୁ ୩୬ ଘଣ୍ଟା ପରେ ହାର୍ଟବିଟ୍ ନିୟମିତ ହେବାକୁ ଲାଗିଲା। ଆଉ ୪ ଦିନ ପରେ ହାର୍ଟ ପମ୍ପିଂ କରିବା ଆରମ୍ଭ କଲା। କିନ୍ତୁ ସେତେବେଳକୁ ଶୁଭକାନ୍ତଙ୍କ ଲଙ୍ଗସ, କିଡନୀ, ଲିଭର ଆଦି ଅଙ୍ଗ ଖରାପ ହୋଇଯାଇଥିଲା। ତାଙ୍କୁ ସୁସ୍ଥ କରିବାକୁ ପାଖାପାଖି ଦେଢ଼ ମାସ ଲାଗିଲା। ସେ ଏବେ ସୁସ୍ଥ ଅଛନ୍ତି ବୋଲି ଏମ୍‌ସ ଡାକ୍ତର କହିଛନ୍ତି। ଏଭଳି ଘଟଣା ଓଡ଼ିଶାରେ ପ୍ରଥମ ବୋଲି ଡାକ୍ତର ସୂଚନା ଦେଇଛନ୍ତି।

ପୁଅକୁ ଦ୍ୱିତୀୟ ଜୀବନ ପ୍ରଦାନ କରିଥିବାରୁ ଏମ୍ସ ଡାକ୍ତରୀ ଦଳକୁ କୃତଜ୍ଞତା ଜ୍ଞାପନ କରିଛନ୍ତି ଶୁଭକାନ୍ତଙ୍କ ମାଆ ମିନତୀ ସାହୁ। ଏମ୍ସ ଡାକ୍ତରମାନଙ୍କର ଦକ୍ଷତା, କରୁଣା ଓ ନିଷ୍ଠାକୁ ଆମ ପରିବାର ସବୁଦିନ ମନେରଖିବ ବୋଲି ସେ କହିଛନ୍ତି। ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି, ଜୀବନ ବଞ୍ଚାଇବା ଓ ଚିକିତ୍ସା ସେବାକୁ ଆଗକୁ ନେବା ପାଇଁ ଏହା ଆମର ଉତ୍ସର୍ଗୀକୃତ ଭାବନାର ଏକ ଉଦାହରଣ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି।

ଶୁଭକାନ୍ତଙ୍କୁ ନୂଆ ଜୀବନ ଦେଇଥିବା ଡାକ୍ତରୀ ଟିମ୍‌ରେ ଡ. କ୍ରିଷ୍ଣମୋହନ ଗୁଲା, ଡ. ସନ୍ଦୀପ କୁମାର ପଣ୍ଡା, ଡ. ସିଦ୍ଧାର୍ଥ ସାଠିଆ, ଡ. ସଙ୍ଗୀତା ସାହୁ, ଡ. ମାନସ ପାଣିଗ୍ରାହୀ, ଏମ୍‌ସିଆଇ ଓ ନର୍ସିଂ ଅଧିକାରୀଙ୍କ ଭଳି ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ପ୍ରମୁଖ ସାମିଲ ଥିଲେ।

# ଭାସ୍କର ରାଓଙ୍କୁ ଅନ୍ତରୀଣ ସୁରକ୍ଷା



**ଭୁବନେଶ୍ୱର,୧୮।୧୧ (ସଂଚାର ବ୍ୟୁରୋ):** ବିଜେଡି ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏନ୍ ଭାସ୍କର ରାଓଙ୍କୁ ମିଳିଲା ଆଶ୍ୱସ୍ତି। ରାୟଗଡାର ପୂର୍ବତନ ବିଜେଡି କାଉନସିଲର ଭାଗିରଥୀ ମଣ୍ଡାଙ୍ଗି ହତ୍ୟା ମାମଲାରେ ତାଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି ଓଡ଼ିଶା ହାଇକୋର୍ଟ। ଡିସେମ୍ବର ୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଭାଗୀରଥି ମଣ୍ଡାଙ୍ଗି ହତ୍ୟା ମାମଲାରେ ରାୟଗଡ଼ା ବିଜେଡି ଜିଲ୍ଲା ସଭାପତିଭାସ୍କର ରାଓଙ୍କ ସମେତ ୬ ଜଣଙ୍କ ନାଁରେ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ ରାୟଗଡ଼ା ଏସ୍‌ଡିଜେଏମ୍।ଭାସ୍କର ରାଓ, ୱାଇ ଭେଙ୍କଟ ରାଓ(କଣ୍ଡାବାବୁ), ଏନ ଆଦିନାରାୟାନା, କେ କ୍ରିଷ୍ଣା ରାଓ, ଇପିଲି ସନ୍ନ୍ୟାସୀ ରାଜୁ, ପେଦେନା ଦିଲୀପ କୁମାରଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ୨୦୧୩ ଡିସେମ୍ବର ୧୫ରେ ରାୟଗଡା ଜିଲ୍ଲାର ବରିଷ୍ଠ ଆଦିବାସୀ ନେତା ଭାଗୀରଥି ହଠାତ୍ ନିଖୋଜ ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ମୃତଦେହ ଆନ୍ଧ୍ରପ୍ରଦେଶରୁ ମିଳିଥିଲା। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ସେଠାରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ସେତେବେଳେ ରାଜ୍ୟରେ ବିଜେଡି ସରକାର ଚାଲିଥିବାରୁ ପୁଲିସ୍ ଜାଣିଶୁଣି ଅଭିଯୁକ୍ତଙ୍କୁ ଧରୁ ନ ଥିଲା। ଯେଉଁଥିପାଇଁ ଏକ ବଡ ଧରଣର ଆନ୍ଦୋଳନ ମୁଣ୍ଡ ଟେକିଥିଲା। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ରାଜ୍ୟ ସରକାର କ୍ରାଇମ୍ ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତା'ପରେ ମାମଲାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ କରୁଛି।

# ରାସନକାର୍ଡ ଇ-କେୱାଇସି: ହିତାଧିକାରୀ ଅମଙ୍ଗ



**ଭୁବନେଶ୍ୱର, ୧୮।୧୧:** ରାଜ୍ୟ ଜନସଂଖ୍ୟାର ୮୦ ପ୍ରତିଶତ ଲୋକେ ଉଭୟ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବାବେଳେ ଇ-କେୱାଇସି ଯାଞ୍ଚ ପରେ ଏମାନଙ୍କ ମଧ୍ୟରୁ କେତେ ବାଦ ପଡ଼ିବେ ତାହା ଉପରେ ଏବେ ସମସ୍ତଙ୍କ ନଜର। ବର୍ତ୍ତମାନ ସୁଦ୍ଧା ୧୬ଲକ୍ଷରୁ ଅଧିକ ହିତାଧିକାରୀ ଇ-କେୱାଇସି ଯାଞ୍ଚରେ ସାମିଲ ହୋଇନଥିବାବେଳେ ଏମାନଙ୍କ ମଧ୍ୟରୁ ଅଧିକାଂଶ ବାଦ୍‌ପଡ଼ିବେ ବୋଲି କର୍ତ୍ତୃପକ୍ଷ ଆଶା କରୁଛନ୍ତି। ବାଦ୍ ପଡ଼ିବାକୁ ଥିବା କାର୍ଡଧାରୀଙ୍କ ସ୍ଥାନରେ ଅପେକ୍ଷାରତ ଆବେଦନକାରୀମାନେ ସାମିଲ ହେବାର ସମ୍ଭାବନା ରହିଛି। ରାଜ୍ୟରେ ଏବେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୯୨ଲକ୍ଷ ୬୬ହଜାର ୪୯୧ ପରିବାର ସାମିଲ ଥିବାବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଯେଜାନାରେ ୩, ୧୫, ୨୩୭ ପରିବାର ରହିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହିତାଧିକାରୀଙ୍କ ମଧ୍ୟରେ ୧୨, ୫୨, ୫୮୧ ପରିବାର ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସାମିଲ ଅଛନ୍ତି। ମାଗଣା ଚାଉଳ ପାଉଥିବା ଏହି ସମସ୍ତ ରାସନକାର୍ଡଧାରୀଙ୍କ ପାଇଁ ଏବେ ଇ-କେୱାଇସି ବାଧ୍ୟତାମୂଳକ କରାଯାଇଛି। ଏଥିରେ ରାସନକାର୍ଡରେ ଥିବା ପ୍ରତ୍ୟେକ ହିତାଧିକାରୀଙ୍କ ଆଧାର ଲିଙ୍କ୍ କରାଯାଉଛି। ଥରେ ଇ-କେୱାଇସି ଅପଡେଟ୍ ହୋଇଗଲେ ହିତାଧିକାରୀଙ୍କ ସମସ୍ତ ସୂଚନା ବିଶେଷକରି ଆୟ, ଜମିଜମା ଆଦିର ସୂଚନା ସରକାରଙ୍କ ପାଖରେ ପହଞ୍ଚିଯିବ। ଇ-କେୱାଇସି ନହେଲେ ରାସନକାର୍ଡ ଅଚଳ ହେବାକୁ ଥିବାରୁ ଗାଁରୁ ସହରଯାଏ ଏବେ ଲୋକେ ଧାଁ ଦଉଡ କରୁଛନ୍ତି। ତେବେ ମିଳିଥିବା ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୧୩ଲକ୍ଷ ରାସନକାର୍ଡଧାରୀ ଇ-କେୱାଇସି ଠାରୁ ଦୂରରେ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ନିଜଆଡୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେବେ ମିଳିଥିବା ସୂଚନା ଅନୁଯାୟୀ ଦୀର୍ଘଦିନ ଧରି ମାଗଣା ଚାଉଳ ଖାଉଥିବା ବହୁ ହିତାଧିକାରୀ ଇତି ମଧ୍ୟରେ ସୁଉଚ୍ଚ କୋଠାର ମାଲିକ ହେବା ସହିତ ସେମାନଙ୍କ ଘରେ ମଧ୍ୟ ଏକାଧିକ ଚାରିଚକିଆ ଯାନ ରହିଛି। ସେହିଭଳି କିଛି ମାଗଣା ଚାଉଳ ପାଉଥିବା ଲୋକେ ଇତି ମଧ୍ୟରେ ଆୟକରଦାତା ତାଲିକାରେ ସାମିଲ ହୋଇଗଲେଣି। ତେବେ ପୂର୍ବରୁ ଆଧାର ଲିଙ୍କ୍ ନଥିବା ଏବଂ ଇ-କେୱାଇସି ବ୍ୟବସ୍ଥା ନଥିବାରୁ ଏମାନେ ନିୟମିତ ଭାବେ ମାଗଣା ଚାଉଳ ଓ ଗହମ ଉଠାଇ ଚାଲିଥିଲେ ଏବଂ ସରକାରୀ ମାନଦଣ୍ଡ ଆଧାରରେ ନିଜକୁ ବାଦ୍ ଦେଉନଥିଲେ କିମ୍ବା ଏମାନଙ୍କ ବାଦ୍ ଦେବାପାଇଁ କେହି ପଦକ୍ଷେପ ଗ୍ରହଣ କରୁନଥିଲେ। ଏବେ ଇ-କେୱାଇସି ପୂରଣ କରିବାପରେ ଏମାନଙ୍କ ରାସନକାର୍ଡ କଟିବ ଏବଂ ଆଖପାଖ ଲୋକେ ଏମାନଙ୍କ ସମ୍ପତ୍ତିର ସୂଚନା ପାଇବେ ସେହି ଆଶଙ୍କାରେ ଲକ୍ଷାଧିକ ହିତାଧିକାରୀ ଏଥିରୁ ଦୂରେଇ ରହୁଛନ୍ତି। ଗୋଟିଏ ପଟେ ରାସନକାର୍ଡଧାରୀମାନେ ଇ-କେୱାଇସିରୁ ଦୂରେଇ ରହୁଥିବାବେଳେ ଅନ୍ୟପଟେ ପ୍ରତ୍ୟେକ ଜିଲ୍ଲାରେ ରାସନକାର୍ଡଟିଏ ପାଇବାପାଇଁ ଲେକେ ଆବେଦନ କରି ଅପେକ୍ଷାରେ ରହିଛନ୍ତି। ତେଣୁ ବାଦ୍ ପଡୁଥିବା ହିତାଧିକାରୀମାନଙ୍କ ସ୍ଥାନରେ ସେମାନଙ୍କୁ ସାମିଲ ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ଆପାତତଃ ଆସନ୍ତା ନୂଆବର୍ଷରୁ ଅନେକ ଆବେଦନକାରୀ ରାସନକାର୍ଡ ପାଇବାର ସମ୍ଭାବନା ଉପୁଜିଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଭାରତରେ ସୁନା, ରୁପା ଦର ଶସ୍ତା



**ନୂଆଦିଲ୍ଲୀ,୧୮।୧୧:** କ୍ରମାଗତ ଭାବେ ସୁନା ଓ ରୁପା ଦର ହ୍ରାସ ପାଇବା କାରଣରୁ ଘରୋଇ ବଜାରର ଗ୍ରାହକ ବେଶ୍ ଉତ୍ସାହିତ ଅଛନ୍ତି। ଏପରିକି ଚଳିତ ବିବାହ ଋତୁ ପାଇଁ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ଭିଡ଼ ଓ କାରବାର ଯଥେଷ୍ଟ ବୃଦ୍ଧି ପାଇଛି। ଏପରିକି ପାର୍ବଣ ସମୟରେ (ଦଶହରା, ଧନତେରସ ଏବଂ ଦୀପାବଳି) ସୁନା ଦର ୨୪ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ୍ ପିଛା ପ୍ରାୟ ୮୦,୫୦୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ୍ ପିଛା ୭୩,୫୦୦ ଟଙ୍କାରେ କାରବାର ହେଉଥିଲା। ସେହିଭଳି ମୂଲ୍ୟବାନ ଅଳଙ୍କାର ଓ ୧୮ କ୍ୟାରେଟ ସୁନା ଦର ପ୍ରାୟ ୫୫ରୁ ୬୦ ହଜାର ଟଙ୍କାରେ ବିକ୍ରି ହେଉଥିଲାବେଳେ ରୁପା ଦର କିଲୋଗ୍ରାମ ପିଛା ୧,୦୭,୦୦୦ଟଙ୍କାରେ କାରବାର ହେଉଥିଲା। ହେଲେ ଗତ ୩ ସପ୍ତାହ ମଧ୍ୟରେ ନୂଆଦିଲ୍ଲୀ ବଜାରରେ ସୁନା ୫୦୦୦ ଟଙ୍କା ହ୍ରାସ ପାଇଥିଲାବେଳେ ରୁପା ୮୦୦୦ରୁ ଅଧିକ ଟଙ୍କା କମିଛି ବୋଲି ବିଭିନ୍ନ ଅଳଙ୍କାର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଭାରତ ବର୍ତ୍ତମାନ ଅନ୍ୟ ଦେଶ ଓ ରାଷ୍ଟ୍ରର ସୁନା ଦର ଠାରୁ ଢେର କମ ଦରରେ କାରବାର କରୁଛି। ଏପରିକି ଅନ୍ତଃରାଷ୍ଟ୍ରୀୟ ବଜାରରେ ସୁନାର ଚାହିଦା ଓ ଭୂ-ରାଜନୈତିକ କାରଣରୁ ମଧ୍ୟପ୍ରାଚ୍ୟ ରାଷ୍ଟ୍ର ଓମାନ, ୟୁଏଇ, ସିଙ୍ଗାପୁର ଠାରୁ ଭାରତର ସୁନା ଦର ଶସ୍ତା ବୋଲି କୁହାଯାଉଛି। ସେହିପରି ଚଳିତ ସପ୍ତାହରେ ମଧ୍ୟ ସୁନା ଦର ପୂର୍ବ ସପ୍ତାହ ଅପେକ୍ଷା ୨.୫% ହ୍ରାସ ହୋଇଛି। ଏପରିକି ଭାରତରେ ସୁନା ଦର କ୍ରମାଗତ ଭାବେ ହ୍ରାସ ପାଉଛି। ହେଲେ ଇସ୍ରାଏଲ ଏବଂ ଗାଜାରେ ଭୂ ରାଜନୈତିକ ଉତ୍ତେଜନା ଲାଗି ରହିଥିବାରୁ ଭାରତ ତୁଳନାରେ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକରେ ସୁନା ଯଥେଷ୍ଟ ଅଧିକ ରହିଛି। ଉଲ୍ଲେଖଯୋଗ୍ୟ, ଓମାନ, ୟୁଏଇ, ସିଙ୍ଗାପୁରରେ ରବିବାର ସୁନା ଦର ଯଥାକ୍ରମେ ପ୍ରତି ୧୦୦ ଗ୍ରାମ୍ ପିଛା ୨୨୦୦ରୁ ୨୫୫୦ ଡଲାର ରହିଥିଲାବେଳେ ଭାରତରେ ସୁନା ୧୦ ଗ୍ରାମ ପିଛା ୬୯,୫୦୦ରୁ ୭୫,୫୦୦ ଟଙ୍କା ରହିଛି। ଏପରିକି ନୂଆଦିଲ୍ଲୀରେ ରବିବାର ସୁନା ଦର ୨୪ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ୍ ପିଛା ପ୍ରାୟ ୭୫,୮୨୩ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ୍ ପିଛା ୬୯,୫୨୩ ଟଙ୍କାରେ କାରବାର ହେଉଥିଲା। ସେହିଭଳି ମୂଲ୍ୟବାନ ଅଳଙ୍କାର ଓ ୧୮କ୍ୟାରେଟ ସୁନା ଦର ପ୍ରାୟ ୫୦ରୁ ୫୫ହଜାର ଟଙ୍କାରେ ବିକ୍ରି ହେଉଥିଲାବେଳେ ରୁପା ଦର କିଲୋଗ୍ରାମ ପିଛା ୯୯,୦୦୦ ଟଙ୍କାରେ କାରବାର ହେଉଛି। ଏପରିକି ଭୁବନେଶ୍ୱରରେ ମଧ୍ୟ ସୁନା ଦର ୨୪ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ ପିଛା ପ୍ରାୟ ୭୫,୬୫୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ୍ ପିଛା ୬୯,୩୫୦ ଟଙ୍କାରେ କାରବାର ହେଉଥିଲା। ସେହିଭଳି ମୂଲ୍ୟବାନ ଅଳଙ୍କାର ଓ ୧୮କ୍ୟାରେଟ ସୁନା ଦର ପ୍ରାୟ ୫୦ ରୁ ୫୫ହଜାର ଟଙ୍କାରେ ବିକ୍ରି ହେଉଥିଲାବେଳେ ରୁପା ଦର କିଲୋଗ୍ରାମ ପିଛା ୯୯,୦୦୦ ଟଙ୍କାରେ କାରବାର ହେଉଛି।

# ଗୁଗ୍‌ନାନୀ ହୋଣ୍ଡାରେ ଟ୍ରାନ୍‌ସ୍ଲାପ୍ ୭୫୦ ବାଇକର ବଜାର ପ୍ରବେଶ



**ଚନ୍ଦ୍ରଶେଖରପୁର,୧୮।୧୧:** ରାଜ୍ୟର ଅଗ୍ରଣୀ ହୋଣ୍ଡା ୨ ଚକିଆ ଡିଲର ଗୁଗନାନୀ ମୋଟର୍ସ, ପଟିଆ ହୋଣ୍ଡା ବିଙ୍ଗ୍ ୱିଙ୍ଗ୍ ଠାରେ ବହୁ ପ୍ରତିକ୍ଷୀତ ପ୍ରିମିୟମ ଟ୍ରାନ୍‌ସ୍ଲାପ୍ ୭୫୦ ବାଇକ୍‌ର ଉନ୍ମୋଚନ କରାଯାଇଛି । ଏହା ସହ ହୋଣ୍ଡା ସିବି ୩୫୦ର ପ୍ରଥମ ବାର୍ଷିକୋତ୍ସବ ମଧ୍ୟ ପାଳନ କରାଯାଇଛି । ଏହି ଅବସରରେ ହୋଣ୍ଡା ବିଗ୍ ୱିଙ୍ଗ୍ ପୂର୍ବାଞ୍ଚଳର ଏରିଆ ଇନ୍‌ଚାର୍ଜ ସ୍ନେହାଶିଷ ପାଣିଗ୍ରାହୀ ଏବଂ ଗୁଗ୍‌ନାନୀ ହୋଣ୍ଡାର ପରିଚାଳନା ନିର୍ଦ୍ଦେଶକ ଯସ୍‌ନୀତ ଗୁଗନାନୀ ଉପସ୍ଥିତ ଥିଲେ । ଏହି ଅବସରରେ ଅଭିନେତା ଶୁଭାଶିଷ ନାଥ ଶର୍ମାଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ସୋ ରୁମ୍ ପୃଷ୍ଠପୋଷକ ଏଥିରେ ଯୋଗ ଦେଇଥିଲେ। ୧୧.୫ ଲକ୍ଷ ମୂଲ୍ୟରୁ ଆରମ୍ଭ ହୋଇଥିବା ଟ୍ରାନ୍‌ସ୍ଲାପ୍ ୭୫୦ ବାଇକ ଏକ ଅଦ୍ଭୁତ ରୋମାଞ୍ଚକର ବାଇକ ଯାହାର ୭୫୫ ସିସି ପାରାଲାଲ ଟ୍ୱିନ୍ ଇଞ୍ଜିନ୍ ରହିଛି । ଏହା ୯୨ ହର୍ସପାୱାର ଓ ୭୫ ଏନ୍‌ଏମ୍ ଟର୍କ ପାୱାର ସହ ଡିଜାଇନ୍ ହୋଇଛି। ୫ ଇଞ୍ଚର ଟିଏଫ୍‌ଟି ଡିସ୍‌ପ୍ଲେ , ବିଭିନ୍ନ ରାଇଡିଂ ମୋଡ୍, ଟ୍ରାକ୍ସନ କଣ୍ଟ୍ରୋଲ ସହ ଷ୍ଟାଇଲିସ୍ ଡିଜାଇନ୍ ହେଉଛି ଏହାର ପ୍ରମୁଖ ବୈଶିଷ୍ଟ୍ୟ ଯାହା ଉଭୟ ଅଫ୍ ରୋଡ୍ ଓ ସହରୀ ଗଳି ପାଇଁ ଉପଯୋଗୀ । ୨.୧୦ ଲକ୍ଷ ମୂଲ୍ୟରୁ ଆରମ୍ଭ ହୋଇଥିବା ସିଙ୍ଗଲ-ସିଲିଣ୍ଡର ଇଞ୍ଜିନ୍, ରେଟ୍ରୋ-ମର୍ଡେନ ଡିଜାଇନ୍, କଟିଂ ଏଜ୍ ଟେକ୍ନୋଲୋଜି, ଡୁଆଲ -ଚ୍ୟାନେଲ ଏବିଏସ୍ , ବ୍ଲୁ ଟୁଥ୍ ସହ ଆରାମଦାୟକ ହୋଣ୍ଡା ସିବି ୩୫୦ର ପ୍ରଥମ ବର୍ଷ ପୂର୍ତ୍ତୀ ଅବସରରେ ଏହାର ବର୍ଣ୍ଣନା କରାଯାଇଥିଲା । ରାଜ୍ୟରେ ବାଇକ ଚାଳକମାନଙ୍କ ମଧ୍ୟରେ ଏହା ବେଶ୍ ଲୋକପ୍ରିୟତା ଅର୍ଜନ କରିପାରିଛି ବୋଲି ସୋ ରୁମ୍ ପକ୍ଷରୁ କୁହାଯାଇଥିଲା

# ବିଓଆଇର ନୂତନ ଶାଖା



**ଭୁବନେଶ୍ୱର,୧୮।୧୧:** ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ନୂତନ ଶାଖା (କୋଏଲ ନଗର ଶାଖା) ନିକଟରେ ସୁନ୍ଦରଗଡ଼ ଜିଲା ଅଧୀନ ରାଉରକେଲାର କୋଏଲ ନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଓଆଇର କ୍ଷେତ୍ର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଜିତ୍ ଶଙ୍କର ବେହେରା, ଉପ ଆଞ୍ଚଳିକ ପ୍ରବନ୍ଧକ ନିବେଦିତା ମିଶ୍ର ଏବଂ କୋଏଲ ନଗର ଶାଖାର ଶାଖା ପ୍ରବନ୍ଧକ ସୁସ୍ମିତା ସୋରେଙ୍ଗ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ରାଉରକେଲାର କୋଏଲ ନଗର ଅଞ୍ଚଳରେ ଏହି ନୂତନ ଶାଖା ସ୍ଥାନୀୟ ଲୋକମାନଙ୍କର ଆର୍ଥିକ ଏବଂ ବ୍ୟବସାୟିକ କାରବାରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କ୍ରିଷ୍ଣା ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏପରିକି ବ୍ୟାଙ୍କର ବିଭିନ୍ନ ପ୍ରକାରର ଯୋଜନା କିପରି ଲୋକମାନଙ୍କ ପାଖରେ ସୁଚାରୁ ରୂପେ ପହଞ୍ଚିତ୍ ପାରିବ, ସେ ସମ୍ପର୍କରେ ଆଞ୍ଚଳିକ ପ୍ରବନ୍ଧକ ବେହେରା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଗ୍ରାହକ ବନ୍ଧୁଙ୍କ ସହିତ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ, ସମ୍ବଲପୁର ଅଞ୍ଚଳର ବିଓଆଇର ଏହା ୬୫ତମ ଶାଖା ହୋଇଥିଲାବେଳେ ରାଜ୍ୟରେ ମୋଟ ୨୬୩ ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଆଇଆଇଟିଏଫ୍‌ରେ ଏଲ୍‌ଆଇସିର ଆକର୍ଷଣୀୟ ଷ୍ଟଲ୍



**ନୂଆଦିଲ୍ଲୀ,୧୮।୧୧:** ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ ଆୟୋଜିତ ୪୩ତମ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାର (ଆଇଆଇଟିଏଫ୍) ରେ ଲାଇଫ ଇନସ୍ୟୁରାନ୍ସ କର୍ପୋରେଶନ ଅଫ ଇଣ୍ଡିଆ (ଏଲ୍‌ଆଇସି ଇଣ୍ଡିଆ ବା ଏଲ୍‌ଆଇସି) ର ଆକର୍ଷଣୀୟ ଷ୍ଟଲ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏଲ୍‌ଆଇସି ଇଣ୍ଡିଆର ଇଡି (ସିସି) ଆଦିତ୍ୟ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲ୍‌ଆଇସି ଇଣ୍ଡିଆର ନର୍ଦର୍ନ ଜୋନ ଜେଡଏମ ପି. ଏସ୍. ବଜାଜଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୧୪ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମେଳାକୁ ଲକ୍ଷାଧିକ ଲୋକ ଓ ଅନେକ ଏଲଆଇସି ହିତାଧିକାରୀ ମଧ୍ୟ ଆସିବାକୁ ଥିବାବେଳେ ନିଗମର ସେବା, ସୁବିଧା ଓ ନୂତନ ଉତ୍ପାଦ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ପ୍ରଦାନ ସହ ଅବଗତ କରାଇବା ପାଇଁ ଏହି ଷ୍ଟଲ କରାଯାଇଥିବା ନିଗମ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି।ସେହିଭଳି ନିଗମର ୬୮ତମ ପୂର୍ତ୍ତି ଉତ୍ସବ ଅବସରରେ ଅନେକ ପ୍ରକାର ଯୋଜନା ଓ ସୁବିଧା ସାଙ୍ଗକୁ ନୂଆ ନିଯୁକ୍ତି ଓ ଏଜେଣ୍ଟ ଭଳି ମହତ୍ତ୍ୱପୂର୍ଣ୍ଣ ସୁବିଧାର ଲାଭ ଆଶାୟୀ ବ୍ୟକ୍ତିବିଶେଷମାନେ ଉଠାଇପାରିବେ।

# ଓୟୋରେ ୫୦୦ କୋଟି ନିବେଶ କରିବେ ରିତେଶ



**କମ୍ପାନିରେ ବଢ଼ାଇବେ ଅଂଶଧନ**

**ନୂଆଦିଲ୍ଲୀ,୧୮/୧୧:** ଓୟୋ ପ୍ରତିଷ୍ଠାତା ରିତେଶ ଅଗ୍ରୱାଲ ଓୟୋରେ ୫୫୦ କୋଟି ଟଙ୍କା ନିବେଶ କରିବେ। କମ୍ପାନିରେ ତାଙ୍କ ଅଂଶଧନ ବଢ଼ାଇବା ଲାଗି ୫୫୦ କୋଟି ଟଙ୍କାର ଶେୟାର ସେ କିଣିବେ। କମ୍ପାନିର ଲାଭରେ ବେଶ ଉନ୍ନତି ଆସିଥିବା ନିକଟରେ ଏକ ରିପୋର୍ଟ ଆସିଥିଲା। ବିଶ୍ୱର ପ୍ରମୁଖ ବଜାରକୁ ସମ୍ପ୍ରସାରଣ, ଜି୬ ହସ୍ପିଟାଲିଟି ଭଳି କମ୍ପାନିର ଅଧିଗ୍ରହଣ ଭଳି ପଦକ୍ଷେପ ଯୋଗୁ କମ୍ପାନିର କାରବାରରେ ଉନ୍ନତି ଆସିଛି। ବର୍ତ୍ତମାନର ନିବେଶ ପରେ କମ୍ପାନିରେ ରିତେଶଙ୍କର ଶେୟାର ୩୦ରୁ ୩୨%କୁ ବୃଦ୍ଧି ହେବ। ବିଶ୍ୱ ବଜାରରେ ସ୍ଥିତି ଦୃଢ଼ ଲାଗି ଓୟୋ ଏବେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଥିବା କୁହାଯାଉଛି।

**ନଭେମ୍ବର ୨୦ରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ**

# ସେୟାର ବଜାରରେ ହେବନି ଟ୍ରେଡିଂ



**ମୁମ୍ବାଇ ୧୮।୧୧:** ଭାରତୀୟ ସେୟାର ବଜାରରେ ୨୦ ନଭେମ୍ବର ୨୦୨୪ ବୁଧବାର ଦିନ ଛୁଟି ରହିବ। ଏଣୁ ଷ୍ଟକ୍ ମାର୍କେଟରେ ବିଏସଇ ଓ ଏନଏସଇରେ କୌଣସି କାମ ହେବ ନାହିଁ। ସେୟାର ବଜାରରେ ଛୁଟି ଘୋଷଣା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନିମନ୍ତେ କରାଯାଇଛି। ଷ୍ଟକ୍ ମାର୍କେଟର ଉଭୟ ଏକ୍ସଚେଞ୍ଜ ବିଏସଇ ଓ ଏନଏସଇ ବନ୍ଦ ରହିବ ବୋଲି ଅଧିକାରୀକ ଘୋଷଣା ହୋଇଛି। କେବଳ ସେୟାର ବଜାର ନୁହେଁ କରେନ୍ସି ମାର୍କେଟ ଓ କମଡିଟି ଏକ୍ସଚେଞ୍ଜରେ ମଧ୍ୟ କାରବାର ହେବ ନାହିଁ। କାରଣ ଏହା ମଧ୍ୟ ଛୁଟି ରହିବ।

ଉଲ୍ଲେଖଯୋଗ୍ୟ ଯେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପ୍ରଚାରର ୧୮ ନଭେମ୍ବର ସୋମବାର ଶେଷ ଦିନ। ସନ୍ଧ୍ୟାରୁ ନିର୍ବାଚନ ପ୍ରଚାର ବନ୍ଦ ହୋଇଯିବ। ରାଜ୍ୟର ୨୮୮ ଆସନରେ ନଭେମ୍ବର ୨୦ ତାରିଖ ଦିନ ଭୋଟଗ୍ରହଣ ହେବ। ଭୋଟ ଦିନ ବ୍ୟାଙ୍କ ଓ ସ୍କୁଲ ଛୁଟି ରହିବ। ନଭେମ୍ବର ୨୩ରେ ଭୋଟ ଗଣନା ହେବ। ଏନଏସଇ ନଭେମ୍ବର ୮ ତାରିଖ ଦିନ ଏକ ନୋଟିଫିକେସନ ଜାରି କରିଥିଲେ। ଯେଉଁଥିରେ ଏକ୍ସଚେଞ୍ଜ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନିମନ୍ତେ ନଭେମ୍ବର ୨୦ ତାରିଖ ଦିନ ଛୁଟି ରହିବ ବୋଲି ସୂଚନା ଦେଇଥିଲେ। ଏହି ଦିନ ବିଏସଇ ଓ ଏନଏସଇରେ ଇକ୍ୱିଟି, ଇକ୍ୱିଟି ଡେରିଭେଟିବ ଓ ଏସଏଲବି ସେଗମେଣ୍ଟରେ ଟ୍ରେଡିଂ ହେବ ନାହିଁ।

ଏହି ଦିନ କରେନ୍ସି ଡେରିଭେଟିଭ ସେଗମେଣ୍ଟରେ ମଧ୍ୟ ଟ୍ରେଡିଂ ବନ୍ଦ ରହିବ। ମଲ୍ଟି କମଡିଟି ଏକ୍ସଚେଞ୍ଜ (ଏମସିଏକ୍ସ) ଓ ନ୍ୟାସନାଲ କମଡିଟି ଏକ୍ସଚେଞ୍ଜ (ଏନସିଏକ୍ସ)ରେ ନଭେମ୍ବର ୨୦ ତାରିଖ ଦିନ କୌଣସି କାରବାର ହେବ ନାହିଁ। ଚଳିତମାସରେ ବଜାର ମୋଟ ୩ ଦିନ ଛୁଟି ରହିଛି। ନଭେମ୍ବର ୧ ତାରିଖ ଦିନ ମୁହୂର୍ତ୍ତ ଟ୍ରେଡିଂ ନିମନ୍ତେ ବଜାର ବନ୍ଦ ଥିଲା। ଏହା ପରେ ୧୫ ନଭେମ୍ବର ଗୁରୁନାନକ ଜୟନ୍ତୀ ନିମନ୍ତେ ବଜାର ବନ୍ଦ ଥିଲା ଓ ଏବେ ନଭେମ୍ବର ୨୦ ମହାରାଷ୍ଟ୍ର ଭୋଟ ପାଇଁ ବଜାର ବନ୍ଦ ରହିବ।ଷ୍ଟକ୍ ଏକ୍ସଚେଞ୍ଜ ମୁମ୍ବାଇରୁ ସଞ୍ଚାଳିତ ହେଉଛି। ଏଠାରେ ୨୦ ନଭେମ୍ବର ନିର୍ବାଚନ ଦିବସ। ଏଣୁ ସମସ୍ତେ ସହଜରେ ନିଜ ମତାଧିକାର ସାବ୍ୟସ୍ତ କରନ୍ତୁ ସେଥି ପାଇଁ ଛୁଟି ଘୋଷଣା କରାଯାଇଛି। ଏହି ଦିନ ଝାଡଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ ଉତ୍ତର ପ୍ରଦେଶର ୯ ବିଧାନସଭା ଆସନ ନିମନ୍ତେ ଉପନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ।

# ଟପ୍ ଅପ୍ ଗୃହ ଋଣ କେମିତି କରିବେ ଆବେଦନ




**ନୂଆଦିଲ୍ଲୀ, ୧୮।୧୧:** ମଧ୍ୟବିତ୍ତ ପରିବାର ପାଇଁ ନିଜର ଘରଟିଏ ତିଆରି କରିବା ଏକ ସ୍ୱପ୍ନ ସତ ହେଲା ପରି ହୋଇଥାଏ। କାରଣ, ଘର ତିଆରିରେ ଢେର୍ ପୁଞ୍ଜି ଖର୍ଚ୍ଚ ହୁଏ। ଏତେଗୁଡ଼ିଏ ଅର୍ଥ ଏକାବେଳେ ଦେବା ସମ୍ଭବ ହୋଇ ନ ଥାଏ, ତେଣୁ ଲୋକମାନେ ହୋମ୍ ଲୋନ୍ ନେଇ ନିଜର ସ୍ୱପ୍ନକୁ ସାକାର କରିଥାନ୍ତି। କିନ୍ତୁ ଘର ତିଆରି ପରେ ବି ଯାବତୀୟ ଖର୍ଚ୍ଚ ସବୁ ରହିଥାଏ, ଯାହା ପାଇଁ ଟଙ୍କା ଆବଶ୍ୟକ ପଡ଼େ। ଯେମିତି କି, ଆସବାବପତ୍ର, ଇଣ୍ଟେରିୟର, ରିପେୟାର ଇତ୍ୟାଦି। ଏମିତିରେ ଟଙ୍କାର ଆବଶ୍ୟକତାକୁ ପୂରଣ କରିବା ପାଇଁ ଟପ୍-ଅପ୍ ଋଣ ସହାୟକ ହୋଇପାରେ। ଟପ୍ ଅପ୍ ଲୋନ ଏକ ଅତିରିକ୍ତ ଋଣ ରାଶି। ଏହା ପୂର୍ବରୁ ଜାରି ଥିବା ଗୃହ ଋଣ ଉପରେ ନିଆଯାଇପାରେ। ସମସ୍ତ ବ୍ୟାଙ୍କ ଏବଂ ବିତ୍ତୀୟ ସଂସ୍ଥା ନିଜ ଗ୍ରାହକମାନଙ୍କୁ ଟପ୍ ଅପ୍ ଲୋନର ସୁବିଧା ପ୍ରଦାନ କରିଥାଆନ୍ତି। ଟପ୍ ଅପ୍ ଲୋନ ଏକ ପ୍ରକାରର ବ୍ୟକ୍ତିଗତ ଋଣ, ଯାହା ଆପଣଙ୍କୁ କମ୍ ସୁଧ ହାରରେ ମିଳିଥାଏ। ଆପଣଙ୍କ ଟପ୍ ଅପ୍ ଲୋନର ଅବଧି ଘର ଋଣ ଉପରେ ନିର୍ଭର କରେ। ଟପ୍ ଅପ୍ ଲୋନର ପ୍ରଥମ ଫାଇଦା ହେଉଛି, ଏଥିରେ ଆପଣଙ୍କୁ କୌଣସି ପ୍ରକାରର ସିକ୍ୟୁରିଟି ଏବଂ ଗ୍ୟାରେଣ୍ଟିର ଆବଶ୍ୟକ ହୋଇ ନ ଥାଏ। କାରଣ, ପୂର୍ବରୁ ଆପଣଙ୍କ ବ୍ୟାଙ୍କରେ ଘର ଋଣ ଜାରି ଥାଏ। ଏହା ଏକ ବ୍ୟକ୍ତିଗତ ଋଣ। ଯଦି ଆପଣ ଏହାକୁ କେବଳ ଘର ନିର୍ମାଣ ଏବଂ ନବୀକରଣ ପାଇଁ ବ୍ୟବହାର କରନ୍ତି, ତା' ହେଲେ ଟିକସ ଛାଡର ଲାଭ ମଧ୍ୟ ଉଠାଇପାରିବେ। ତେବେ ଟପ୍ ଅପ୍ ଗୃହ ଋଣ ଆପଣଙ୍କୁ କେତେ ମିଳିବ, ତାହାକୁ ନେଇ ବ୍ୟାଙ୍କଗୁଡ଼ିକର ଭିନ୍ନ ନିୟମ ଥାଇପାରେ। ସାଧାରଣତଃ କୁହାଯାଏ, ଗୃହ ଋଣର ମୋଟ ରାଶି ଏବଂ ଆପଣଙ୍କ ସମ୍ପତ୍ତିର ମାର୍କେଟ୍ ଭାଲ୍ୟୁର ୭୦% ପର୍ଯ୍ୟନ୍ତ ଟପ୍ ଅପ୍ ଋଣ ରାଶି ମିଳିପାରେ। ଯେଉଁ ବ୍ୟାଙ୍କରୁ ଆପଣ ଗୃହ ଋଣ ନେଇଛନ୍ତି, ସେହି ବ୍ୟାଙ୍କରେ ଭିଜିଟ୍ କରି କିମ୍ବା ବ୍ୟାଙ୍କ ୱେବସାଇଟ୍ ଜରିଆରେ ଟପ୍ ଅପ୍ ଲୋନ ପାଇଁ ଆପଣ ଆପ୍ଲାଏ କରିପାରିବେ।

# ଟ୍ରେଡଫିନ୍‌ର ପ୍ରଥମ ବାର୍ଷିକ ଉତ୍ସବ



**ଭୁବନେଶ୍ୱର,୧୮।୧୧:** ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ରୋଜଗାର ଭିତ୍ତିକ ଶିକ୍ଷାନୁଷ୍ଠାନ 'ଟ୍ରେଡଫିନ'ର ପ୍ରଥମ ବାର୍ଷିକ ଉତ୍ସବ ରବିବାର ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ସ୍ଥିତ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ ସେକ୍ରେଟାରୀ ରଶ୍ମିରଞ୍ଜନ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ଷ୍ଟକ୍ ମାର୍କେଟ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ସେହିଭଳି ଅନୁଷ୍ଠାନର ପ୍ରତିଷ୍ଠାତା ଚିତ୍ତରଞ୍ଜନ ବେହେରା କହିଥିଲେ, ଇକ୍ୟୁଟିଜ୍-ଆଇଜେଡ୍ ଅନୁଷ୍ଠାନ ବିଗତ ଚାରିବର୍ଷ ହେବ ନିଜର ପାଠ୍ୟକ୍ରମ ଜରିଆରେ ରାଜ୍ୟର ଅନେକ ଶିକ୍ଷିତ ବେକାରଙ୍କୁ ରୋଜଗାରକ୍ଷମ କରାଇପାରିଛି। ବର୍ତ୍ତମାନ ଭିନ୍ନକ୍ଷମମାନଙ୍କୁ ମାଗଣା ଶିକ୍ଷା ପ୍ରଦାନ କରି ରୋଜଗାରକ୍ଷମ କରିବା ଏବଂ ଗୃହିଣୀମାନଙ୍କୁ ୫୦% ରିହାତିରେ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ରୋଜଗାରକ୍ଷମ ସହିତ ଘରେ ରହି ଉପାର୍ଜନକ୍ଷମ କରାଇବା ଆମର ଲକ୍ଷ୍ୟ ରହିଛି। ସେହିପରି ଆଜିଠାରୁ ପ୍ରଥମ କରି ତିନୋଟି ନୂତନ କୋର୍ସ ଯଥା- ଇଣ୍ଡେକ୍ସ ଅପସନ୍ କୋର୍ସ, ଭାରତୀୟ ଷ୍ଟକ୍ ମାର୍କେଟ କୋର୍ସ ଏବଂ ଆଡଭାନ୍ସ ଫୋରେକ୍ସ କୋର୍ସ ଶିକ୍ଷା ପ୍ରଦାନ କରାଯିବ। ଏତଦ୍ୱାରା ଛାତ୍ରୀଛାତ୍ରମାନେ ଏଠାରୁ ଶିକ୍ଷା ଗ୍ରହଣ କରି ଆର୍ଥିକ ସ୍ୱଚ୍ଛଳ ହେବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଯଶବୀର ସାମଲ, ଜନସମ୍ପର୍କ ଅଧିକାରୀ ସୂର୍ଯ୍ୟକାନ୍ତ ଓଝା ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର ବିଭିନ୍ନ କୋର୍ସ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ।

# ଆପଲ ସ୍ମାର୍ଟଫୋନ ଉତ୍ପାଦନକୁ ମଜବୁତ କରିବ ଟାଟା ଗ୍ରୁପ୍

**ପେଗାଟ୍ରନର ଆଇଫୋନ ପ୍ଲାଣ୍ଟ ୬୦% ଅଂଶଧନ କିଣିବ**

**ନୂଆଦିଲ୍ଲୀ,୧୮/୧୧:** ଟାଟା ଗ୍ରୁପର ଟାଟା ଇଲେକଟ୍ରୋନିକ୍ସ ତାଇୱାନ ଭିତ୍ତିକ କଣ୍ଟ୍ରାକ୍ଟ ମାନୁଫାକ୍‌ଚର ପେଗାଟ୍ରନର ଏକମାତ୍ର ଆଇଫୋନ ପ୍ଲାଣ୍ଟର ସିଂହଭାଗ ଅଂଶଧନ କ୍ରୟ କରିବା ନେଇ ଯୋଜନା କରୁଛି। ପେଗାଟ୍ରନର ଏହି ପ୍ଲାଣ୍ଟ ତାମିଲନାଡୁରେ ରହିଛି। ଭାରତରେ ଏକ ନୂଆ ଯୌଥ ଉଦ୍ୟୋଗ ହେବାକୁ ଯାଉଛି। ଯାହା ଆପଲକୁ ସ୍ମାର୍ଟଫୋନ ଯୋଗାଣ କ୍ଷେତ୍ରରେ ଟାଟାର ସ୍ଥିତିକୁ ଆହୁରି ମଜବୁତ କରିବ। ରୟଟର୍ସର ଏକ ରିପୋର୍ଟ ମୁତାବକ, ଏହି ଡିଲ୍ ନେଇ ଗତ ସପ୍ତାହରେ ଉଭୟ କମ୍ପାନି ଅଗ୍ରସର ହୋଇଛନ୍ତି। ଏହି ଆଲୋଚନା ପ୍ରାୟ ଚୂଡ଼ାନ୍ତ ସ୍ଥିତିରେ ରହିଛି। ଯୌଥ ଉଦ୍ୟୋଗରେ ଟାଟାର ୬୦% ଅଂଶଧନ ରହିବ। କମ୍ପାନିର ଦୈନନ୍ଦିନ ପରିଚାଳନା ଦେଖିବ କମ୍ପାନି। ପେଗାଟ୍ରନ ନିକଟରେ ୪୦% ଅଂଶଧନ ରହିବାକୁ ଥିବା ବେଳେ ଏହା ଟେକ୍ନିକାଲ ସପୋର୍ଟ ଦେବ। ଡିଲର ଭାଲ୍ୟୁ ନେଇ ଏବେ କିଛି ସ୍ପଷ୍ଟ ସୂଚନା ମିଳିପାରିନି। ଏହା ପୂର୍ବରୁ ମଧ୍ୟ ଏହି ଡିଲ୍ ନେଇ ରୟଟର୍ସ ଏକ ରିପୋର୍ଟ ପ୍ରକାଶ କରିଥିଲା। ଏଭଳି ସ୍ଥିତିରେ ଟାଟା ଗ୍ରୁପ ଆଇଫୋନ ମାନୁଫାକଚରିଂ ଉପରେ ଏବେ ବିଶେଷ ଭାବେ ଧ୍ୟାନ ଦେଉଛି। ଯୌଥ ଉଦ୍ୟୋଗ ନେଇ ଟାଟା କମ୍ୟୁନିକେଶନ ଏବଂ ପେଗାଟ୍ରନ ଶୀଘ୍ର ପ୍ରତିଦ୍ୱନ୍ଦ୍ୱୀ ଆୟୋଗ (ସିସିଆଇ)ଙ୍କ ମଞ୍ଜୁରୀ ନେବେ ବୋଲି କୁହାଯାଉଛି।

# ବାଇକରୁ ଅଧିକ ଧୂଆଁ ବାହାରିଲେ କିପରି ଠିକ୍ କରିବେ ?



**ନୂଆଦିଲ୍ଲୀ, ୧୮।୧୧:** ବାଇକ୍ କିଣିବା ପରେ ମେଣ୍ଟେନାନ୍ସ ନକରିବା କାରଣରୁ ଅନେକ କ୍ଷତି ହୋଇପାରେ। ଅନେକ ଥର ବାଇକ୍ ଟିକେ ପୁରୁଣା ହେବା ପରେ ଧଳା ଧୂଆଁ ନିର୍ଗତ କରିବା ଆରମ୍ଭ କରେ, ଯାହା କେବଳ ପରିବେଶକୁ କ୍ଷତି ପହଞ୍ଚାଏ ନାହିଁ ବରଂ ଆପଣଙ୍କ ପାଇଁ ମଧ୍ୟ ଅନେକ କ୍ଷତି କରିଥାଏ। ଯଦିଓ ବାଇକ୍ ପଛରୁ ଧଳା ଧୂଆଁ ନିର୍ଗତ ହେବାର ଅନେକ କାରଣ ଅଛି, କିନ୍ତୁ ସେଗୁଡ଼ିକ ମଧ୍ୟରେ ଇଞ୍ଜିନରେ କୌଣସି ପ୍ରକାରର ଅସୁବିଧା ହେଉଛି ସବୁଠାରୁ ବଡ କାରଣ। ଏପରି ପରିସ୍ଥିତିରେ, ଆପଣ ନିଜ ବାଇକ୍ ର ଏହି ସମସ୍ୟାକୁ ଯଥାଶୀଘ୍ର ସମାଧାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣଙ୍କର ବାଇକ୍ ଇଞ୍ଜିନରେ କୌଣସି ପ୍ରକାରର ସମସ୍ୟା ଥାଏ, ତେବେ ଇଞ୍ଜିନରୁ ଧଳା ଧୂଆଁ ବାହାରିବା ଆରମ୍ଭ କରେ। ଏଥି ସହିତ, ଯଦି ସିଲିଣ୍ଡର ହେଡ୍ରେ କୌଣସି ତ୍ରୁଟି ଥାଏ କିମ୍ବା ବଲ୍ଭ ସିଲ୍ ଲିକ୍ ହୁଏ, ତେବେ ବାଇକ୍ ଧଳା ଧୂଆଁ ବାହାରିବା ଆରମ୍ଭ କରେ। ସାଧାରଣତଃ ତେଲ ବାଇକର ଇଞ୍ଜିନରେ ଏକ ସୀମିତ ସ୍ତରରେ ପହଞ୍ଚିଥାଏ ଏବଂ କମ୍ବସନ୍ ଚାମ୍ବରରେ ସମ୍ପୂର୍ଣ୍ଣ ଜଳିଯିବା ପରେ ଏହା ଶକ୍ତି ଯୋଗାଇଥାଏ ଯାହା ଦ୍ୱାରା ବାଇକ୍ ଚାଲିପାରିବ।

କିନ୍ତୁ ଯଦି ଏହି ପ୍ରକ୍ରିୟାରେ କୌଣସି ଅସୁବିଧା ଥାଏ, ତେବେ ଚାମ୍ବରରେ ଥିବା ତେଲ ସଂପୂର୍ଣ୍ଣ ଜଳେ ନାହିଁ ଯେଉଁ କାରଣରୁ ବାଇକରୁ ଧଳା ଧୂଆଁ ବାହାରିବା ଆରମ୍ଭ କରେ। ଅନେକ କ୍ଷେତ୍ରରେ ବାଇକ୍ ରୁ ତେଲ ଲିକ୍ ହେତୁ ମଧ୍ୟ ଧଳା ଧୂଆଁ ବାହାରିଥାଏ। ଏହା ମଧ୍ୟ ପ୍ରଦୂଷଣର କାରଣ ହୋଇଥାଏ ଏବଂ ବାଇକରେ ଥିବା ତେଲ ମଧ୍ୟ ଶୀଘ୍ର ସରିବା ଆରମ୍ଭ କରେ। ଏହା ଇଞ୍ଜିନର ବହୁତ ବଡ କ୍ଷତି ଘଟାଇପାରେ। ଯଦି ପରିସ୍ଥିତି ଅଧିକ ଖରାପ ହୁଏ ତେବେ ଇଞ୍ଜିନ୍ ଜବତ ମଧ୍ୟ ହୋଇପାରେ। ଇଞ୍ଜିନ୍ ସିଜ୍ ହେବା ଅର୍ଥ ବାଇକ୍ ଆରମ୍ଭ ଏବଂ ଚଳାଇବାରେ ଅସୁବିଧା। ଯଦି ଆପଣଙ୍କର ବାଇକ୍ ନୂଆ ଥିବା ସମୟରେ ଧଳା ଧୂଆଁ ନିର୍ଗତ ହୁଏ, ତେବେ ଯଥାଶୀଘ୍ର ବାଇକ୍ କୁ ଏକ ଭଲ ମେକାନିକ୍ ନିକଟକୁ ନେଇଯାଆନ୍ତୁ। ସମୟ ସମୟରେ ବାଇକ୍ ଯାଞ୍ଚ କରିବା ଦ୍ୱାରା ଇଞ୍ଜିନରେ ହେବାକୁ ଥିବା କ୍ଷତିକୁ ଏଡାଇ ଦିଆଯାଇପାରେ। ଏହା ସହିତ ଆପଣ ନିଜ ଟଙ୍କା ଏବଂ ସମୟ ମଧ୍ୟ ବଞ୍ଚାଇପାରିବେ। ଶୀତଦିନେ, ଯେତେବେଳେ ବାଇକ୍ ଷ୍ଟାର୍ଟ ହୁଏ, ପ୍ରଥମ କିଛି ମିନିଟରେ ଧଳା ଧୂଆଁ ବାହାରିଥାଏ, ତେବେ ଏହା ସ୍ୱାଭାବିକ। ପ୍ରକୃତରେ ଏହା କେବଳ ଆର୍ଦ୍ରତା ହେତୁ ହୋଇଥାଏ। ଇଞ୍ଜିନ ଗରମ ହେବାପରେ ଏହି ଧୂଆଁ ଅଦୃଶ୍ୟ ହୋଇଯାଏ। ଯଦି ଦୀର୍ଘ ସମୟ ଧରି ଧୂଆଁ ବାହାରିବାରେ ଲାଗେ ତେବେ ଆପଣ ନିଶ୍ଚିତ ଭାବରେ ଜଣେ ମେକାନିକ୍ ସହିତ ପରାମର୍ଶ କରିବା ଉଚିତ୍।

# ଜଙ୍ଗଲ ଜମିର ପଟ୍ଟା ଦିଅ
# ମନରେଗାରେ କାମ ଦିଅ



**କନ୍ଧମାଳ,୧୮।୧୧(ସଂଚାର ବ୍ୟୁରୋ):** ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ, ଓଡ଼ିଶାର ଦୁଇ ଜଣିଆ ସଦସ୍ୟ ଗଲା ନଭେମ୍ବର ୧୦ ତାରିଖ ଦିନ ଦାରିଙ୍ଗବାଡ଼ି ବ୍ଲକ ଅଧୀନସ୍ଥ ଗଦାପୁର ପଞ୍ଚାୟତର ମାଣ୍ଡିପଙ୍କା ଗ୍ରାମ ଓ ପଡ଼ୋଶୀ ଡମା ଗ୍ରାମକୁ ଯାଇଥିଲା। ଉକ୍ତ ତଥ୍ୟ ଅନୁସନ୍ଧାନକାରୀ ଦଳରେ ନୀହାରକାନ୍ତି ଦାଶ ଓ ଦେବ ରଞ୍ଜନ ସଦସ୍ୟ ଥିଲେ। ଏହି ଦୁଇ ଜଣିଆ ଦଳ ଉକ୍ତ ମହିଳାଙ୍କ ପରିବାରର ସଦସ୍ୟ, ଗ୍ରାମବାସୀ, ନିର୍ବାଚିତ ପ୍ରତିନିଧି, ଏନଜିଓ ଓ ବ୍ଲକ ବିଡିଓଙ୍କୁ ସାକ୍ଷାତ କରିଥିଲା। ବ୍ରହ୍ମପୁରରୁ ଚିକିତ୍ସିତ ହୋଇ ଫେରିଥିବା ପ୍ରଭାତୀ ପାଟମାଝୀ, ସୁସନା ପାଟମାଝୀ ଓ ଜୀବନ୍ତୀ ପାଟମାଝୀଙ୍କୁ ଦଳ ଭେଟିଥିଲା। ଏହି ତିନି ଜଣଙ୍କୁ ଏପରିକି ଅନ୍ୟ ପାଞ୍ଚ ଜଣଙ୍କୁ ମଧ୍ୟ ସୁଭଦ୍ରା ଯୋଜନାର କୌଣସି କିସ୍ତିରେ ଟଙ୍କା ମିଳିନାହିଁ। ଏପରିକି ସମଗ୍ର ମାଣ୍ଡିପଙ୍କା ଗ୍ରାମରେ କାହାରିକୁ ବି ସୁଭଦ୍ରା ଯୋଜନାରେ ଟଙ୍କା ମିଳିନଥିବା ସେମାନେ ପ୍ରକାଶ କଲେ। ପ୍ରଭାତୀଙ୍କ ସ୍ୱାମୀ ତାରଣ ପାଟମାଝୀ ଆଦିବାସୀ କନ୍ଧ ସଂପ୍ରଦାୟର। ତାରଣଙ୍କୁ କିନ୍ତୁ କାଳିଆ ଯୋଜନାରେ ପ୍ରଥମ କିସ୍ତି ବାବଦରେ ଥରେ ମାତ୍ର ପାଞ୍ଚ ହଜାର ଟଙ୍କା ମିଳିଥିଲା ଯାହା ଅନ୍ୟ ସାତ ପରିବାରକୁ ମଧ୍ୟ ମିଳିନାହିଁ। ଗ୍ରାମବାସୀଙ୍କ ଠାରୁ ଜାଣିଲୁ ଯେ ପ୍ରତି ବର୍ଷ ଅଗଷ୍ଟରୁ ଡିସେମ୍ବର ମାସ ମଧ୍ୟରେ ନିଜ ବିଲରୁ ଆସିଥିବା ଖାଦ୍ୟ ଶସ୍ୟ ସରିଯାଏ। ଲୋକେ ସେହି ସମୟର ଖାଦ୍ୟ ଆବଶ୍ୟକତା ପୂରଣ ଲାଗି ଆମ୍ବ ଟାକୁଆ ପୂର୍ବରୁ ସଂଗ୍ରହ କରିଥାନ୍ତି। ଘରେ ଚାଉଳ ସରିଆସିଲେ ସେହି ଆମ୍ବ ଟାକୁଆର କୋଇଲିକୁ ଗୁଣ୍ଡ କରି, ତାକୁ ଭିଜାଇ ସେହିଥିରେ ଟାକୁଆ ପେଜ ତିଆରି କରିଥାନ୍ତି। ଡିସେମ୍ବରରେ ପୁଣି ନୂଆ ଧାନ ଆସିଗଲେ ବଳକା ଟାକୁଆକୁ ସେମାନେ ଫୋପାଡ଼ି ଦେଇଥାନ୍ତି।

ମାଣ୍ଡିପଙ୍କାର ସେହି ଆଠ ଜଣ ମହିଳା ଖାଇଥିବା ଭିଜା କୋଇଲି ଗୁଣ୍ଡ ସଂପୂର୍ଣ୍ଣ ଫିମ୍ପି ମାରିଯାଇଥିଲା। ଫଳରେ, ଖାଇବାର କିଛି ଘଣ୍ଟା ପରେ ଅତ୍ୟଧିକ ଝାଡ଼ା ଓ ବାନ୍ତି ହେଲା। ଏହା ଜନସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟ। ଉଲ୍ଲେଖନୀୟ ବିଷୟ ହେଲା ଯେ କ୍ଷତିଗ୍ରସ୍ତ ଆଠ ଜଣ ମହିଳାଙ୍କ ମଧ୍ୟରୁ ସାତ ଜଣ ମହିଳା ୨୫ରୁ ୩୫ ବର୍ଷ ବୟସର। ଦୁଃଖର କଥା ଯେ କେହି ଜଣେ ହେଲେ ସ୍କୁଲ ଯାଇନାହାନ୍ତି। ତେଣୁ ଦାରିଦ୍ର୍ୟ ଯେ ଉକ୍ତ ଅଞ୍ଚଳରେ କେତେ ବ୍ୟାପ୍ତ ତାହା ଏହିଥିରୁ ମଧ୍ୟ ବୁଝାପଡ଼େ। ଏବେ ମୃତ ରୁନି ମାଝୀଙ୍କର ଛଅ ମାସର ଛୋଟ ଝିଅର ଜୀବନ ଘୋର ଅନିଶ୍ଚିତତା ମଧ୍ୟରେ ରହିଛି।



## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

**ବରଗଡ଼,୧୮।୧୧(ସଂଚାର ବ୍ୟୁରୋ):** ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ସିଂ, ବରଗଡ଼ ଉପଜିଲ୍ଲାପାଳ ଶ୍ରୀ ପ୍ରସନ୍ନ କୁମାର ପାଣ୍ଡେ, ବରଗଡ଼ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ହରପ୍ରସାଦ ଭୋଇ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବେର୍ସିୟସ ଡୁଙ୍ଗଡୁଙ୍ଗ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୫୮ ଗୋଟି ଅଭିଯୋଗ ମଧ୍ୟରୁ ୩୧ ଗୋଟି ବ୍ୟକ୍ତିଗତ ଏବଂ ୨୭ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶିବିରରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇସାଇକଲ୍ ପ୍ରଦାନ କରାଯାଇଥିଲା ।

## ଅମର ଓ ନିକିତାଙ୍କ ଅଭିନୀତ ମ୍ୟୁଜିକ ଭିଡିଓ 'ଦିଲ୍ ଦେଇଛି ତୋତେ ପ୍ରେମ ଖବର' ଲୋକାର୍ପିତ



**ଭୁବନେଶ୍ୱର,୧୮।୧୧(ସଂଚାର ବ୍ୟୁରୋ):** ବାବୁ ବାବୁ ଙ୍କ ନିର୍ଦ୍ଦେଶନାରେ ଓଡ଼ିଶା ମ୍ୟୁଜିକ୍ ରେ ରିଲିଜ ହୋଇଯାଇଛି ରୋମାଣ୍ଟିକ ଭିଡିଓ 'ଦିଲ୍ ଦେଇଛି ତୋତେ ପ୍ରେମ ଖବର'। ରିଲିଜ ସମୟରେ ମୁଖ୍ୟ ଅତିଥି ଭାବେ ପ୍ରଯୋଜକ ପ୍ରଣୟ ଜେଠୀ, ରାଘବ ସ୍ୱାଇଁ ଓ ପ୍ରଯୋଜିକା ସଙ୍ଘମିତ୍ରା ବେହେରା, ନିର୍ଦ୍ଦେଶକ ବାବୁ ବାବୁ ଏବଂ ଭିଡିଓ ଟିରେ ଅଭିନୟ କରିଥିବା ଚର୍ଚ୍ଚିତ ଯୋଡ଼ି ଅଭିନେତା ଅମର ଓ ଅଭିନେତ୍ରୀ ନିକିତା ଉପସ୍ଥିତ ରହି ସିଡି ଉନ୍ମୋଚନ କରିଥିଲେ। ଏହି ଭିଡିଓ ଟିରେ ମେଗା ଧାରାବାହିକ ରେ ନିଜର ସୋତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଯୋଡ଼ି ଅମର ଓ ନିକିତା ଖୁବ୍ ସୁନ୍ଦର ଭାବରେ ଅଭିନୟ କରିଛନ୍ତି। ସେହିପରି ଆଗରୁ ଏହି ଯୋଡି କୁ ସାରା ଓଡ଼ିଶାର ଦର୍ଶକ ମାନେ ମଧ୍ୟ ଢେରେ ସାରା ଭଲପାଇବା ଦେଇଛନ୍ତି। ତାସହ ଗୀତଟି କୁ ଖୁବ୍ ସୁନ୍ଦର ଭାବରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କୁମାର ପ୍ରଦିପ୍, ବିଶ୍ୱଜିତ ଦାସ ଙ୍କ ଲେଖାରେ କଣ୍ଠଦାନ କରିଛନ୍ତି ଏସ ଜିତୁ ଓ ସୈଜନ୍ୟା। ସେହିପରି ନିର୍ଦ୍ଦେଶକ ବାବୁ ବାବୁ ଙ୍କ ସୁନ୍ଦର ନିର୍ଦ୍ଦେଶନା ରେ କୋରିଓଗ୍ରାଫି କରିଛନ୍ତି ଫିରୋଜ ସାର୍ ଏଣୁ ବିଭିନ୍ନ ସମୟରେ ବିଭିନ୍ନ ଟ୍ରେଣ୍ଡିଙ୍ଗ୍ ଗୀତ ରେ ନିର୍ଦ୍ଦେଶନା ଦେଇ ଚର୍ଚ୍ଚା ରେ ଥିବା ନିର୍ଦ୍ଦେଶକ ବାବୁ ବାବୁ ଆଉ ଏକ ବଡ଼ ଧମାଲ୍ ଦେଖାଇଛନ୍ତି। ଏଣୁ ଏହି ଭିଡିଓ ଟିକୁ ସବୁ ବର୍ଗର ଲୋକମାନେ ଦେଖିପାରିବେ ବୋଲି ପ୍ରଡକ୍ସନ ଦ୍ୱାରା କୁହାଯାଇଅଛି। ଏଣୁ ଆଗରୁ ଅନେକ ଭଲ ଭଲ ଭିଡିଓ ଗୁଡ଼ିକ ଟ୍ରେଣ୍ଡ ରେ ଥିଲା ବେଳେ ଏହି ଗୀତଟି ଇନଷ୍ଟାଗ୍ରାମ ଓ ୟୁଟ୍ୟୁବରେ ପୁରା ଟ୍ରେଣ୍ଡିଙ୍ଗ୍ ରେ ଚାଲିବ ବୋଲି କହିଛନ୍ତି ନିର୍ଦ୍ଦେଶକ ବାବୁ ବାବୁ।

## ଶନି ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦଯାପିତ

**ସୋନପୁର,୧୮।୧୧(ସଂଚାର ବ୍ୟୁରୋ):** ସଦର ବ୍ଲକର ଲଛୀପୁର ସ୍ଥିତ ଶିବାମନ୍ଦିର ପ୍ରାଙ୍ଗଣରେ ନୂତନ ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ମହୋତ୍ସବ ରବିବାର ଉଦଯାପିତ ହୋଇ ଯାଇଛି, ଗତ ୧୭ ତାରିଖରେ ବୁଧବାର ଦିନ ଲଛୀପୁର ଗ୍ରାମ ପରିକ୍ରମା କରାଯାଇ କୋଳସ ଶୋଭାଯାତ୍ରା ସହ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଥିଲା । ଆଜି ଲଛିପୁର ସ୍ୱପ୍ନେଶ୍ୱର ଶିବ ମନ୍ଦିର ଶିଖରରେ କଳସ ସ୍ଥାପନ ଉତ୍ସବ ସହ ମନ୍ଦିର ମଧ୍ୟରେ ଶନିଶ୍ଚର ମହା ଗ୍ରହଙ୍କ ବିଗ୍ରହ ସ୍ଥାପନ ଏବଂ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦଯାପିତ ହୋଇ ଯାଇଛି, ଏହି କାର୍ଯ୍ୟକ୍ରମ ରେ ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବ ରେ ଲକ୍ଷ୍ମୀ କାନ୍ତ ଓ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି,



ବାଲେଶ୍ୱର ରଣା ଓ ହେମବତୀ ରଣା ମେହେର କର୍ତ୍ତା ଭାବେ ଉପସ୍ଥିତ ଥିଲେ, ବିଦ୍ୟାଧର ଦେହୁରୀ ଓ ନେତ୍ରମଣି ଦେହୁରୀ ମୁଖ୍ୟ ପୂଜକ ଥିଲେ, ଲଛିପୁର ସ୍ୱପ୍ନେଶ୍ୱର ଶିବ ମନ୍ଦିର ର ପୂଜକ ସୁରେନ୍ଦ୍ର ମହାପାତ୍ର, ସୁଶାନ୍ତ ବଡ଼ମାଳୀ ଙ୍କ ନେତୃତ୍ୱ ରେ ମନ୍ଦିରର ସମସ୍ତ ପୂଜକ ସହଯୋକ କରିଥିଲେ, ଲଛୀପୁର ଯୁବ ସମାଜ ର ବ୍ୟାସଦେବ ରଣା, ପୁର୍ଣଚନ୍ଦ୍ର ମେହେର, ଦୂତିଆ ହାତୀ, ଈଶ୍ୱର ବାଘ, ଅଶୋକ ଦନ୍ତା, ଜଗନ୍ନାଥ, ସଚ୍ଚିଦାନନ୍ଦ ସାହୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆୟୋଜନ ରେ ସହଯୋଗ କରିଥିଲେ ।

# ନବଜାତ କନ୍ୟା ବିକ୍ରି ଘଟଣା

**ପାଟଣାଗଡ଼,୧୮।୧୧ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ସାନଗୁର୍ଜିଭଟା ଗ୍ରାମ ପାଲିପଡ଼ା ରେ ଏକ ନବଜାତ ଶିଶୁ କନ୍ୟା କୁ ବିକ୍ରି କରାଯାଇଥିବା କଥା ଏବେ ଜୋର ସୋର ରେ ଚର୍ଚ୍ଚା ଚାଲିଛି । ଏହି ଘଟଣା ବିଷୟରେ ଗଣମାଧ୍ୟମରେ ଖବର ପ୍ରଶାରଣ ପରେ ଖପ୍ରାଖୋଲ ସ୍ୱାସ୍ଥ୍ୟ ଅଧିକାରୀ ଉକ୍ତ ମହିଳା ଙ୍କ ବାସ ଗୃହକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ ହେଲେ ଶିଶୁ କନ୍ୟା ଟି କେଉଁଠି ଅଛି କେଉଁ ଆବସ୍ଥା ରେ ଅଛି କିଛି ସଠିକ ଉତ୍ତର ମିଳିନଥିଲା । ମାଁ କହୁଛନ୍ତି ତାଙ୍କ ନବଜାତ ଶିଶୁ କନ୍ୟା କୁ ତାଙ୍କ ସମ୍ପର୍କୀୟ ଙ୍କ ହାତରେ ଟେକି ଦେଇଛନ୍ତି ହେଲେ ଯାହା ହାତରେ ଶିଶୁ କନ୍ୟା କୁ ଟେକି ଦେଇଛନ୍ତି ତାଙ୍କର ସମ୍ପୂର୍ଣ୍ଣ ଠିକଣା ଜାଣିନାହାନ୍ତି ସେଥିପାଇଁ ଶିଶୁ ବିକ୍ରି ସନ୍ଦେହ ଘନୀଭୂତ ହେବାରେ ଲାଗିଛି । ତଦନ୍ତରେ ଯାଇଥିବା ସି ଡବ୍ଲୁ ସି ମେମ୍ବର ମାଁ ଠାରୁ ସନ୍ତୋଷ ଜନକ ଉତ୍ତର ପାଇନ ପାରି ଲାଠୋର ଥାନରେ ଏକ ରିପୋଟ ଦେଇଛନ୍ତି ଲାଠୋର ପୋଲିସ ଶିଶୁ କନ୍ୟା କୁ ଉଦ୍ଧାର କରିବା ପାଇଁ ତାଙ୍କର ତଦନ୍ତ ଜାରି ରଖିଥିବା ଜଣା ଯାଇଛି । ମିଳିଥିବା ସୂଚନା ଅନୁସାରେ ସାନଗୁର୍ଜିଭଟା ପାଲିପଡ଼ା ର ଜଣେ ମହିଳା ଙ୍କୁ ଆଶା କର୍ମୀ ସୁନାମୁଡି ଉପ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପ୍ରସବ କରାଇବାକୁ ନେଇ ଥିଲେ ସୁନାମୁଦୀ ସ୍ୱାସ୍ଥ୍ୟ କର୍ମୀ ମହିଳାଙ୍କ ନର୍ମାଲ ଡେଲିଭେରୀ କରାଇଥିଲେ ମହିଳା ଙ୍କ ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା । ଉଭୟ ମାଁ ଓ ଶିଶୁ ଙ୍କ ସ୍ୱାସ୍ଥ୍ୟ ଭଲଥିବାରୁ ଆଶା କର୍ମୀ ତାଙ୍କ ଘରେ ଛାଡି ଦେଇଥିଲେ । ତିନି ଦିନ ପରେ ଆଶା କର୍ମୀ ଶିଶୁର ସ୍ୱାସ୍ଥ୍ୟ ବିଷୟରେ ଜାଣିବା ପାଇଁ ମହିଳା ଙ୍କ ଘରକୁ ଯାଇଥିଲେ ଦେଖିଲେ ମାଁ ଏକାକି ଅଛି ଶିଶୁ କନ୍ୟା ନାହିଁ ପଚାରିବାରୁ କନ୍ୟା କୁ ତାଙ୍କ ସମ୍ପର୍କୀୟ ଙ୍କ ହାତରେ ଟେକି ଦେଇଛି ଏହା ଜାଣି ଆଶା କର୍ମୀ ସାନଗୁର୍ଜିଭଟା ସ୍ୱାସ୍ଥ୍ୟ କର୍ମୀ ଙ୍କୁ ଜଣାଇଥିଲେ, ସ୍ୱାସ୍ଥ୍ୟ କର୍ମୀ ସୁପରଭାଇଜର ଙ୍କୁ ଜଣାଇଦେଲେ । ଏହି ଖବର ଗଣମାଧ୍ୟମ ରେ ପ୍ରଚାରିତ ହେଲା ପରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ତତ୍ପରତା ପ୍ରକାଶ କରି ତଦନ୍ତ କରିଥିଲେ ପରେ ପରେ ସି ସି ଡବ୍ଲୁ ସି ସଦସ୍ୟ, ଲାଠୋର ପୋଲିସ, ମହିଳା ଶିଶୁ ବିଭାଗ ସୁପରଭାଇଜର, ମହିଳା ଙ୍କ ଘରକୁ ଯାଇ ତଦନ୍ତ କରିଥିଲେ, ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଶିଶୁ କେଉଁଠି ଅଛି କିପରି ଓ କାହା ପାଖରେ ଅଛି ଜଣା ପଡି ନାହିଁ । ପ୍ରକୃତ ରେ ଶିଶୁ କନ୍ୟା ବିକ୍ରି ହେଇଛି ନାଁ ମାଁ ତାଙ୍କ ସମ୍ପର୍କୀୟ ଙ୍କ ହାତରେ ଟେକି ଦେଇଛନ୍ତି ଜାଣିବା ପାଇଁ ଲୋକଙ୍କ ମନରେ ଉତ୍କଣ୍ଠା ଜାଗି ରହିଛି ।

### ମା' କୋଳକୁ କେବେ ଫେରିବ ?

## ସ୍ୱର୍ଣ୍ଣପଦକ ପାଇଲେ ରାଜକିଶୋର

**ରାଇଘର,୧୮।୧୧(ସଂଚାର ବ୍ୟୁରୋ):** ଜଣେ ମେକାନିକଙ୍କ ପୁଅ ସ୍ୱର୍ଣ୍ଣପଦକରେ ଭୁବନେଶ୍ୱରରେ ସଂମ୍ମାନିତ ହେଲେ ସୂଚନା ଅନୁଯାଇ ନବରଙ୍ଗପୁର ଜିଲ୍ଲାର ଉପାନ୍ତ ଅଂଚଳ ରାଇଘର ବ୍ଲକ ସଦର ମହକୁମା କୋଦଭଟା ସାହିର ଅସୀମ କୁମାର ରାୟ ଙ୍କ ପୁଅ ରାଜକିଶୋର ରାୟ ଭୁବନେଶ୍ୱର ବିଶ୍ୱ କୁଶଳୀ ତାଲିମ କେନ୍ଦ୍ର ଭୁବନେଶ୍ୱର ଠାରେ ଥିବା ମେକାନିକାଲ ଏବଂ ଇଲେକ୍ଟ୍ରିକାଲ ସର୍ଭିସ ରେ ସ୍ୱର୍ଣ୍ଣ ପଦକ ରେ ସଂମାନିତ ହେଇଛନ୍ତି,ଓଡିଶାର ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ରାଜକିଶୋର ଙ୍କୁ ପୁରସ୍କୃତ କରିଥିଲେ, ରାଜକିଶୋର ରାଇଘର ଠାରେ ଥିବା ଶ୍ରୀ ଅରବିନ୍ଦ ପୁର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ପ୍ରଥମ ଶ୍ରେଣୀ ରୁ ସପ୍ତମ ଶ୍ରେଣୀ ପଢିବା ପରେ ଅଷ୍ଟମ ଏବଂ ଦଶମ ପଢିଲେ ସଂଗ୍ରାମି ରବି ସିଂ ହାଇସ୍କୁଲ ସିଲାଟି ଗ୍ରାମରେ,ଜୟପୁର ଠାରେ ଥିବା ବିକ୍ରମ ଦେବ ମହାବିଦ୍ୟାଳୟ ଠାରେ ଯୁକ୍ତଦୁଇ ବିଜ୍ଞାନ ପଢିବା ପରେ ରାଇଘର ଠାରେ ଥିବା ଶିଳ୍ପ ତାଲିମ କେନ୍ଦ୍ରରେ ଉର୍ତ୍ତିନ ହେବା ପରେ ଆଗୁଆ କୁଶଳୀ ଉନ୍ନୟନ ରେ ପାଠ ପଢିବାପାଇଁ ବିଶ୍ୱକୁଶଳୀ ତାଲିମ ସେଣ୍ଟର ଭୁବନେଶ୍ୱର ରେ ମେକାନିକାଲ ଏବଂ ଇଲେକ୍ଟ୍ରିକାଲ ରେ ପୁରସ୍କୃତ ହେବା ପରେ ତାଙ୍କ ଘରେ ଖୁସିର ମାହୋଲ ଦେଖିବାକୁ ମିଳିଛି,ମଧ୍ୟବିତ୍ତ ପରିବାରର ଜଣେ ମେକାନିକ ଙ୍କ ପୁଅ ବାପା ମେକାନିକ ଟିଏ ଘରର ଆର୍ଥିକ ଅବସ୍ଥା ଏତେ ଭଲ ନ ଥିବାବେଳେ ମା ତୃପ୍ତି ରାୟ ଗୃହିନି ଏତେବଡ଼ ସଫଳତା ହାସଲ କରି ରାଇଘର ପାଇଁ ଗୌରବ ଆଣିଥିବା ବେଳେ ବିଭିନ୍ନ ମହଲରୁ ରାଜ କିଶୋର ଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।



## ସର୍ବଭାରତୀୟ ଅଖଣ୍ଡ ଭୂୟାଁ ମହା ସମାଜ ତରଫରୁ ସାମ୍ବାଦିକ ସମ୍ମିଳନୀ



**ସୁନ୍ଦରଗଡ,୧୮।୧୧(ସଂଚାର ବ୍ୟୁରୋ):** ସୋମବାର ଅପରାହ୍ନ ୧୨ ଟା ସମୟରେ ସୁନ୍ଦରଗଡ ସହରର ନିର୍ଦ୍ଦିଷ୍ଟ ଏକ ହୋଟେଲରେ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ମହା ସମାଜ ତରଫରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ବକ୍ତାମାନେ କହିଥିଲେ କେନ୍ଦ୍ର ସରକାର ହେଉ କି ରାଜ୍ୟ ସରକାର ସୁନ୍ଦରଗଡ ଜିଲ୍ଲାକୁ ସବୁ ସମୟରେ ଅବହେଳା କରୁଛନ୍ତି। ସୁନ୍ଦରଗଡ ଜିଲ୍ଲାକୁ ମରୁଡି ଘୋଷଣା ପ୍ରସଙ୍ଗ ହେଉ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ ହେଉ କିମ୍ବା ରେ ଏମ୍ସ ପ୍ରତିଷ୍ଠା ପ୍ରସଙ୍ଗ ହେଉ, ଏପରି ଅନେକଗୁଡ଼ିଏ ସମସ୍ୟା ଅଛି ସବୁଥିରେ ସୁନ୍ଦରଗଡକୁ ଅଣଦେଖା କରାଯାଇଛି। ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ ନିଜ ଜାତି ସମାଜ ପାଇଁ ଲଢ଼େଇ କରିବା ସହ ସୁନ୍ଦରଗଡ ଜିଲ୍ଲାର ସାମୁହିକ ବିକାଶ ପାଇଁ ଲଢ଼େଇ କରିବା ପାଇଁ ଆଗେଇ ଆସିଛି। ସୁନ୍ଦରଗଡ ମାଟିର ସ୍ୱାଭିମାନ ପାଇଁ ମାଟିକୁ ଉଚିତ୍ ସମ୍ମାନ ପାଇଁ ଦିର୍ଘ ୧୫ ବର୍ଷ ହେବ ଆଦିବାସି ଭୂୟାଁ ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପାଇଁ ସଂଗ୍ରାମ କରି ଆସୁଛି। ଏହା ସହ ସୁନ୍ଦରଗଡ ଜିଲ୍ଲାର ଅନେକ ସଙ୍ଗଠନ ମାଦ୍ରୀ କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପାଇଁ ଦାବି କରି ଆସୁଛନ୍ତି। ଦୀର୍ଘ ବର୍ଷ ହେବ ଏ ପ୍ରସଙ୍ଗରେ ରାଜ୍ୟ ଓ କେନ୍ଦ୍ର ସରକାର ପରସ୍ପର ବଲ ଫିଙ୍ଗା ଫିଙ୍ଗି ହେଉଛନ୍ତି।

## ସୁବର୍ଣ୍ଣପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




**ସୁବର୍ଣ୍ଣପୁର,୧୮।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ରାମ ପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୧୪ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ଗୋଟିଏ ଜରୁରୀ କାଳୀନ ଆର୍ଥିକ ସହାୟତା ମିଳିବା ପାଇଁ ହସ୍ତଗତ ହୋଇଥିବା ଆବେଦନ ପତ୍ରର ତଦନ୍ତ ପାଇଁ ପ୍ରେରଣ କରାଯାଇଛି। ଏହି ଅବସରରେ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଅନ୍ଧରିବଞ୍ଜି ଗ୍ରାମ ପଞ୍ଚାୟତ ର ନାରାୟଣ ସାହୁଙ୍କୁ ଶିଶୁଙ୍କ ଶିକ୍ଷା ସହାୟତା ନିମନ୍ତେ ଟ. ୮୪୦୦.୦୦, ମୟାବର୍ହା। ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଧାନବାସ। ଗ୍ରାମର ସୁକାନ୍ତ ଛତରଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ନିମନ୍ତେ ୫୦,୦୦୦ ହଜାର ଟଙ୍କା, ସୁଖୀ। ଗ୍ରାମର ସୁଭଦ୍ରା ଭୋଇଙ୍କୁ ଅନ୍ତିମ ସଂସ୍କାର ସହାୟତା ନିମନ୍ତେ ୫୦୦୦ ହଜାର ଟଙ୍କା ଓ ମୃତ୍ୟୁ କାଳୀନ ସହାୟତା ନିମନ୍ତେ ଇଚ୍ଛାପୁର ଗ୍ରାମର ଶ୍ରୀମତୀ ଫୁଲ ତରିଆ ୨ଲକ୍ଷ ଟଙ୍କାର ଶ୍ରମିକ କଲ୍ୟାଣ ଆର୍ଥିକ ସହାୟତା ର ଡେମୋ ଚେକ୍ ପ୍ରଦାନ କରାଯାଇଥିଲା। ଏହି ଡେମୋ ଚେକ୍ ବିତରଣ ସମୟରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ଜିଲ୍ଲା ଶ୍ରମ ଅଧିକାରୀ ସୁଶ୍ରୀ ସବିତା କୁମାରୀ ନାୟକ ଓ ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ଉପସ୍ଥିତ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡୁଙ୍ଗୁରିପାଲି, ଶ୍ରୀ ବିପିନ କୁମାର ଦୀପଙ୍କ ତାତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଅହଲ୍ୟା ସାହୁଙ୍କ ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ଶ୍ରୀ ଶ୍ରୀମତୀ ସୌମ୍ୟାରୂପା ରଥ, ତହସିଲଦାର, ଡୁଙ୍ଗୁରିପାଲି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଭରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀ ଅର୍ଜୁନ ମାଝୀ, ବିଭିନ୍ନ ଜିଲ୍ଲା, ତହସିଲ,ବ୍ଲକ ସ୍ତରୀୟ ଅଧିକାରୀ ଓ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



**ସିନାପାଲି,୧୮। ୧୧(ସଂଚାର ବ୍ୟୁରୋ):** ସିନାପାଲି ବ୍ଲକ ଅନ୍ତର୍ଗତ ଲିଟିଗୁଡା ପଞ୍ଚାୟତ କାର୍ଯ୍ୟାଳୟ ରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିର ରେ ୩୦ରୁ ଅଧିକ ବିଭିନ୍ନ ସମସ୍ୟା ନେଇ ଜନସାଧାରଣଙ୍କ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଲିଟିଗୁଡା ପଞ୍ଚାୟତ ସରପଞ୍ଚ ରଶ୍ମିତା ଚିନାଗୁନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିନାପାଲି ବିଡିଓ କାର୍ମି ଓରାମ , ତହସିଲଦାର ଉପାଞ୍ଜଳି ମାଝି, ଏଇଇ ପ୍ରଦୋଷ କୁମାର ବେହେରା, ଉପାଧ୍ୟକ୍ଷା ମିନା ଘିଭେଲା, ଏମଆଇ ଦେବେନ୍ଦ୍ର ସେଠିଆ, ଡବ୍ଲୁଇଓ ସୁନିଲ ସାମଲ, ବିପିଏମ ମିଥୁନ ତାଣ୍ଡି, ବିଏସଏସଓ ରଜନିକାନ୍ତ ବୋହିଦାର, ଆଁଇସିଡିଏସ୍ ସୁପରଭାଇଜର ସକୁନ୍ତଲା ଦାସ, ଜିପିଡିଓ ସଂଜୟ କୁମାର ମହାନନ୍ଦ, ପିଇଓ ମନୋଜ କୁମାର ସା ସମେତ ଅନ୍ୟାନ୍ୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର

**ପାଟଣାଗଡ଼,୧୮।୧୧(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ କେରବେଡା ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ପାଟଣାଗଡ ଏବିଡିଓ ମେନକା ମେହେର ଯୋଗଦେଇ ଲୋକଙ୍କ ଅଭିଯୋଗ ଗ୍ରହଣକରି ସମାଧାନ କରିଥିଲେ । ଅଭିଯୋଗ ମାନଙ୍କ ଭିତରେ ନୂତନ ରେସନ କାର୍ଡ,




ପ୍ରଧାନମନ୍ତ୍ରୀ ଆବାସ ଓ ବସୁନ୍ଧରା ଯୋଜନାରେ ସାମିଲ କରିବା ପାଇଁ ହିତାଧିକାରୀ ମାନେ ଆବେଦନ କରିଥିଲେ । ଏହି ଜଣ ଶୁଣାଣୀ ଶିବିରରେ ସିଡିପିଓ, ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ,ବିଏସଏସଓ, କ୍ଷୁଦ୍ର ଜଳସେଚନ ,କୃଷି ଖାଦ୍ୟ ଯୋଗାଣ କର୍ମଚାରୀ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ ।

## ଆମକୁ ରାସ୍ତା ଦିଅ, ନଚେତ ଇଚ୍ଛା ମୃତ୍ୟୁ ପାଇଁ ଅନୁମତି ଦିଅ




**ସୁବର୍ଣ୍ଣପୁର,୧୮।୧୧(ସଂଚାର ବ୍ୟୁରୋ):** ଆମକୁ ରାସ୍ତା ଦିଅ ନଚେତ ଇଚ୍ଛା ମୃତ୍ୟୁ ପାଇଁ ଅନୁମତି ଦିଅ । ଏହି ପରି ଏକ ସମ୍ବେଦନ ଶିଳ ଘଟଣା ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ। ନିଜ ଘରକୁ ଏକ ସବୁ ଦିନିଆ ରାସ୍ତା ପାଇଁ ଆମରଣ ଅନସନରେ ବସିଲେ ଗୋଟିଏ ପରିବାରର ଦୁଇ ଅସହାୟ ସ୍ୱାମି ସ୍ତ୍ରୀ । ସୋନପୁର ସହର ଗ୍ରୀଡ କଲୋନିରେ ଗତ କିଛି ବର୍ଷ ତଳେ ସାଧୁ ଚରଣ ପାଣୀଗ୍ରାହୀ ଏକ ଘର କିଣି ଥିବା ବେଳେ ଏହି ଘରକୁ ଏକ ସବୁଦିନିଆ ରାସ୍ତା ବି ଥିଲା। ହେଲେ ଏବେ ସେହି ଘରକୁ ଯାଇଥିବା ରାସ୍ତା କୁ ହରୀ ସାହୁ ଓ ରତ୍ନାକର ସହୁ ମିଶି ଏକ ୮ ଫୁଟିଆ ସିମେଣ୍ଟ ବାଢ ଦେଇ ରାସ୍ତାକୁ ଅବରୋଧ କରିଛନ୍ତି । ଫଳରେ କୌଣସି ଜରୁରୀ କାମ ବା ମେଡିକାଲ କାମ ପଡିଲେ ପରିବାରକୁ ବହୁ ଅସୁବିଧାରେ ଯିବାଆସିବା କରିବାକୁ ପଡୁଛି ଏପରିକି କିଛି ଦିନ ତଳେ ସ୍ତ୍ରୀଙ୍କୁ ସ୍ଥାନିୟ ମେଡିକାଲ ନେବା ପାଇଁ ଅଗ୍ନୀ ଶମ ବାହିନୀର ସହାଯ୍ୟ ନେବାକୁ ମଧ୍ୟ ପଡିଥିଲା । ନଚେତ ସବୁଦିନ ବହୁ କଷ୍ଟରେ ବାଢ ଡେଇଁ ଯିବାଆସିବା କରୁଛନ୍ତି । ଏହି ସମ୍ପର୍କରେ ସ୍ଥାନିୟ ଥାନା ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ରାସ୍ତା ପାଇଁ ଗୁହାରୀ କରିଥିଲେ ମଧ୍ୟ କେହି ଶୁଣୁନଥିବାରୁ ଅନ୍ୟ କୌଣସି ଉପାୟ ନପାଇ ଆଜି ବଧ୍ୟ ହୋଇ ଏହି ନିରିହ ପରିବାର ଇଚ୍ଛା ମୃତ୍ୟୁ ପାଇଁ ଅନୁମତି ମାଗିବା ସହିତ ଆମରଣ ଅନଶନରେ ବସିଛନ୍ତି । ଏହି ଘଟଣା ସମ୍ପର୍କରେ ବହୁ ଆଗରୁ ଜିଲ୍ଲା ପ୍ରଶାସନ ଅବଗତ ଥିବା ସହିତ ଉପ-ଜିଲ୍ଲାପାଳଙ୍କୁ ରାସ୍ତା ଦେବା ପାଇଁ କହିଥିବା କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ।

# ମକା ମାଫିଆଙ୍କ ହାବୁଡ଼ରେ ସାହାଜଖୋଲ ଜଙ୍ଗଲ

**କଳାହାଣ୍ଡି, ୧୮।୧୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅଧୀନରେ ଥିବା ଖଲିଗଡ଼ ଠାରୁ ଡୋକରୀଚଞ୍ଚରା କୁ ଲାଗି ରହିଛି ସାହାଜଖୋଲ ଜଙ୍ଗଲ।ଏହି ଜଙ୍ଗଲ ଭିତରେ ବହୁ ଦିନ ଧରି ବସବାସ କରି ଆସୁଛନ୍ତି ଆଦିବାସୀ ଜାତିର ଲୋକେ।ଏହି ଆଦିବାସୀ ଲୋକଙ୍କୁ ମୋହରା ବନାଇ କେତେକ ଜମି ମାଫିଆ ପ୍ରଭାବ ଶାଳୀ ବ୍ୟକ୍ତି ଜଙ୍ଗଲ ଜମିକୁ ଅକ୍ତିଆର କରି ନେଇ ହେକ୍ଟର ହେକ୍ଟର ଜମିରେ ମକା ଚାଷ କରି ବହୁତ ଲାଭବାନ ହୋଇ ତାଙ୍କ ପକେଟ ଗରମ କରି ହାଏ ନିଶ୍ୱାସ ମାରୁଛନ୍ତି।ସୂଚନା ମିଳେଯେ, ଏହି ଜଙ୍ଗଲ କଳାହାଣ୍ଡି ଦକ୍ଷିଣ ବନବିଭାଗ ଧର୍ମଗଡ଼ ରେଞ୍ଜ ବେହେରା ଫରେଷ୍ଟ ର ଦାୟିତ୍ୱରେ ରହିଥିବା ସୂଚନା ମିଳେ ମିଳେ।ହେଲେ ଦାୟିତ୍ୱରେ ଥିବା ବନବିଭାଗର କେତେକ କର୍ମଚାରି ଓ ମକା ମାଫିଆ ଙ୍କ ସଲାସୁତୁରା ଯୋଗୁଁ ଆଦିବାସୀ ଲୋକଙ୍କୁ ମୋହରା ବନାଇ ଜଙ୍ଗଲ ର ଗଛକୁ କାଟି ହେକ୍ଟର ହେକ୍ଟର ଜମିକୁ ନିଜ ଅକ୍ତିଆର କରି ନେଇଥିବା ଅଭିଯୋଗ ହେଉଛି।ଏହି ଆଦିବାସୀ ଲୋକେ ଜଙ୍ଗଲ ଗଛକୁ ସଫା କରି ପ୍ରାୟ ୧୨ ହଜାର ରୁ ଉର୍ଦ୍ଧ୍ୱ ହେକ୍ଟର ଜଙ୍ଗଲ ଥିବା ଜମିରେ ମକା ଚାଷ କରିଥିବା ପ୍ରକାଶ ପାଇଛି।ମକା ଚାଷ କରୁଥିବା ମାଫିଆ ମାନେ ନିଜ ଲୋକ(ଆଦିବାସୀ)ଙ୍କୁ ନିଜ ଆୟତ୍ତରେ କରି ତାଙ୍କୁ ନିର୍ଦ୍ଦେଶ ଦେଇ ଜଙ୍ଗଲ କୁ କାଟି ମକା ଚାଷ କରିବା ପାଇଁ ସାହସ ଦେଇ ଥାନ୍ତି।ଏହି ଭାଗ ଚାଷରେ ମାଫିଆ ବେଶ କିଛି ଲାଭବାନ ଫାଇଦାରେ ରହିଛନ୍ତି।ଆଦିବାସୀ ଙ୍କୁ ଅଠା ଲଗାଇ ମାଫିଆ ମାନେ ମାଲେ ମାଲ ହେଉଛନ୍ତି।ଏହା ଦେଖି, ଜାଣି ଶୁଣି ବନବିଭାଗ ଚୁପ ରହିବା କେତେ ଯୁକ୍ତି ଯୁକ୍ତ ସହଜେ ଅନୁମାନ ରୁ ସନ୍ଦେହ ଉପୁଜିଛି।କଳାହାଣ୍ଡି ଜିଲ୍ଲାର ପଡୋଶୀ ଜିଲ୍ଲା ମଧ୍ୟରୁ, ନବରଙ୍ଗପୁର, ମୈଦଲପୁର, ପାପଡାହାଣ୍ଡି, ଝରିଗାଁ, ଚନ୍ଦାହାଣ୍ଡି, ଧର୍ମଗଡ଼ ଅଞ୍ଚଳ ରୁ ବେହେରା, ଧର୍ମଗଡ଼, କୋକସରା, ଟେମରା ର ର ପ୍ରଭାବଶାଳୀ ବ୍ୟକ୍ତି ବୋଲାଉଥିବା ମାଫିଆ ମାନେ ଏହି ଆଦିବାସୀ ମାନଂକୁ ମକା ବିହନ ଯୋଗାଇ ଚାଷ କରିବା ପାଇଁ ସେମାନଂକୁ ଉସୁକାଇ ଚାଷ କରିବାରେ ସହଯୋଗ କରୁଥିବା ଅଭିଯୋଗ ହେଉଛି।ପୂର୍ବେ ସାହାଜ ଖୋଲ ଜଙ୍ଗଲ ଭରପୁର ଗଛ ରେ ଭରି ସବୁଜ ସୁନ୍ଦର ଦେଖା ଯାଉଥିଲା।ଏବେ ଆଦିବାସୀ ମାନଙ୍କ କବ୍ଜାରେ ରହି ଆସିବାରୁ ଏମାନେ ବିଭିନ୍ନ ପ୍ରକାର ଚାଷ କାମ କରିବା ପାଇଁ ଜଙ୍ଗଲ କୁ ପଦା କରିଆସିବାରୁ ଟାଙ୍ଗରା ଦେଖା ଗଲାଣି।ଏହି ଜଙ୍ଗଲ ରେ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ସହ ନାମୀ ଦାମୀ ବୃକ୍ଷ ଭରି ରହିଥିବା ବେଳେ ତାହା ଧୀରେ ଜଙ୍ଗଲ କଟା ଯାଉଥିବା ଯୋଗୁଁ ଲୋପ ପାଇବାରେ ଲାଗିଲାଣି।ଏବେ ମକା ଚାଷର ଅମଳ ହେଲାଣି, ହେଲେ ମାଫିଆ ମାନେ ପୂର୍ବରୁ ଏହି ଆଦିବାସୀ ମାନଂକୁ ମକା ବିହନ ଯୋଗାଇ ଥିବା ଓ ଚାଷ ସମୟରେ ଟଙ୍କା ଋଣ ଦେଇଥିବା ର ଫାଇଦା ଉଠାଇ ସେମାନଙ୍କ ଠାରୁ କମ ଦରରର ମକା କିଣି ମାଫିଆ ମାନେ ଚଡ୍ଡା ଦରରରେ ବିକି ବେଶ ଟଙ୍କାର ମାଲିକ ସାଜିଛନ୍ତି।ଏପଟେ ଭରପୁର ରେ ଥିବା ଜଙ୍ଗଲ ପଦା ହୋଇ ପରିବେଶ କୁ ସନ୍ତୁଳନ ଦେବାରେ ସମର୍ଥ ହୋଇ ପାରୁ ନାହିଁ।ଯାହା ଫଳରେ ଖରା ଦିନ ତାପ ମାତ୍ରାରେ ବଢ଼ିବାରେ ଲାଗିଛି।ଏହି ଘଟଣା ବିଭିନ୍ନ ଖବର କାଗଜରେ ଦୈନନ୍ଦିନ ପ୍ରକାଶିତ ହେଉଥିଲେ ମଧ୍ୟ ଟଙ୍କା ଲେନ ଦେନ ହିସାବ ଠିକ ଥିବାରୁ ଜଙ୍ଗଲ ବିଭାଗର କର୍ମଚାରୀଙ୍କ ଦୃଷ୍ଟି ଗୋଚର ହୋଇ ପାରୁ ନାହିଁ।ଯଦି ବି ଦୃଷ୍ଟି ପଡେ କାଁ ଭାଁ କିଛି ତଦାରଖ କରି ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ତାଙ୍କ କାର୍ଯ୍ୟ କଳାପ ଦେଖନ୍ତି।ପରେ ଯେମିତି କୁ ସେମିତି ସ୍ଥିର ହୋଇ ଯାଏ ବୋଲି ଅଭିଯୋଗ ହେଉଛି।

